RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-134 MONDAY 10 NOVEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୩୪ ସୋମବାର ୧୦ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦




ପ୍ରମୋଦଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

▸କ୍ରୀଡ଼ା ପୃଷ୍ଠାରେ...

## ବିହାରରେ ସରିଲା ନିର୍ବାଚନ ପ୍ରଚାର: ୧୧ରେ ଭୋଟ, ୧୪ରେ ଫଳାଫଳ

# ନିଦ ହଜାଇଛନ୍ତି ମହିଳା ଭୋଟର

**ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମତଦାନ**

**ଦ୍ୱନ୍ଦ୍ୱରେ ନେତା, ଉତ୍ସାହିତ ମତଦାତା**

**ଆକଳନ କରିପାରୁ ନାହାନ୍ତି ବିଶେଷଜ୍ଞ**





**ପାଟନା, ୯।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ଅନ୍ତିମ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବାକୁ ଯାଉଛି। ଏଥିପାଇଁ ଆଜି ସନ୍ଧ୍ୟା ୫ଟାରୁ ନିରବ ସମୟ (ସାଇଲେଣ୍ଟ ଆୱାର) ଆରମ୍ଭ ହୋଇଛି। ୧୪ ତାରିଖ ତଥା ଶୁକ୍ରବାର ଫଳାଫଳ ପ୍ରକାଶ ପାଇବ। ମତଦାନ ପୂର୍ବରୁ ଭାରତ-ନେପାଳ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ସୀମା ସିଲ୍ କରିଦିଆଯାଇଛି। ଏହି ଅବଧି ମଧ୍ୟରେ ସୀମାରେ ଲୋକଙ୍କ ଗମନାଗମନ ଉପରେ କଟକଣା ଲଗାଇଦିଆଯାଇଛି। ବିହାର ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ମେଣ୍ଟ ଏବଂ ଆରଜେଡି ମେଣ୍ଟ ମଧ୍ୟରେ ହେଉଛି। ଉଭୟ ପକ୍ଷ ବିଜୟକୁ ନେଇ ଆଶାବାଦୀ ଥିବା ବେଳେ ▸ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ | କ୍ଷେତ୍ର ଛାଡ଼ିଲେ ବାହାର ନେତା

**ରବିବାର ଅପରାହ୍ଣ ୪ଟାରୁ ନିରବ ଅବଧି ଆରମ୍ଭ**

**ନିର୍ବାଚନମଣ୍ଡଳୀରେ ୫୭ ସମ୍ବେଦନଶୀଳ ବୁଥ୍**

**ଆଜି ମତଦାନ କେନ୍ଦ୍ରକୁ ଯିବେ ପୁଲିଂ ପାର୍ଟି**

**ନୂଆପଡ଼ା, ୯।୧୧(ସମିସ):** ରାଜ୍ୟର ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ରବିବାର ସନ୍ଧ୍ୟାରେ ଶେଷ ହୋଇଛି ପ୍ରଚାର। ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସମେତ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ▸ପୃଷ୍ଠା-୭

# ଆଗକୁ ବ୍ୟାଙ୍କ୍‌ର ମହାମିଶ୍ରଣ

## ସବୁ ମିଶି ଦେଶରେ ରହିବେ ୫ଟି ବ୍ୟାଙ୍କ



**ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି):** କେନ୍ଦ୍ର ସରକାର ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାର ଏକ ଅଂଶ ସ୍ୱରୂପ, ସରକାର ବ୍ୟାଙ୍କଗୁଡ଼ିକର ମହାମିଶ୍ରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଦେଶରେ ବ୍ୟାଙ୍କଗୁଡ଼ିକର ମିଶ୍ରଣ କରି ଏକ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଦେଶରେ ଥିବା ସମସ୍ତ ବ୍ୟାଙ୍କର ମିଶ୍ରଣ ଘଟାଇ କେବଳ ୫ଟି ବ୍ୟାଙ୍କ ରଖିବାକୁ ପ୍ରସ୍ତାବ ଥିବା ସୂଚନା ମିଳିଛି।

ରିପୋର୍ଟ ଅନୁଯାୟୀ, 'ନିତି' ଆୟୋଗର ସୁପାରିସ ଆଧାରରେ ସରକାର ଛୋଟ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରିପାରନ୍ତି। ଏହି ମେଗା ମିଶ୍ରଣର ଏକ ଅଂଶ ସ୍ୱରୂପ, ସରକାର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ତେବେ ଏହା ଗ୍ରାହକମାନଙ୍କ ପାଇଁ କିଛିଟା ସମସ୍ୟା ଆଣିପାରେ।

ମିଶ୍ରଣ ପରେ, ବ୍ୟାଙ୍କଗୁଡ଼ିକୁ ନୂତନ ବ୍ୟାଙ୍କ ପାଇଁ ସମସ୍ତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ପ୍ରକ୍ରିୟାକରଣ କରିବାକୁ ପଡିବ, ଯାହା ସେମାନଙ୍କର କାର୍ଯ୍ୟଭାର ବୃଦ୍ଧି କରିବ। ଭାରତ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆଗକୁ ବଢ଼ୁଛି। ଉଦ୍ଦେଶ୍ୟ ରହିଛି ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା, ଯାହା ଭିତ୍ତିଭୂମି, ମ୍ୟାନୁଫାକଚରିଂ ଏବଂ ଟେକ୍ନୋଲୋଜି ଭଳି ବୃହତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ବଡ଼ ଆକାରରେ ଋଣ ଦେଇପାରିବ। ଆଉ ଏହି ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ (ପିଏସ୍‌ୟୁ) ଗୁଡିକର ମିଶ୍ରଣ। ଏହି ଯୋଜନା କେବଳ ଯେ, ଭାରତୀୟ ▸ପୃଷ୍ଠା-୭

# ଡିସେମ୍ବରରୁ ମୋବାଇଲ ରିଚାର୍ଜ ମହଙ୍ଗା

**୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହେବ**

**ରିଚାର୍ଜ ଖର୍ଚ୍ଚ ପୂର୍ବାପେକ୍ଷା ୧୨% ବଢ଼ିବ**

**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଦେଶର କୋଟି କୋଟି ମୋବାଇଲ ଉପଭୋକ୍ତାଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆସନ୍ତା ଡିସେମ୍ବରରୁ ମୋବାଇଲ ସେବା ମହଙ୍ଗା ହେବ। ଟେଲିକମ୍ କମ୍ପାନୀଗୁଡିକ ଡିସେମ୍ବରରେ ସେମାନଙ୍କ ରିଚାର୍ଜ ଓ ଡାଟା ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବାକୁ ଯାଉଛନ୍ତି। ଦେଶର ତିନି ଟେଲିକମ୍ କମ୍ପାନୀ ଏୟାରଟେଲ୍, ଜିଓ ଏବଂ ଭୋଡାଫୋନ୍ ଆଇଡିଆ ସେମାନଙ୍କର ପ୍ରିପେଡ୍ ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବେ। ନୂଆ ରିଚାର୍ଜ ପ୍ଲାନ୍ ଲାଗୁ ହେବା ପରେ ଉପଭୋକ୍ତାଙ୍କୁ ପୂର୍ବ ଅପେକ୍ଷା ୧୦-୧୨ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡ଼ିପାରେ। ଏମିତିକି ବର୍ତ୍ତମାନ ଚାଲୁଥିବା ୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହୋଇଯିବ। ଏହାଛଡା ୮୪ ଦିନିଆ ବୈଧତା ବିଶିଷ୍ଟ ୨ ଜିବି ଦୈନିକ ଡାଟା ପ୍ଲାନର ମୂଲ୍ୟ ୯୪୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ହୋଇପାରେ। ତେବେ ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହି ଦର ବୃଦ୍ଧିରୁ ବାହାରେ ରହିପାରେ।

## ନବୀନଙ୍କ ଭିଡ଼ିଓ ବାର୍ତ୍ତା | ସୁଖଦୁଃଖର ସାଥୀ ହେବେ ସ୍ନେହାଙ୍ଗିନୀ

### ନୂଆପଡ଼ାରୁ ହିଁ ଆରମ୍ଭ ହେବ ବିଜେପିର ପରାଜୟ



**ଭୁବନେଶ୍ୱର, ୯।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରୁ ବନ୍ଦ ହୋଇଛି ପ୍ରଚାର। ମଙ୍ଗଳବାର ସକାଳୁ ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ନୂଆପଡ଼ାର ଭୋଟରଙ୍କ ପାଇଁ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବାର୍ତ୍ତାରେ ନବୀନ ତାଙ୍କର ନୂଆପଡ଼ା, କୋମନା, ଖରିଆର୍ ରୋଡ୍ ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇଥିବା ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛନ୍ତି। ନୂଆପଡ଼ାରେ ରହି ନୂଆପଡ଼ାବାସୀଙ୍କ ସେବା କରିବାକୁ ସ୍ନେହାଙ୍ଗିନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସବୁବେଳେ ନୂଆପଡ଼ାବାସୀଙ୍କର ସୁଖ ▸ପୃଷ୍ଠା-୭

# ଦୁର୍ଘଟଣା ନେଲା ୪ ଜୀବନ

## ଅଜଣା ଗାଡ଼ି ଧକ୍କାରେ ମା’-ପୁଅଙ୍କ ମୃତ୍ୟୁ





**ରେଢ଼ାଖୋଲ, ୯।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡିମିରିକୁଦା ଗ୍ରାମ ନିକଟରେ ଆଜି ଏକ ଦୁର୍ଘଟଣାରେ ମା’-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରେଙ୍ଗାଲି ପଞ୍ଚାୟତ ପିପିଲିକାନୀ ଗ୍ରାମର ମନୋଜ ମାଝୀ (୨୫) ଓ ତାଙ୍କ ମା’ ମଞ୍ଜୁ ମାଝୀ (୬୦)। ୯ ମାସର ଗର୍ଭବତୀ ସ୍ତ୍ରୀକୁ ସାକ୍ଷାତ କରିବା ପାଇଁ ମନୋଜ ନିଜ ଶାଶୂଘର ନାକଟିଦେଉଳ ବ୍ଲକ୍ ଝାରବେଡ଼ା ଗାଁକୁ ବାଇକ୍‌ରେ ▸ପୃଷ୍ଠା-୭

## ବାଇକ୍ ଧକ୍କାରେ ୨ ମୃତ

**କବିସୂର୍ଯ୍ୟନଗର / ପୋଲସରା / କୋଦଳା, ୯ ।୧୧ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଜଣେ ବୃଦ୍ଧଙ୍କୁ ବାଇକ୍ ଧକ୍କା ଦେବାରୁ ବୃଦ୍ଧଙ୍କ ସହ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ ଓ ବାଇକ ଚାଳକ ପୋଲସରା ଥାନା ଅନ୍ତର୍ଗତ ରାଣିପଡ଼ା ଗ୍ରାମର ମିଟୁ ପରିଡ଼ା।

ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରିଥିଲେ। ନାଟକ ସରିବା ପରେ ରବିବାର ଭୋର୍‌ରେ ସେ ବାଇକ୍ ଯୋଗେ ▸ପୃଷ୍ଠା-୭

## ୧୫ ଡିଗ୍ରୀ ତଳେ ୮ ସହର ତାପମାତ୍ରା

**ଭୁବନେଶ୍ୱର, ୯।୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଲଗାତାର ଗତ ୨-୩ ଦିନ ହେବ ଅଧିକାଂଶ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟରେ ବର୍ତ୍ତମାନ କ୍ରମାଗତ ଭାବେ ଉତ୍ତରା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ ୮ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ଥିବା ବେଳେ ୨ଟି ସହର ତାପମାତ୍ରା ୧୧ଡିଗ୍ରୀ ଛୁଇଁଛି। ଦାରିଙ୍ଗବାଡିରେ ତାପମାତ୍ରା ୧୧ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡା ୧୧.୭, ଫୁଲବାଣୀ ୧୨, ରାଉରକେଲା ୧୩.୨, ଭଦ୍ରକ ୧୪, ଅନୁଗୁଳ ୧୪.୬, କେନ୍ଦୁଝର ୧୪.୬ ଓ କୋରାପୁଟରେ ତାପମାତ୍ରା ୧୪.୬ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ▸ପୃଷ୍ଠା-୭

## ମୟୂରଭଞ୍ଜରେ ଚାଞ୍ଚଲ୍ୟ | ଲୁଟ୍ ପାଇଁ ଗୁଳି କରି ମାରିଦେଲେ

**ବଳଦ କିଣିବାକୁ ହାଟକୁ ଯାଉଥିଲେ**

**ଲୁଟି ନେଲେ ୫୦ ହଜାର ଟଙ୍କା**

**ରାଇରଙ୍ଗପୁର / ଶୁକ୍ରୁଳି, ୯।୧୧ (ସମିସ):** ଯୁବକଙ୍କୁ ଗୁଳି କରି ହତ୍ୟା କରିବା ସହ ଲୁଟିନେଲେ ୫୦ହଜାର ଟଙ୍କା।। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ କେନ୍ଦୁଆପୋଲ ନିକଟରେ ରବିବାର ଦିନ ଦ୍ୱିପହରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ, ହାରା ମହାନ୍ତ। ତାଙ୍କ ଘର କଳନ୍ଦାରେ। ସେ କେନ୍ଦୁଝର ଜିଲ୍ଲାର ଖୁଣ୍ଟାପଡ଼ାସ୍ଥିତ ଶଶୁର ଘରେ ରହୁଥିଲେ। ଘାଗରବେଡ଼ା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ, ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ବଳଦ କିଣିବାକୁ ହାରା ଆଜି ଅଙ୍ଗାରପଦା ସାପ୍ତାହିକ ହାଟକୁ ଏକ ବାଇକ୍‌ରେ ଯାଉଥିଲେ। ପାଖରେ ତାଙ୍କର ୫୦ ହଜାର ଟଙ୍କା ଥିଲା। ଏହି ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ସେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା କେନ୍ଦୁଆ ପୋଲ ପାର୍ ହେଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବାଟ ଓଗାଳିଥିଲେ। ହାରା କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ▸ପୃଷ୍ଠା-୭

## ମୁଗ ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରୁନି ଓଡ଼ିଶା

# ଚାଷୋପଯୋଗୀ ହେଉନି ସରକାରୀ ବିହନ

**ରୋଗ ସହଣି କ୍ଷମତା କମ୍; ସୁହାଉନି ଜଳବାୟୁ**

**ଧଳା ମାଛି ଲାଗି ହଳଦିଆ ପଡ଼ିଯାଉଛି ପତ୍ର**

**ସ୍ଥାନୀୟ କିସମ ବିକଶିତ ହେଲେ ଉତ୍ପାଦନ ବଢ଼ିବ**



**ଭୁବନେଶ୍ୱର, ୯।୧୧ (ବିଶ୍ୱଜିତ ଗାଇଗରିଆ):** ଧାନ ଚାଷ ପରେ ଡାଲି ଜାତୀୟ ଫସଲ କଲେ ମାଟିର ଉର୍ବରତା ବଢ଼ିବ। ଡାଲି ଜାତୀୟ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ। ଡାଲି ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ କୃଷକଙ୍କ ବାର୍ଷିକ ଆୟ ମଧ୍ୟ ବଢ଼ିବ। ଏପରି ମହତ ଉଦ୍ଦେଶ୍ୟ ନେଇ ସରକାର ରାଇସ୍ ଫେଲୋ ମ୍ୟାନେଜମେଣ୍ଟ (ଆର୍‌ଏଫ୍‌ଏମ୍) ଯୋଜନା ଅଧୀନରେ ଚାଷୀମାନଙ୍କୁ ମୁଗ ବିହନ ପ୍ରଦାନ କରୁଛନ୍ତି। ହେଲେ ସରକାରୀ ବିହନ ଗଜା ହେଉନି। ଯେତିକି ଗଛ ଉଠୁଛି ତହିଁରେ ରୋକପୋକ ଅଧିକ ମାତ୍ରାରେ ଲାଗୁଛନ୍ତି। ଫଳରେ ସରକାରୀ ବିହନକୁ ଚାଷ କରିବା ପରିବର୍ତ୍ତେ ବଜାରରୁ ଡାଲି କିଣି ରାନ୍ଧି ଖାଇବାକୁ କୃଷକମାନେ ଶ୍ରେୟସ୍କର ମଣୁଛନ୍ତି।

ମୁଗ ଚାଷ ପାଇଁ ସରକାର ଏକର ପିଛା ୮କେଜି ବା ହେକ୍ଟର ପିଛା ୨୦ ▸ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।





ଅଧିକ ବିବରଣୀ ପାଇଁ,
ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ଗୁଜରାଟରେ ତିନି ଆତଙ୍କବାଦୀ ଗିରଫ

ଅହମଦାବାଦ, ୯।୧୧ (ଏଜେନ୍ସି): ଗୁଜରାଟ ପୁଲିସ ଆଜି ଅରମଦାବାଦରେ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଦାବି କରିଛି । ସେମାନେ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ପାଇଁ କାମ କରୁଥିଲେ ବୋଲି ଜଣାପଡ଼ିଛି । ଏହାକୁ ନେଇ ସାରା ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକୁ ଗୁଜରାଟ ଏଟିଏସ ସତର୍କ କରିଦେଇଛି । ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଦୁଇ ଆତଙ୍କବାଦୀ ଉତ୍ତରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣକ ହାଇଦରାବାଦର ବାସିନ୍ଦା । ତିନି ଜଣ ଯାକ ଉତ୍ତର ପ୍ରଦେଶରୁ ଗୁଜରାଟର ଆଦାଲଜରେ ପହଞ୍ଚି ଥିଲେ । ଏମାନଙ୍କ ନିକଟରୁ ତିନୋଟି ପିସ୍ତଲ, ୩୦ କ୍ୟାଟ୍ରିଜ ଏବଂ ବିପୁଳ ମାତ୍ରାରେ ରାସାୟନ ସାମଗ୍ରୀ ଜବତ କରାଯାଇଛି । ଏହି ଆତଙ୍କବାଦୀ ଅସ୍ତ୍ରଶସ୍ତ୍ର ଠୁଳ କରିବା ପାଇଁ ଗୁଜରାଟ ଆସିଥିଲେ । ଗିରଫ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ଡାକ୍ତର ସାମିଲ ରହିଛି । ସେ ଚୀନରୁ ଏମ୍‌ବିବିଏସ କରିଥିବା ଏବଂ ଇସଲାମିକ୍ ଷ୍ଟେଟ୍ ଖୋରାସନ ପ୍ରଦେଶ ସହିତ ସମ୍ପର୍କରେ ଥିବା ଜଣାପଡ଼ିଛି । ଏଟିଏସ ଡିଆଇଜି ସୁନୀଲ ଜୋଶୀ କହିଛନ୍ତି ଯେ ହାଇଦରାବାଦର ୩୫ ବର୍ଷୀୟ ଅହମ୍ମଦ ମୋହିଉଦ୍ଦିନ ଚୀନ୍‌ରୁ ଡାକ୍ତରୀ ପଢ଼ା ସାରି ଭାରତ ଫେରି ଆସିଥିଲା ।

## ଅଜିତ ପାୱାରଙ୍କ ପୁଅ ବିରୋଧରେ ଆଉ ଏକ ଜମି ହଡ଼ପ ଅଭିଯୋଗ

ମୁମ୍ବଇ, ୯।୧୧ (ଏଜେନ୍ସି): ମହାରାଷ୍ଟ୍ରରେ ବିଜେପିର ସହଯୋଗୀ ଦଳ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଲାଗିଛି । ତାଙ୍କ କମ୍ପାନୀ ଅମେଡିଆ ହୋଲ୍ଡିଂସ୍‌ର ଆଉ ଏକ ଜମି ଦୁର୍ନୀତି ମାମଲା ସାମ୍‌ନାକୁ ଆସିଛି । ଏହି ମାମଲା ବିପିଡି ଅଞ୍ଚଳର । ଏହା କୃଷି ବିଭାଗ ଜମି ହୋଇଥିବା ସତ୍ତ୍ୱେ ତହସିଲଦାରଙ୍କ ସହ ମିଶି ଜମି ହଡ଼ପ କରିଥିବା ଏବଂ ଜାଲ୍ କାଗଜପତ୍ର ପ୍ରସ୍ତୁତିର ଅଭିଯୋଗ ଲାଗିଛି । ଏହାକୁ ନେଇ କମ୍ପାନୀର ନିର୍ଦ୍ଦେଶକ ଦିଗବିଜୟ ଅମରସିଂହ ପାଟିଲଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏହା ପୂର୍ବରୁ ପାର୍ଥଙ୍କ କମ୍ପାନୀ ଉପରେ ପୁନେର ମୁଣ୍ଡୱାରେ ଜମି ହଡ଼ପ କରିଥିବା ଅଭିଯୋଗ ଲାଗିଥିଲା । ଏହି ମାମଲାରେ ଜଣେ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା । ଏହାର ଯାଞ୍ଚ ଲାଗି ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଅନ୍ୟପକ୍ଷରେ ତାଙ୍କ ପୁଅ କମ୍ପାନୀର ଏହି ଚୁକ୍ତିକୁ ରଦ୍ଦ କରିଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି । ଏବେ ଷ୍ଟାମ୍ପ ଶୁଳ୍କ ରଦ୍ଦ କରିଥିବାରୁ ଏ ବାବଦକୁ ପାର୍ଥଙ୍କ କମ୍ପାନୀଙ୍କୁ ୪୨ କୋଟି ଟଙ୍କା ପୈଠ କରିବାକୁ ପଡ଼ିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଶନିବାର କହିଥିଲେ ଯେ ପୁନେ ଜମି ଚୁକ୍ତି ମାମଲାରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିରେ କାହାକୁ ସୁରକ୍ଷା ଦିଆଯିବ ନାହିଁ ।

## ରାହୁଲ ଗାନ୍ଧୀଙ୍କୁ ଦଣ୍ଡ

ଭୋପାଳ, ୯।୧୧ (ଏଜେନ୍ସି): ନିୟମ ସମସ୍ତଙ୍କ ପାଇଁ ସମାନ । ବଡ଼ ପଦାଧିକାରୀ ହୁଅନ୍ତୁ ଅବା ତୃଣମୂଳସ୍ତରର ସାଧାରଣ କର୍ମୀ ସମସ୍ତଙ୍କୁ ନିୟମ ପାଳନ କରିବାକୁ ପଡ଼ିଥାଏ । ଶୃଙ୍ଖଳା ପାଇଁ ଏହା ଜରୁରୀ ମଧ୍ୟ । ଏହାକୁ ବଜାୟ ରଖିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଏପରି ଏକ ନିୟମ ଉଲ୍ଲଙ୍ଘନ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦଣ୍ଡ ପାଇଛନ୍ତି । ଆଉ ଏଥିପାଇଁ ତାଙ୍କୁ ୧୦ ପୁଶ୍-ଅପ୍ ମାରିବାର ଦଣ୍ଡ ମଧ୍ୟ ମିଳିଛି । ରାହୁଲ ଏହି ଦଣ୍ଡ ଭୋଗିଛନ୍ତି ମଧ୍ୟ । ସମସ୍ତଙ୍କ ସାମ୍‌ନାରେ ୧୦ ପୁଶ୍-ଅପ୍ ମାରିଛନ୍ତି । ସେ ଏପରି କରି ନିୟମକୁ ସମ୍ମାନ ଦେଇଛନ୍ତି ଏବଂ ଅନୁଶାସନହୀନତାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ବାର୍ତ୍ତା ଦେଇଛନ୍ତି । ମଧ୍ୟପ୍ରଦେଶ ହିଲ୍ ଷ୍ଟେସନ ପଚମଢ଼ୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ଶନିବାର ହୋଟେଲ ହାଇଲାଣ୍ଡରେ ଅନୁଷ୍ଠିତ କଂଗ୍ରେସ ଜିଲ୍ଲାଧ୍ୟକ୍ଷଙ୍କ ପ୍ରଶିକ୍ଷଣ ଶିବିରକୁ ଦୁଇ ମିନିଟ ବିଳମ୍ବରେ ପହଞ୍ଚିଥିବାରୁ ରାହୁଲଙ୍କୁ ଏହି ଦଣ୍ଡ ଦିଆଯାଇଥିଲା । କଂଗ୍ରେସ ପ୍ରଶିକ୍ଷଣ ବିଭାଗର ମୁଖ୍ୟ ସଚିନ ରାଓ କହିଥିଲେ ଯେ ଅନୁଶାସନ ପାଳନ ନ କଲେ ପ୍ରଶିକ୍ଷଣ ଶିବିରରେ ଏହି ଦଣ୍ଡ ଦିଆଯାଇଥାଏ । ଆଉ ରାହୁଲ ଏହି ଦଣ୍ଡକୁ ସ୍ୱୀକାର କରିଥିଲେ ।

## ବେଙ୍ଗାଲୁରୁ ଜେଲ୍‌ରେ ଦୁର୍ଦ୍ଦାନ୍ତ କଏଦୀଙ୍କ ମସ୍ତି



ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ଚଳଚ୍ଚିତ୍ରରେ ଜେଲ୍‌ରେ ଜୀବନକୁ ଅତ୍ୟନ୍ତ କଷ୍ଟକର ଭାବେ ଦେଖାଯାଇଥାଏ । କିନ୍ତୁ ବାସ୍ତବରେ ଏହା ବୀପରିତ ହୋଇଥାଏ । ଜେଲ୍ ଭିତରେ ଗରିବ କଏଦୀଙ୍କୁ କୌଣସି ସୁବିଧା ମିଳୁନଥିବାବେଳେ ଟଙ୍କା ଦେଇପାରୁଥିବା ଦୁର୍ଦ୍ଦାନ୍ତ ଆତଙ୍କବାଦୀ, ଅପରାଧୀଙ୍କୁ ସବୁ ବିଳାସପୂର୍ଣ୍ଣ ସାମଗ୍ରୀ ଯୋଗାଇ ଦିଆଯାଇଥାଏ । ବେଙ୍ଗାଲୁରୁର ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ ଜେଲ୍‌ରୁ ଏଭଳି ମାମଲା ସାମ୍‌ନାକୁ ଆସିଛି । ଏଠାରେ ଆଇଏସଆଇଏସ ଆତଙ୍କବାଦୀ ଜୁହେବ ହମିଦ ସକିଲ ମନ୍ନା ଫୋନ ବ୍ୟବହାର କରୁଥିବା ଦେଖାଯାଉଛି । ୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ବିମାନବନ୍ଦରରୁ ସକିଲକୁ ଏନଆଇଏ ଗିରଫ କରିଥିଲା । ସେ ଯୁବ ଗୋଷ୍ଠୀଙ୍କୁ ଆତଙ୍କବାଦରେ ସାମିଲ କରିପାଣ୍ଠି ସଂଗ୍ରହର ଅଭିଯୋଗ ଲାଗିଛି । ଏହା ବ୍ୟତୀତ ସିରିଏଲ କିଲର ତଥା ଦୁଷ୍କର୍ମକାରୀ ଉମେଶ ରେଡ୍ଡୀକୁ ମଧ୍ୟ ମୋବାଇଲ ଫୋନ ବ୍ୟବହାର କରୁଥିବା ଦେଖାଯାଉଛି । ଆଉ କିଛି କଏଦୀ ଜେଲ୍ ଭିତରେ ଟିଭି ଦେଖୁଛନ୍ତି । ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି । ବିଜେପି ବିଧାୟକ ବିଜେନ୍ଦ୍ର ୟେଦିୟୁରପ୍ପା ଏହି ଭିଡିଓ ସେୟାର କରିଛନ୍ତି । କର୍ଣ୍ଣାଟକ ଜେଲ୍ ଏବେ ରିସୋର୍ଟରେ ବଦଳି ଯାଇଛି ବୋଲି ସେ ଲେଖିଛନ୍ତି । ଏହି ଜେଲ୍‌ରେ ଦେଶଦ୍ରୋହୀ, ଆତଙ୍କବାଦୀ, ଦୁଷ୍କର୍ମକାରୀ, ଚୋର ଏବଂ ହତ୍ୟାକାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଉଥିବା ସେ କହିଛନ୍ତି । ବିବାଦ ବଢିବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ମାମଲାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ସେ ଘଟଣାର ରିପୋର୍ଟ ମାଗିଛନ୍ତି ।

ଏହି ଭାଇରାଲ ଭିଡିଓ ଜେଲ୍ ସୁରକ୍ଷା ବ୍ୟବସ୍ଥା ଏବଂ ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଜେଲ୍‌ଅଧିକାରୀମାନେ କହିଛନ୍ତି ଯେ ଏହି ଭିଡିଓଗୁଡ଼ିକର ସତ୍ୟତା ଯାଞ୍ଚ କରିବା ପାଇଁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରାଯାଇଛି । ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା ପୂର୍ବରୁ କିଛି ଦିନ ତଳେ ଗୁଲ୍ଲାଚି ସିନା ନାମକ ଜଣେ କୁଖ୍ୟାତ ଅପରାଧୀ ଜେଲ ଭିତରେ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଥିଲା । ସେ କେକ୍ କାଟି ସାଥୀ କଏଦୀମାନଙ୍କ ସହିତ ଉତ୍ସବ ମନାଉଥିଲା ।

## ଭାରତରେ କେହି ଅଣହିନ୍ଦୁ ନୁହନ୍ତି: ମୋହନ ଭାଗବତ

ବେଙ୍ଗାଲୁରୁ, ୯।୧୧ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ନୀତିକୁ ସମର୍ଥନ ଦିଏ । କୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳକୁ ସଂଘ ସମର୍ଥନ ଦିଏ ନାହିଁ । ଯଦି କଂଗ୍ରେସ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଦାବିକୁ ମାନି ନେଇଥାଆନ୍ତା ତେବେ ଆରଏସଏସ କର୍ମୀ ଏହି ଦଳକୁ ମଧ୍ୟ ସମର୍ଥନ ଦେଇଥାନ୍ତେ ।



ଆରଏସଏସକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ମୁଖ୍ୟ ମୋହନ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି ଯେ ଆରଏସଏସ କୌଣସି ରାଜନୈତିକ ଦଳକୁ ସମର୍ଥନ ଦିଏ ନାହିଁ । ନିର୍ବାଚନ ରାଜନୀତିରେ ସଂଘ ଅଂଶଗ୍ରହଣ କରେନାହିଁ । ସଂଘ ସମାଜକୁ ଯୋଡ଼ିବା ପାଇଁ କାମ କରିଥାଏ । କିନ୍ତୁ ରାଜନୀତି ବିଭାଜନକାରୀ ହୋଇଥାଏ । ଆମେ ଦେଶକୁ ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗରେ ନେବାକୁ ପ୍ରୟାସ କରୁଛୁ । ଯିଏ ଏହି ଦିଗରେ କାର୍ଯ୍ୟ କରିବ ଆରଏସଏସ ତାହାକୁ ସମର୍ଥନ ଦେବ । ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଦେଇଥିବା ଦଳକୁ ସ୍ୱୟଂସେବକ ଭୋଟ କରିଥିଲେ । ସେହିପରି ଭାରତରେ କେହି ଅଣହିନ୍ଦୁ ନୁହନ୍ତି । ସଂଘ କାହାର ବିରୋଧୀ ନୁହେଁ । ଶାଖାକୁ ମୁସଲମାନ, ଖ୍ରୀଷ୍ଟିଆନ ଏବଂ ହିନ୍ଦୁ ବି ଆସନ୍ତି । କିଏ କ'ଣ ବୋଲି କାହାକୁ କେତେବେଳେ ବି ପ୍ରଶ୍ନ କରାଯାଇ ନ ଥାଏ । ଆମେ ସମସ୍ତେ ଭାରତ ମାତାଙ୍କ ସନ୍ତାନ । ଏହା ହିଁ ସଂଘର କାର୍ଯ୍ୟଶୈଳୀ । ସଂଘ ଗେରୁଆକୁ ଗୁରୁ ମାନୁଛି ଏବଂ ତ୍ରିରଙ୍ଗାକୁ ବହୁତ ସମ୍ମାନ ଦେଉଛି ବୋଲି ଭାଗବତ କହିଛନ୍ତି ।

# ଚିନ୍ତା ବଢ଼ାଉଛି ବାଂଲା-ପାକ୍ ସମ୍ପର୍କ

ଢ଼ାକା, ୯।୧୧ (ଏଜେନ୍ସି): ପାକିସ୍ତାନର ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ଭାରତ ୧୯୭୧ରେ ସ୍ୱତନ୍ତ୍ର ସେନା ଅଭିଯାନ ଆରମ୍ଭ କରିଥିଲା । ପାକିସ୍ତାନ ସେନାକୁ ଧୂଳି ଚଟାଇ ବାଂଲାଦେଶ ଗଠନ କରିଥିଲା । କିନ୍ତୁ ଏବେ ଭାରତ ଅବଦାନକୁ ବାଂଲାଦେଶ ଭୁଲି ଯାଇଛି । ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ବିତାଡ଼ିତ କରିବା ପରେ ମହମ୍ମଦ ୟୁନୁସ କାମଚଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସେ ଜଣେ ପାକିସ୍ତାନ ପ୍ରେମୀ ଭାବେ ପରିଚିତ । କ୍ରମାଗତ ଭାବେ ୟୁନୁସ ଭାରତ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି । ବିଭ୍ରାନ୍ତିକର ଦାବି କରିବା ସହିତ ଭାରତ ସହ ସମ୍ପର୍କ ଖରାପ କରିବାରେ ଲାଗିଛନ୍ତି । ଯେଉଁ ଦେଶ ବାଂଲାଦେଶରେ ଅତ୍ୟାଚାର କରି ଲକ୍ଷ ଲକ୍ଷ ମହିଳାଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରିଥିଲା ସେହି ଦେଶ ସହ ୟୁନୁସ ସମ୍ପର୍କ ବୃଦ୍ଧି କରି ନିଜ ଜନତାଙ୍କୁ ବି ଧୋକା ଦେଉଛନ୍ତି । ସେ ଅଞ୍ଚଳରେ ନୂଆ କ୍ଷମତା କେନ୍ଦ୍ର ଗଠନ କରିବାକୁ ଚାହୁଁଛନ୍ତି । ଏହି କ୍ରମରେ ପାକିସ୍ତାନ ସହ ସାମରିକ ସମ୍ପର୍କ ବଢାଇ ଚାଲିଛନ୍ତି । ଏବେ ସେ ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି । ୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ପାକିସ୍ତାନର ଏକ ଯୁଦ୍ଧ ଜାହାଜ ଶନିବାର ବାଂଲାଦେଶରେ ପହଞ୍ଚିଛି । ଏହି ଯୁଦ୍ଧ ଜାହାଜ 'ପିଏନଏସ ସୈଫ' ବଙ୍ଗୋପସାଗର ଉପକୂଳ ଦେଇ ଚଟ୍ଟଗାଁଓ ବନ୍ଦରରେ ପହଞ୍ଚିଛି । ଏହି ଜାହାଜ ଏଠାରେ ଚାରି ଦିନ ରହିବ । ଏହା ସଦ୍ଭାବନା ଯାତ୍ରା ବୋଲି କୁହାଯାଉଛି । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ବନ୍ଧକୁ ବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ।

ବାଂଲାଦେଶ ନୌସେନାର ସୂଚନା ଅନୁଯାୟୀ, ସୁଜାତ ଅବାସ ଏହି ଜାହାଜର କ୍ୟାପ୍‌ଟେନ ଅଛନ୍ତି । ଚଟ୍ଟଗାଁଓ ପହଞ୍ଚିବା ପରେ ବାଂଲାଦେଶ ଜାହାଜ ବିଏନଏସ ସାଧିନୋତା ସମୁଦ୍ରରେ ଏହାକୁ ସଲାମୀ ଦେଇଥିଲା ଏବଂ ବନ୍ଦର ପର୍ଯ୍ୟନ୍ତ ମାର୍ଗଦର୍ଶନ କରିଥିଲା । ଏହି ଗସ୍ତ ସମୟରେ ଦୁଇ ଦେଶର ନୌସେନା ଅଧିକାରୀ ପରସ୍ପରକୁ ଭେଟି ବିଭିନ୍ନ ପ୍ରସଙ୍ଗରେ ସହଯୋଗ ଉପରେ ଚର୍ଚ୍ଚା କରିବେ । ୧୨ ତାରିଖରେ ଏହି ଯାତ୍ରା ଶେଷ ହେବ ।

- ବାଂଲାଦେଶରେ ପହଞ୍ଚିଲା ପାକିସ୍ତାନ ଯୁଦ୍ଧ ଜାହାଜ
- ୧୯୭୧ ଯୁଦ୍ଧ ପରେ ପ୍ରଥମ ଘଟଣା

୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନପରଠାରୁ ପ୍ରଥମ ଦେଶ ଭାବେ ବାଂଲାଦେଶର ଅନ୍ତରୀଣ ସରକାରକୁ ପାକିସ୍ତାନ ସ୍ୱାଗତ କରିଥିଲା । ଏହା ପରଠାରୁ ଢାକା ଏବଂ ଇସଲାମାବାଦର ସମ୍ବନ୍ଧ ମଜବୁତ ହେବାରେ ଲାଗିଛି । କିନ୍ତୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ମହମ୍ମଦ ୟୁନୁସଙ୍କ ସରକାର ନିକଟରେ ଭାରତର ଅନେକ ଅଞ୍ଚଳକୁ ବାଂଲାଦେଶରେ ସାମିଲ କରିଥିବା ମାନଚିତ୍ର ଜାରି କରିଥିଲେ । ଏହାକୁ ପାକିସ୍ତାନ ସେନା ଅଧିକାରୀଙ୍କୁ ସେ ପ୍ରଦାନ କରିଥିଲେ । ଭାରତର ଚିକେନ ନେକ୍ ଅଞ୍ଚଳରେ ମଧ୍ୟ ବାଂଲାଦେଶ କୁଟୀଳ ପ୍ରୟାସ କରୁଛି । ସେଠାରେ ଥିବା ନିଜ ଏୟାରବେସର ସମ୍ପ୍ରସାରଣ କରୁଛି । ଅନ୍ୟପଟେ ଏବେ ପାକିସ୍ତାନ ବାୟୁସେନାର ପ୍ରମୁଖ ଆଡମିରାଲ ନଭେଜ ଅସରଫ ମଧ୍ୟ ଚାରି ଦିନିଆ ବାଂଲାଦେଶ ଗସ୍ତରେ ଅଛନ୍ତି । ଏହା ପୂର୍ବରୁ ପାକିସ୍ତାନର ପ୍ରମୁଖ ମିଲିଟାରୀ କମାଣ୍ଡର ଜେନେରାଲ ସାହିର ସମସାଦ ମିର୍ଜା ବାଂଲାଦେଶ ଯାଇଥିଲେ । ଏହି ଚାରି ଦିନିଆ ଗସ୍ତରେ ସେ ମହମ୍ମଦ ୟୁନୁସଙ୍କୁ ଭେଟି ପ୍ରତିରକ୍ଷା ସମ୍ବନ୍ଧ ବୃଦ୍ଧି ନେଇ ଆଲୋଚନା କରିଥିଲେ । କିନ୍ତୁ ବାଂଲାଦେଶରେ ପାକିସ୍ତାନ ଯୁଦ୍ଧ ଜାହାଜ ପହଞ୍ଚିବା ଭାରତ ପାଇଁ ଚିନ୍ତାର ବିଷୟ । ପାକିସ୍ତାନ ସହ ବାଂଲାଦେଶ ଦ୍ରୁତଗତିରେ ସମ୍ବନ୍ଧ ସୁଧାରୁଛି ବୋଲି ଏହା ପ୍ରମାଣ ଦେଉଛି । ଏହି ଜାହାଜକୁ ଚୀନ୍ ନିର୍ମାଣ କରିଥିଲା । ଏହା ଦ୍ୱାରା ବାଂଲାଦେଶରେ ଚୀନ୍ ସାମରିକ ଉପସ୍ଥିତି ଜାହିର କରିପାରେ । ଏହା ବ୍ୟତୀତ ଚଟ୍‌ଗାଁଓ ବିମାନବନ୍ଦର ଭାରତର ପୂର୍ବ ଉପକୂଳ ନିକଟରେ ରହିଛି । ଏଥିପାଇଁ ପାକିସ୍ତାନ ଏବଂ ଚୀନ୍ ଜାହାଜ ଭାରତର ସାମୁଦ୍ରିକ ସୁରକ୍ଷା ଉପରେ ବିପଦ ସୃଷ୍ଟି କରିପାରନ୍ତି । ମାସେ ତଳେ ମଧ୍ୟ ଆମେରିକାର ଏକ ଜାହାଜ ଏଠାରେ ପହଞ୍ଚି ଥିଲା ।



## 'ଭୋଟ ପାଇଁ ଲୋକଙ୍କୁ ହରିୟାଣାରୁ ବିହାର ଅଣାଯାଇଛି'

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ନିର୍ବାଚନ କମିଶନର (ଇସି)ଙ୍କ ନିରପେକ୍ଷତା ଉପରେ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି । ବିଜେପି ସପକ୍ଷରେ ଇସି କାମ କରୁଛନ୍ତି ବୋଲି ସେ ଅଭିଯୋଗ ଲଗାଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସିବଲ ରବିବାର କହିଥିଲେ ଯେ ହରିୟାଣାରୁ ହଜାର ହଜାର ଯାତ୍ରୀଙ୍କୁ ଧରି ଅନେକ ଟ୍ରେନ ସନ୍ଦେହଜନକ ସ୍ଥିତିରେ ବିହାରରେ ପହଞ୍ଚିଛି । ଏହା ଉପରେ ଇସି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କି? ଇସି ଆଉ ବିଜେପି ଏଜେଣ୍ଟ ଭଳି କାମ କରୁନାହାନ୍ତି ତ? ସିବଲ କହିଥିଲେ ଯେ ଗତ ୩ ତାରିଖରେ ୪ଟି ଟ୍ରେନ ୬ ହଜାର ଯାତ୍ରୀଙ୍କୁ ଧରି ବିହାରରେ ପହଞ୍ଚି ଥିଲା । ଏହି ଲୋକମାନେ କାହିଁକି ଯାତ୍ରା କରୁଥିଲେ? ଏମାନେ ବିହାରର ପ୍ରକୃତ ଭୋଟର କି? ଏମାନେ କୌଣସି ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶ ନୁହଁନ୍ତି ତ? ଏହି ସ୍ୱତନ୍ତ୍ର ଟ୍ରେନଗୁଡିକୁ କାହିଁକି ଚଳା ଯାଇଥିଲା? ଯଦି ଏହା

- ରେଳବାଇ, ଇସିଙ୍କ ଉପରେ ପ୍ରଶ୍ନ ଉଠାଇଲେ ସିବଲ
- ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ହୋଇଥିଲା

ସ୍ୱତନ୍ତ୍ର ଟ୍ରେନ ଥିଲା ତେବେ କେବଳ ହରିୟାଣାରୁ ବିହାର କାହିଁକି ଆସିଥିଲା? ସ୍ୱତନ୍ତ୍ର ସେବା ପାଇଁ ଏହି ଟ୍ରେନ ନ ଥିଲା ତ? ଛଟ୍ ସମୟରେ ଏପରି କାହିଁକି କରାଯାଇ ନ ଥିଲା? ଏ ସବୁର ଉତ୍ତର ରେଳମନ୍ତ୍ରୀ ଦେବା ଉଚିତ । ପ୍ରକୃତ ଭୋଟରଙ୍କୁ କୌଣସି ସ୍ୱତନ୍ତ୍ର ଟ୍ରେନର ଆବଶ୍ୟକତା ନ ଥାଏ । ଏହି ଟ୍ରେନରେ ଆସିଥିବା ୬ ହଜାର ଲୋକ କୁଆଡେ ଗଲେ? ଏହି ଟ୍ରେନକୁ କିଏ ବୁକ୍ କରିଥିଲା? ଜେଡିୟୁ କି ବିଜେପି ଏହି ଟ୍ରେନ ବୁକ୍ କରିଥିଲେ କି?

ସିବଲ ଅଭିଯୋଗ କରିଛନ୍ତି ଯେ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିପାଇଁ ହରିୟାଣା ବିଜେପି ଅଧ୍ୟକ୍ଷ ମୋହନ ଲାଲ ଏବଂ ଅନ୍ୟ ଦଳୀୟକର୍ମୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ବିଜେପି ଏଥିପାଇଁ ଟଙ୍କା ଦେଇଥିଲା । କିନ୍ତୁ ଏବେ ରେଳମନ୍ତ୍ରୀ ଏହା ସ୍ପଷ୍ଟ କରିବା ଉଚିତ । ସିବଲଙ୍କ ଅନୁଯାୟୀ, ଟ୍ରେନରେ ଆସିଥିବା ବ୍ୟକ୍ତି ହେଉଛନ୍ତି ବୃତ୍ତିଗତ ଭୋଟର । ଏମାନେ ନିର୍ଦ୍ଦିଷ୍ଟ ତାରିଖରେ ବିଭିନ୍ନ ବିଧାନସଭା କ୍ଷେତ୍ରକୁ ଯାଇ ଭୋଟ ଦେଇଥାନ୍ତି ।

## ଶାଶୂଙ୍କୁ ଜିଅନ୍ତା ଜାଳିଦେଲା ବୋହୂ

ବିଶାଖାପାଟଣା, ୯।୧୧ (ଏଜେନ୍ସି): ବିଶାଖାପାଟଣାର ପେଣ୍ଡୁର୍ଥୀ ଥାନା ଅଧୀନସ୍ଥ ଭେପାଗୁଣ୍ଟା ନିକଟସ୍ଥ ଆପ୍ପାପାଲେମରର ଏକ ଆପାର୍ଟମେଣ୍ଟରୁ ବିଚଳିତ କରିବା ଭଳି ଘଟଣା ସାମ୍‌ନାକୁ ଆସିଛି । ଏଠାରେ ଜଣେ ବୋହୂ ନିଜ ପିଲାମାନଙ୍କୁ 'ଚୋରପୁଲିସ' ଖେଳିବାକୁ ପଠାଇ ଜଘନ୍ୟ କାଣ୍ଡ କରିଛି । ପିଲାଙ୍କ ଅନୁପସ୍ଥିତିରେ ଶାଶୂ ଜୟନ୍ତୀ କାନାକା ମହାଲକ୍ଷ୍ମୀ (୬୩) ଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛି । ଶାଶୁ ହତ୍ୟା କେମିତି କରାଯିବ ତାହାର ଶିକ୍ଷା ବୋହୂ ୟୁଟ୍ୟୁବ୍‌ରୁ ନେଇଥିଲା । ୟୁଟ୍ୟୁବ ଦେଖିବା ପରେ ହତ୍ୟା ଷଡ଼ଯନ୍ତ୍ର କରିଥିଲା ।



ପଶ୍ଚିମ ଜୋନ୍ ଏସିପି ପ୍ରଦୀପ ତେଜା କହିଛନ୍ତି ଯେ ମହାଲକ୍ଷ୍ମୀ ତାଙ୍କ ପୁଅ ଜୟନ୍ତୀ ସୁବ୍ରମଣ୍ୟମ, ବୋହୂ ଲଳିତା ଦେବୀ (୩୦), ନାତି ଈଶ୍ୱର ଚନ୍ଦ୍ର ଏବଂ ନାତୁଣୀ ଶ୍ରୀନୟନା ତଥା ପୁତୁରା ଶରତଙ୍କ ସହ ଆପାର୍ଟମେଣ୍ଟରେ ରହୁଥିଲେ । ୧୨ ବର୍ଷ ତଳେ ସୁବ୍ରମଣ୍ୟମ ଏବଂ ଲଳିତାଙ୍କ ବିବାହ ହୋଇଥିଲା । କିନ୍ତୁ ପ୍ରଥମ ଦିନରୁ ଶାଶୁବୋହୂଙ୍କ ସମ୍ପର୍କ ଠିକ୍ ନ ଥିଲା । ପ୍ରାୟ ସବୁଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା । ଏଥିରେ ଅତିଷ୍ଠ ହୋଇ ଲଳିତା ତାଙ୍କ ଶାଶୂଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି । ଗତ ୬ ତାରିଖରେ ଲଳିତା ସିଂହାଚଳମ୍ ଗୋଶାଳା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଲିଟରେ ପେଟ୍ରୋଲ ଆଣିଥିଲେ । ଏହା ପରଦିନ ସକାଳେ ସ୍ୱାମୀ ଏବଂ ପୁତୁରା କାମକୁ ଗଲାପରେ ବୋହୂ ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ । ପ୍ରଥମେ ପିଲାମାନଙ୍କୁ ଚୋର-ପୁଲିସ ଖେଳିବାକୁ କହି ଜେଜେମାଙ୍କ ହାତ ବାନ୍ଧି ଆଖିରେ ପଟି ଭିଡିବାକୁ ନିର୍ଦ୍ଦେଶ ଦେଇଥିଲେ । ଶାଶୂ ଏହାକୁ ଖେଳ ଭାବି ଏପରି କରିବାକୁ ରାଜି ହୋଇ ଯାଇଥିଲେ । କିନ୍ତୁ ପିଲା ଲୁଚିବାକୁ ଯିବା ପରେ ବୋହୂ ପେଟ୍ରୋଲ ଢାଳି ଏକ ଦୀପ ଆଣି ତାଙ୍କ ଉପରେ ପକାଇ ଦେଇଥିଲେ । ଶାଶୂଙ୍କ ଚିତ୍କାର ଶୁଣି ପଡୋଶୀ ନିଆଁ ଲିଭାଇବାକୁ ଧାଇଁ ଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଜେରା ସମୟରେ ଲଳିତା ଅପରାଧ ସ୍ୱୀକାର କରିଥିଲେ । ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୁଲିସ ଲଳିତାଙ୍କୁ ଗିରଫ କରି ନ୍ୟାୟିକ ହେପାଜତକୁ ନେଇଛି ।

## ବିଦେଶରେ ୨ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତୀୟ ସୁରକ୍ଷା ଏଜେନ୍ସିକୁ ବଡ଼ ସଫଳତା ମିଳିଛି । ବିଦେଶରେ ରହି ଆପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ଭାରତର ଦୁଇ ମୋଷ୍ଟ ୱାଣ୍ଟେଡ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରାଯାଇଛି । ହରିୟାଣା ପୁଲିସ ସହିତ ସୁରକ୍ଷା ଏଜେନ୍ସି ଅଧିକାରୀମାନେ ଗ୍ୟାଙ୍ଗଷ୍ଟର ଭେଙ୍କଟେଶ ଗର୍ଗକୁ ଜର୍ଜିଆରୁ ଏବଂ ଭାନୁ ରାଣାକୁ



ଆମେରିକାରୁ ଗିରଫ କରାଯାଇଛି । ରାଣା ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ । ଖୁବଶୀଘ୍ର ରାଣା ଏବଂ ଗର୍ଗକୁ ଭାରତ ପ୍ରତ୍ୟର୍ପଣ କରାଯିବ । ଏବେ ଦେଶର ୨୪ରୁ ଅଧିକ ଗ୍ୟାଙ୍ଗଷ୍ଟର ବିଦେଶରେ ଅଛନ୍ତି । ସେମାନେ ବିଦେଶରେ ରହି ଗ୍ୟାଙ୍ଗ ସଦସ୍ୟଙ୍କୁ ନିଯୁକ୍ତି କରି ଭାରତରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଗିରଫ ପାଇଁ ଆରମ୍ଭ କରାଯାଇଥିବା ଅଭିଯାନରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି । ଜର୍ଜିଆରୁ ଗିରଫ ହରିୟାଣା ନାରାୟଣଗଡ଼ର ବାସିନ୍ଦା ଗର୍ଗ ବିରୋଧରେ ଭାରତରେ ୧୦ରୁ ଅଧିକ ମାମଲା ରହିଛି । ସେ ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟରୁ ଗ୍ୟାଙ୍ଗ ସଦସ୍ୟ ନିଯୁକ୍ତି କରୁଥିଲା । ଗୁରୁଗ୍ରାମର ବିଏସ୍‌ପି ନେତା ହତ୍ୟା ମାମଲାରେ ସମ୍ପୃକ୍ତି ସାମ୍‌ନାକୁ ଆସିବା ପରେ ସେ ଜର୍ଜିଆ ପଳାଇ ଥିଲା । ସେଠାରେ ଗ୍ୟାଙ୍ଗଷ୍ଟର କପିଲ ସାଙ୍ଗୱାନ ସହ ମିଶି ଦାଦାବଟି ଆଦାୟ କରୁଥିଲା । ସେହିପରି କର୍ଣ୍ଣାଲର ବାସିନ୍ଦା ରାଣା ଆମେରିକାରେ ରହି ଭାରତରେ ଆପରାଧିକ ସାମ୍ରାଜ୍ୟ ଚଳାଇ ଥିଲା । ହରିୟାଣା, ପଞ୍ଜାବ ଏବଂ ଦିଲ୍ଲୀରେ ତା ବିରୋଧରେ ମାମଲା ରହିଛି । ପଞ୍ଜାବରେ ହୋଇଥିବା ଗ୍ରେନେଡ ଆକ୍ରମଣରେ ସେ ସାମିଲ ଥିଲା ।

## ଆଡଭାନୀଙ୍କୁ ଥରୁରଙ୍କ ପ୍ରଶଂସା, ଦୂରେଇଲା କଂଗ୍ରେସ

ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଜନ୍ମଦିନ ଅବସରରେ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ କଂଗ୍ରେସ ସାଂସଦ ଶଶୀ ଥରୁର ଶୁଭକାମନା ଜଣାଇଛନ୍ତି । ତେବେ ତାଙ୍କର ଏହି ଶୁଭେଚ୍ଛା ବାର୍ତ୍ତାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସୁପ୍ରିମକୋର୍ଟ ଓକିଲଙ୍କ ସମେତ ଅନେକ ନେତା ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି । ଆଉ ସ୍ଥିତି ଏପରି ହୋଇଛି ଯେ କଂଗ୍ରେସ ଦଳ ଥରୁରଙ୍କ ଏହି ଟିପ୍ପଣୀଠାରୁ ନିଜକୁ ଦୂରେଇ ନେଇଛି । ଏହା ଥରୁରଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କୁହାଯାଇଛି । ଥରୁର ସାମାଜିକ ଗଣମାଧ୍ୟମ ପୋଷ୍ଟରୁ ଏହି ବିବାଦ ଆରମ୍ଭ ହୋଇଥିଲା । ସେ ଲେଖିଥିଲେ ଯେ ୯୮ତମ ଜନ୍ମଦିନରେ ଆଡଭାନୀ ଜୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଜନସେବା ପ୍ରତି ଅତୁଟ ପ୍ରତିବଦ୍ଧତା, ବିନମ୍ରତା, ଶାଳୀନତା ଏବଂ ଆଧୁନିକ ଭାରତର ମାର୍ଗ ଧାର୍ଯ୍ୟ କରିବାରେ ତାଙ୍କର ଭୂମିକା ଅତୁଳନୀୟ । ଜଣେ ସଚ୍ଚୋଟ ରାଜନେତା ଭାବେ ତାଙ୍କ ଜୀବନ ଅନୁକରଣୀୟ । ଥରୁରଙ୍କ ଏହି ମନ୍ତବ୍ୟକୁ ସୁପ୍ରିମକୋର୍ଟ ଓକିଲ ସଞ୍ଜୟ ହେଗଡେ ବିରୋଧ କରିଥିଲେ । ଆଡଭାନୀ ଘୃଣାର ମଞ୍ଜି ବୁଣିଥିବା ଉଲ୍ଲେଖ କରିଥିଲେ । ଏହାର ଜବାବରେ ଥରୁର କଂଗ୍ରେସ ଦୁଇ ନେତା ଜବାହାରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ଜୀବନର ଉଦାହରଣ ଦେଇଥିଲେ । ଜଣେ ବ୍ୟକ୍ତିଙ୍କୁ କେବଳ ଗୋଟିଏ ଘଟଣାରେ ସୀମିତ ନ ରଖିବା ଉଚିତ ବୋଲି କହିଥିଲେ । ସେ ଓକିଲଙ୍କ କଥାରେ ସହମତ ହୋଇ କହିଥିଲେ ଯେ ଆଡଭାନୀଙ୍କ ସେବାକୁ ଗୋଟିଏ ଘଟଣାରେ ସୀମିତ ରଖିବା ଅନୁଚିତ । ଏପରି କରିବା ଭୁଲ୍ । ଚୀନ୍ ବିଫଳତାକୁ ନେଇ ନେହେରୁ ଏବଂ ଏମର୍ଜେନ୍ସିକୁ ନେଇ ଇନ୍ଦିରାଙ୍କ ସମ୍ପୂର୍ଣ୍ଣ କ୍ୟାରିୟରର ଆକଳନ କରାଯାଇପାରିବ ନାହିଁ ।

## 'ଇନ୍ଦିରାଙ୍କ ପାଇଁ ପାକିସ୍ତାନ ହେଲା ପରମାଣୁ ରାଷ୍ଟ୍ର'


ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): ଭାରତର ଭୁଲ୍ ନିଷ୍ପତ୍ତି ପାଇଁ କିଭଳି ପାକିସ୍ତାନ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ରରେ ପରିଣତ ହେଲା ତାହାର ଗୁମର ଖୋଲିଛନ୍ତି ଆମେରିକା ସିଆଇଏର ପୂର୍ବତନ ପରମାଣୁ ପ୍ରତିରୋଧ ଅଧିକାରୀ ରିଚାର୍ଡ ବାର୍ଲୋ । ସେ କହିଛନ୍ତି ଯେ ଅଶୀ ଦଶକରେ ପାକିସ୍ତାନର ଗୁପ୍ତ ପରମାଣୁ କାର୍ଯ୍ୟକ୍ରମର ମୁଖ୍ୟକେନ୍ଦ୍ର ଥିବା କାହୁଟା ଉପରେ ଭାରତ ଓ ଇସ୍ରାଏଲ ମିଳିତ ଭାବେ ବିମାନ ଆକ୍ରମଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ସେତେବେଳେ ଏହା ହୋଇ ନ ଥିଲା । ଚାପ ପଡ଼ିବାରୁ ଭାରତ ଏହି ସୁଯୋଗକୁ ହାତଛଡ଼ା କରି ଦେଇଥିଲା । ଯଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହି ସୁଯୋଗକୁ ହାତଛଡ଼ା କରିନଥାନ୍ତେ ତେବେ ଦକ୍ଷିଣ ଏସିଆ ଏବଂ ବିଶ୍ୱ ସୁରକ୍ଷା ଏବେ ଭିନ୍ନ ହୋଇଥାନ୍ତା ବୋଲି ସେ କହିଛନ୍ତି ।

କାହୁଟା ସ୍ଥିତ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ବୈଜ୍ଞାନିକ ଏ.କ୍ୟୁ. ଖାନ୍‌ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା । ଏହା ପାକିସ୍ତାନ ୟୁରାନିୟମ ହାସଲ ପ୍ରୟାସର କେନ୍ଦ୍ରବିନ୍ଦୁ ଥିଲା । ଭାରତ ଏହି କେନ୍ଦ୍ରକୁ ଧ୍ୱଂସ କରିବା ନିଷ୍ପତ୍ତିରୁ ଓହରିବାରୁ ପାକିସ୍ତାନ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇ ପାରିଥିଲା । ଏହା ପରେ ପାକିସ୍ତାନ ପରମାଣୁ ପରୀକ୍ଷଣ କରି ଇରାନ ପରି ଦେଶମାନଙ୍କୁ ଜ୍ଞାନକୌଶଳ ଯୋଗାଣ କରୁଥିଲା ।

■ ବାଲିଯାତ୍ରା ପଡ଼ିଆକୁ କାର୍ ଆଣି 'ତରଙ୍ଗ' କଳାକାର ହଟହଟା

## ଘେରିଲେ ଦର୍ଶକ, ଉଦ୍ଧାର କଲା ପୁଲିସ

କଟକ, ୯ ।୧୧(ସମିସ): ଐତିହାସିକ ବାଲିଯାତ୍ରା-୨୦୨୫ରେ ସୁରୁଖୁରୁରେ ଯାତ୍ରା ପରିଚାଳନା ହୋଇପାରୁନାହିଁ। ଯାତ୍ରାର ୫ଦିନରେ ଅବ୍ୟବସ୍ଥା ଲାଗି ରହିଛି। ପୁଲିସ ଓ ପ୍ରଶାସନିକ ବିଶୃଙ୍ଖଳା ଯୋଗୁଁ ସାଧାରଣ ଦର୍ଶକ ମେଳା ବୁଲି ପାରୁନାହାନ୍ତି। ଆଜି ରବିବାର ଛୁଟିଦିନ ଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ଭିଡ଼ ଭିତରେ ସାଧାରଣ ଦର୍ଶକମାନେ ଏପଟେ ଚହଟାଠାରୁ ଏବଂ ସେପଟେ ଯୋବ୍ରାଠାରୁ ଚାଲିଚାଲି ଆସୁଥିଲେ। ଏହି ୨ଟି ସ୍ଥାନରେ ନିୟୋଜିତ ହୋଇଥିବା ସରକାରୀ ବସ୍ ଭିଡ଼ ଯୋଗୁଁ ଯାତାୟାତ କରିପାରୁନାହିଁ। ଭିଡ଼ ଯୋଗୁଁ ଅଟୋଗୁଡ଼ିକ ମଧ୍ୟ ଆଜି ଠପ୍ ହୋଇଯାଇଥିଲା। ସାଧାରଣ ଦର୍ଶକ ହଇରାଣ ହେଉଥିବା ବେଳେ ଆଜି ଯାତ୍ରା ପଡ଼ିଆରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଯେଉଁ ଘଟଣା'ର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। 'ତରଙ୍ଗ' ଚ୍ୟାନେଲର କିଛି କଳାକାର ଭିଡ଼ ଭିତରେ ଏକ 'ଓଟିଭି ପ୍ରେସ୍' ଲେଖାଥିବା ଗାଡ଼ି ନେଇ ଫସି ଯାଇଥିଲେ। ଯେଉଁ ସ୍ଥାନରେ ଲୋକମାନେ ପାଦରେ ଚାଲିଚାଲି ଯିବା କଷ୍ଟକର ହେଉଥିଲା, ସେହି ସ୍ଥାନରେ ଓଟିଭି ପ୍ରେସ୍ ଲେଖାଥିବା କାର୍ ନେଇ ତରଙ୍ଗ ଚ୍ୟାନେଲ୍‌ର କଳାକାରମାନେ ଯାତ୍ରା ମଧ୍ୟକୁ ପଶିଥିଲେ। ବୋଟ୍ ଗେଟ୍ ନିକଟରେ କୌଣସି ଗାଡ଼ିକୁ ଯିବା ନେଇ



କମିଶନରେଟ୍ ପୁଲିସ ବାରଣ କରିଥିବା ବେଳେ ସେଠାରେ ଓଟିଭି ଗାଡ଼ି ନେଇ ତରଙ୍ଗ କଳାକାରମାନେ କେମିତି ଗଲେ ବୋଲି ସାଧାରଣ ଲୋକମାନେ ପ୍ରଶ୍ନ କରିଥିଲେ। ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। ସ୍ଥିତି ଜଟିଳ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଓ ସେଥିରେ ଥିବା କଳାକାରମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲା। ଡ୍ୟୁଟିରେ ଥିବା ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ଓଟିଭି ପ୍ରେସ୍ ଲେଖା ଥିବା ଗାଡ଼ିରେ ସାମ୍ବାଦିକ ଓ କ୍ୟାମେରାମ୍ୟାନ୍ ଯିବାକୁ ଅନୁମତି ମିଳିଥିଲା। କିନ୍ତୁ ତରଙ୍ଗ କଳାକାରମାନେ ଏଭଳି କରିବା ଯୋଗୁଁ ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ।

**ଏକକ ମାର୍ଗଦର୍ଶିକା ଓ ପରୀକ୍ଷା ଫି' ଧାର୍ଯ୍ୟ ସରିଛି**

## ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି କେବେ?

ଭୁବନେଶ୍ୱର, ୯ ।୧୧(ସମିସ): ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟା ବାଟବଣା। ଦୁଇ ବର୍ଷରେ ୬୫ହଜାର ନିଯୁକ୍ତି ଦେବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ହେଁ ସ୍ନାତକ ପଢୁଆଙ୍କ ପାଇଁ ଏଯାଏ ଆଶାଜନକ ନିଯୁକ୍ତି ବାହାରିନାହିଁ। ସରକାରଙ୍କୁ ଦୁଇବର୍ଷ ପୂରିବାକୁ ଆଉ ପ୍ରାୟ ୬ ମାସ ବାକି ରହିଛି। ତେଣୁ, ଏତେ କମ୍ ସମୟ ଭିତରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କିପରି କାର୍ଯ୍ୟକାରୀ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି ବୋଲି ସରକାର କହୁଛନ୍ତି। ପରୀକ୍ଷା ପରିଚାଳନା କରିବା ପାଇଁ ଏକକ ମାର୍ଗଦର୍ଶିକା ଜାରି କରିବାଠାରୁ ଆରମ୍ଭ କରି ଖାମଖିଆଲ ଆବେଦନକାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ଫି' ଲାଗୁ ଭଳି ପଦକ୍ଷେପ ମଧ୍ୟ ନିଆଯାଇଛି। କିନ୍ତୁ ଏସବୁ ପରେ ମଧ୍ୟ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଓ ୫ ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ଦେବାକୁ ଘୋଷଣା କରିଥିଲେ। ଅନୁରୂପ ଭାବେ ଅଗଷ୍ଟ ଶେଷ ସୁଦ୍ଧା ୨୨ ହଜାର ଗ୍ରୁପ୍-ସି' ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ କହିଥିଲେ। ଏନେଇ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ହେଲେ ନିୟମିତ ଭାବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ୨୯ଟି ପଦ ବ୍ୟତୀତ

■ ୨ ବର୍ଷରେ ୬୫ ହଜାର ନିଯୁକ୍ତି ଦେବାକୁ ହୋଇଥିଲା ଘୋଷଣା
■ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ନ କଲେ ଆନ୍ଦୋଳନ ପାଇଁ ସଜବାଜ ଆଶାୟୀ

ସ୍ନାତକ ଡିଗ୍ରୀଧାରୀଙ୍କ ପାଇଁ ଅନ୍ୟ କୌଣସି ନିଯୁକ୍ତି ବାହାରିନାହିଁ। ଏହାରି ମଧ୍ୟରେ ପରୀକ୍ଷା ପରିଚାଳନା କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୨ତାରିଖରେ ଏକକ ମାର୍ଗଦର୍ଶିକା ଜାରି କରାଯାଇଛି। ପରୀକ୍ଷା କରୁଥିବା ସମସ୍ତ ଆୟୋଗ ଓ ବୋର୍ଡ ଏହି ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା କରିବେ। ସେହିପରି ଖାମଖିଆଲ୍ ମନୋଭାବ ନେଇ ଆବେଦନ କରୁଥିବା ଆଶୟୀଙ୍କ ସଂଖ୍ୟା ହ୍ରାସ କରିବାକୁ ଆବେଦନ ଫି' ଲାଗୁ କରାଯାଇଛି। ଓପିଏସ୍‌ସି ସମେତ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଓ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରୀକ୍ଷା ପାଇଁ ୨ଶହ ଟଙ୍କା ଲେଖାଏଁ ଫି' ଧାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଯାହା ପରୀକ୍ଷା ସରିବା ପରେ ପରୀକ୍ଷା ଦେଇଥିବା ପିଲାଙ୍କୁ ଫେରସ୍ତ କରାଯିବ। ସମସ୍ତ ପ୍ରକ୍ରିୟା ସରିଥିଲେ ମଧ୍ୟ ନୂତନ ନିଯୁକ୍ତି କେବେ ବାହାରିବ ବୋଲି ଆଶାୟୀମାନେ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ, ଏକାଧିକ ପରୀକ୍ଷାରେ ବିଭ୍ରାଟ ଓ ଚାକିରି ବିକ୍ରି ପରି ଘଟଣା ଆଶାୟୀଙ୍କ ମନୋବଳ ଭାଙ୍ଗୁଛି। ପ୍ରଥମେ ଫରେଷ୍ଟର୍, ଫରେଷ୍ଟଗାର୍ଡ ପରୀକ୍ଷାରେ ବ୍ୟାପକ ଜାଲିଆତି ନେଇ ଆଶାୟୀମାନେ ଆନ୍ଦୋଳନ କରିଥିଲେ। ସରକାର ଏହାକୁ ପରୋକ୍ଷରେ ସ୍ୱୀକାର କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ତଦନ୍ତ ରିପୋର୍ଟ ଲୋକଲୋଚନକୁ ଏଯାଏ ଆସି ପାରି ନାହିଁ। ଏହାପରେ ଆର୍‌ଆଇ, ଅମିନ ପରୀକ୍ଷା ଓ ଏଲ୍‌ଟିଆର୍ ଶିକ୍ଷକ ପରି ଏକାଧିକ ନିଯୁକ୍ତିରେ ବିଭ୍ରାଟ ଦେଖାଦେଇଛି। ଏପରିକି ଓପିଆର୍‌ବି ପରିଚାଳିତ ପୁଲିସ୍ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟ ଧରାପଡ଼ିଛି। ଏହାବାଦ୍ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ପ୍ରାୟ ସମସ୍ତ ନିଯୁକ୍ତି ପ୍ରକ୍ରିୟା କୋର୍ଟରେ ପହଞ୍ଚୁଛି। ତ୍ରୁଟିଯୁକ୍ତ ବିଜ୍ଞପ୍ତି, ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବିଭ୍ରାଟ ଓ ଅଦାଲତରେ ମାମଲା ପାଇଁ କ୍ରମାଗତ ଭାବେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଓଏସ୍‌ଏସ୍‌ସି ପରିଚାଳିତ ସିଜିଏଲ୍, ଏସ୍‌ଏସ୍‌ବି ପରିଚାଳିତ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, ଲାଇବ୍ରେରିଆନ୍, ଓପିଆର୍‌ବି ପରିଚାଳିତ କମ୍ୟୁନିକେସନ୍ କନେଷ୍ଟବଳ ଓ ଚାରି ହଜାରରୁ ଅଧିକ ପୁଲିସ୍ କନେଷ୍ଟବଳ, ଷ୍ଟେନୋ ଆଦି ପଦରେ ନିଯୁକ୍ତି ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଅନ୍ୟଥା ୧୫ତାରିଖ ପରେ ବଡ଼ଧରଣର ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଜଣେ ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି।

## ଘଉଡ଼ାଇବା ବେଳେ ଦଳିଦେଲା ହାତୀ

ବିଶୋଇ/ରାଇରଙ୍ଗପୁର, ୯।୧୧(ସମିସ): ଘଉଡ଼ାଇବା ବେଳେ ଦଳିଦେଲା ହାତୀ। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଅନ୍ତର୍ଗତ ତୁଳସୀବଣି ବିଟ୍ ଅଞ୍ଚଳରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୋଡ଼ାଗଡ଼ ପଞ୍ଚାୟତସ୍ଥିତ ରାଜପାଳ ଗ୍ରାମର ସଙ୍ଗା ବାରି (୫୫)।



ସୂଚନାନୁଯାୟୀ, ଶନିବାର ରାତିରେ ଏକ ଦନ୍ତା ଓ ମାଇହାତୀ ରାଜପାଳ ଗ୍ରାମ ନିକଟସ୍ଥ ବିଲରେ ପଶି ପାଚିଲା ଧାନ ଖାଉଥିଲେ। ଖବର ପାଇ ଗାଁଲୋକ ହାତୀଦ୍ୱୟଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗା ମଧ୍ୟ ସାମିଲ ଥିଲେ। ତେବେ ହାତୀଦ୍ୱୟ ହଠାତ୍ ଗ୍ରାମବାସୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ସମସ୍ତେ ସୁରକ୍ଷିତ ଭାବେ ଦୌଡ଼ି ପଳାଇଥିବା ବେଳେ ସଙ୍ଗା ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଏସିଏଫ୍ ତଥା ମଣଦା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରିଣୀ ସୁଶ୍ରୀ ଧରିତ୍ରୀ ମୁର୍ମୁଙ୍କ ସମେତ ମଣଦା ଓ ବରେହିପାଣି ରେଞ୍ଜର ସମସ୍ତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ

**ଧାନ ଫସଲ ସୁରକ୍ଷା କରିବାକୁ ଯାଇଥିଲେ**

କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ସଙ୍ଗାଙ୍କ ପରିବାର ଗରିବ ଶ୍ରେଣୀର। ଚାଷବାସ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ତେଣୁ, ସଙ୍ଗାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବନବିଭାଗ ପକ୍ଷରୁ ତାଙ୍କ ଶବ ସତ୍କାର ନିମନ୍ତେ ୯ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଘଟଣାରେ ଯଶିପୁର ପୁଲିସ ନଂ ୩୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦନ୍ତା ଆକ୍ରମଣରେ ଚାଷୀଙ୍କ ଗୋଡ଼ ଦୁଇଗଡ଼

ନୀଳଗିରି, ୯।୧୧ (ସମିସ): ରାତିରେ ହାତୀ ଉପଦ୍ରବରୁ କ୍ଷେତକୁ ବଞ୍ଚାଇବାକୁ ଯାଇ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି, ନୀଳଗିରିର ଶୈବପୀଠ ପଞ୍ଚଲିଙ୍ଗେଶ୍ୱରଠାରେ। ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ତଳେ ତଥା ପାର୍କିଂଷ୍ଟାଣ୍ଡ ନିକଟରେ ଥିବା କେନ୍ଦୁନାଳ ଗାଁର ଯୋଗେନ୍ଦ୍ର ସିଂ (୪୦) ତାଙ୍କ କ୍ଷେତକୁ ଜଗି ରହିଥିଲେ। ଶନିବାର ରାତି ପ୍ରାୟ ୧୦ଟା ବେଳେ କୁଲଡିହା ଜଙ୍ଗଲରୁ ଏକ ଦନ୍ତାହାତୀ ଉକ୍ତ କ୍ଷେତରେ ପଶି ଉପଦ୍ରବ କରିଥିଲା।



ଯୋଗେନ୍ଦ୍ରଙ୍କ ସମେତ ଅନ୍ୟ ୧୫/୨୦ ଜଣ ଚାଷୀ ଓ ବନ କର୍ମଚାରୀ ହାତୀକୁ ଘଉଡ଼ାଇଥିଲେ। ପାଟି କରିବା ସହ ହାତୀ ମୁହଁକୁ ଟର୍ଚ୍ଚ ମାରିଥିଲେ। ତେବେ ହାତୀଟି ପାଲଟା ଆକ୍ରମଣ କରିଥିଲା। ଯୋଗେନ୍ଦ୍ର ଦୌଡ଼ି ନପାରି କ୍ଷେତରେ ପଡ଼ିଯିବାରୁ ହାତୀଟି ତାଙ୍କୁ ଦଳି ଦେଇଥିଲା। ଯୋଗେନ୍ଦ୍ରଙ୍କ ଗୋଡ଼ ଦୁଇଗଡ଼ ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ସେପଟେ ଅନ୍ୟ ଚାଷୀ ଓ ବନ କର୍ମଚାରୀ ଆହତ ହୋଇଥିଲେ ହେଁ ହାତୀକୁ ପାଟି କରି ଘଉଡ଼ାଇବାରୁ ଚାଷୀଜଣଙ୍କ ଅଳ୍ପକେ ବଞ୍ଚି ଯାଇଛନ୍ତି। ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

**ବାଲି ଟ୍ରାକ୍ଟର୍ ଜବତରୁ ପୁଲିସ-ଗ୍ରାମବାସୀ ମୁହାଁମୁହିଁ**

## ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ

ମୋରଡ଼ା, ୯ ।୧୧(ସମିସ): ବାଲି ବୋଝେଇ ଟ୍ରାକ୍ଟର୍ ଜବତକୁ ନେଇ ପୁଲିସ ସହ ଗ୍ରାମବାସୀଙ୍କ ମୁହାଁମୁହିଁ। ଏପରିକି, ପୁଲିସକୁ ଘଣ୍ଟାଏ ଅଟକ ରଖିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ସଂପୃକ୍ତ ଟ୍ରାକ୍ଟର୍‌ର ମାଲିକଙ୍କୁ ଗିରଫ କରିଛି। ଏହାସହ ପୁଲିସ ୧୦ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ୧୦ଜଣଙ୍କ ନାମରେ ମାମଲା
■ ଟ୍ରାକ୍ଟର୍ ମାଲିକ ଗିରଫ

ସୂଚନାନୁଯାୟୀ, ଜମ୍ବୀରା ନଦୀର ଠେଙ୍ଗାତାଣ୍ଡି ନଦୀଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଏହି ସମୟରେ ପୁଲିସ ସେଠାରୁ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଜବତ କରି ଥାନାକୁ ନେଉଥିଲା। କିନ୍ତୁ ଗ୍ରାମବାସୀ ସେଠାରେ ପହଞ୍ଚି ପୁଲିସକୁ ଅଟକାଇଥିଲେ। ଉକ୍ତ ଟ୍ରାକ୍ଟର୍‌କୁ ଛାଡ଼ି ନଥିଲେ। ଫଳରେ ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀମାନେ ପୁଲିସକୁ ପାଖାପାଖି ୧ଘଣ୍ଟା ଧରି ଅଟକ ରଖିଥିଲେ। ତେବେ ଥାନା ଅଧିକାରୀ ସୁମିତ କୁମାର ସୋରେନ୍‌ଙ୍କ ନିର୍ଦ୍ଦେଶରେ ଏକ ସେକ୍ସନ୍ ଫୋର୍ସ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଜବତ



ବାଲି ଟ୍ରାକ୍ଟର୍‌କୁ ଥାନାକୁ ଆଣିଥିଲା। ଏହି ଘଟଣାରେ ପୁଲିସ ଟ୍ରାକ୍ଟର୍ ମାଲିକ କୁଆଁର ମୁର୍ମୁଙ୍କୁ ଗିରଫ କରିଛି। ଏହାସହ ୧୦ ଗ୍ରାମବାସୀଙ୍କ ନାଁରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀ ସୋରେନ ସୂଚନା ଦେଇଛନ୍ତି।

## ବିଶୃଙ୍ଖଳା ସୃଷ୍ଟି ପାଇଁ ଛତିଶଗଡ଼ ଅପରାଧୀଙ୍କୁ ନୂଆପଡ଼ା ଆଣିଛି ବିଜେପି: ବିଜେଡି



■ ମତଦାନ ନିମନ୍ତେ ଠିକଣା ସମୟରେ ପହଞ୍ଚିଲା ନାହିଁ ଇଭିଏମ
■ ଜିଲ୍ଲା ପ୍ରଶାସନ ବିରୋଧରେ ପକ୍ଷପାତିତା ଅଭିଯୋଗ ଆଣିଲା ବିଜୁ ଜନତା ଦଳ
■ ବିଭ୍ରାନ୍ତିକର ଏଆଇ ଭିଡିଓ ପ୍ରସାର କରୁଛି ବିଜେପି ଆଇଟି ସେଲ୍

ଭୁବନେଶ୍ୱର, ୯।୧୧(ସମିସ): ନୂଆପଡ଼ା ଉପ ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ଆଜି ବିଜୁ ଜନତା ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପି ବିରୋଧରେ ଆଣିଛି ସଙ୍ଗୀନ ଅଭିଯୋଗ। ଯଥାଶୀଘ୍ର ନିର୍ବାଚନ ଆୟୋଗ ଏହା ଉପରେ କର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦୃଢ଼ ଦାବି ଉପସ୍ଥାପନ କରିଛି ବିଜେଡ଼ି। ଅଭିଯୋଗ ଅନୁସାରେ ନୂଆପଡ଼ା ଉପନିର୍ବାଚନରେ ଅରାଜକତା ଓ ହିଂସା କାଣ୍ଡ ଘଟାଇବା ପାଇଁ ବିଜେପି ନେତାମାନେ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣିଛନ୍ତି। ଭୋଟରଙ୍କୁ ଭୟଭୀତ କରିବା ସେମାନଙ୍କ ଉଦ୍ଦେଶ୍ୟ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲ୍ଲାରୁ ବାହାର କରାଯାଉ ବୋଲି ବିଜେଡି ଦାବି କରିଛି। ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ସ୍ଥାନରେ ଇଭିଏମ ପହଞ୍ଚି ନାହିଁ। ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା ଗୁରୁତର ତ୍ରୁଟି।

ସେହିପରି ଅନ୍ୟ ଏକ ଅଭିଯୋଗ ପତ୍ରରେ ବିଜେଡି ଦର୍ଶାଇଛି ଯେ ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ବିଜେଡି ସହ ପକ୍ଷପାତିତା କରୁଛନ୍ତି। ବିଜେପି ନିର୍ଦ୍ଦେଶରେ ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରିଦିଆ ଯାଉଛି। ମାତ୍ର ବିଜେପି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ରହିଥିଲେ ସୁଦ୍ଧା ତାକୁ ବାହାର କରିବା ପାଇଁ ପ୍ରଶାସନର ହାତ ଯାଉନି। ଏହା ବ୍ୟତୀତ ବିଜେପି ଆଇଟି ସେଲ୍ କୃତ୍ରିମ ବୁଦ୍ଧିମତା (ଏଆଇ)ର ବେଆଇନ ବ୍ୟବହାର କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ବିଜେଡିର ବରିଷ୍ଠ ନେତାମାନଙ୍କ କପୋଳକଳ୍ପିତ ଭିଡିଓ, ଫଟୋ ଆଦି ପ୍ରସ୍ତୁତ କରିବ ସହ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଛି। ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏହା ବିଜେପିର ବହୁତ୍ ବଡ ଷଡ଼ଯନ୍ତ୍ର ବୋଲି ବିଜେଡି କହିଛି। ତେଣୁ ତୁରନ୍ତ ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛି।

## ଅପଶବ୍ଦ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ ଭୁଲ୍ ମାଗନ୍ତୁ: ଭକ୍ତ

ଭୁବନେଶ୍ୱର, ୯।୧୧(ସମିସ): ଏକ ସାଧାରଣ ସଭା ଓ ମା' ଭଉଣୀଙ୍କ ସାମ୍ନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପଶବ୍ଦ ପ୍ରୟୋଗ କରିଛନ୍ତି। ଏଭଳି ଶବ୍ଦ ବ୍ୟବହାର କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ହେଲେ ଜଣେ ମୁଖ୍ୟମନ୍ତ୍ରୀ ହୋଇ ଯେପରି ଅପଶବ୍ଦ ବ୍ୟବହାର କରିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ।

ରବିବାର ନୂଆପଡ଼ା ଉପନିର୍ବାଚନ ପ୍ରଚାର ଶେଷ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ତାହା ମୁଁ ବ୍ୟବହାର କରି ପାରିବି ନାହିଁ। ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଏପରି ଶବ୍ଦ କିପରି ବ୍ୟବହାର କଲେ ତାହା ଆମକୁ ଆଶ୍ଚର୍ଯ୍ୟ କରିଛି। କୌଣସି ବ୍ୟକ୍ତି ପ୍ରତି ସାଧାରଣ ସ୍ଥାନରେ ଏଭଳି ଅପଶବ୍ଦ ବ୍ୟବହାର ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ ଓ ଏହା ଫୌଜଦାରୀ ଅପରାଧ ଶ୍ରେଣୀ ଅନ୍ତର୍ଭୁକ୍ତ। ସର୍ବସାଧାରଣରେ ମାଆଭଉଣୀଙ୍କ ସାମ୍ନାରେ ଏଭଳି ଅପଶବ୍ଦ ବ୍ୟବହାର କରିବା ଯୋଗୁଁ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ଏଭଳି ଅଶୋଭନୀୟ ବ୍ୟବହାର ପାଇଁ ରାଜ୍ୟବାସୀଙ୍କ ଆଗରେ ଭୁଲ ପ୍ରାର୍ଥନା କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ହେଲିକପ୍ଟର ଦେଖିବାକୁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏ ଅଞ୍ଚଳର ଦାଦନ ଦୁଃଖ ଅବର୍ଣ୍ଣନୀୟ। ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ, ତିଖାଲୀ ଡ୍ୟାମରୁ ପାଣି ମିଳୁନାହିଁ, ମହିଳା କଲେଜ ନାହିଁ, ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଉପକରଣ ନାହିଁ, ବିଶେଷଜ୍ଞ ନାହାନ୍ତି, ବେକାରୀ, ଚୁକ୍ତି ଭିତ୍ତିକ ଚାକିରି ଆଦି କଥା କହିଲେ




ନ ସରେ। ଏସବୁ ସମସ୍ୟାର ସମାଧାନ କଥା ନ କହି ମୁଖ୍ୟମନ୍ତ୍ରୀ ନୂଆ ହେଲିକପ୍ଟର ଦେଖିବାକୁ ଲୋକଙ୍କୁ

■ ମୁଖ୍ୟମନ୍ତ୍ରୀଙ୍କ ଏପରି ମନୋଭାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ
■ ହେଲିକପ୍ଟର ଦେଖିବାକୁ କହିବା ନୂଆପଡ଼ାବାସୀଙ୍କୁ ଉପହାସ

କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସୁନାବେଡ଼ା ଉପର ଦେଇ ଶହ ଶହ ବିମାନ ବର୍ତ୍ତମାନ ରାୟପୁର ଗତାଗତ କରୁଛି; ଆଉ ସେ ହେଲିକେପ୍ଟର ଦେଖିବା ଯୁଗ ନାହିଁ। କିଛି ବିକାଶମୂଳକ କାର୍ଯ୍ୟ ଯଦି କରିଥାନ୍ତେ ତେବେ ହେଲିକେପ୍ଟର ଦେଖିବାପାଇଁ ଲୋକଙ୍କୁ ଡାକି ହସର ପାତ୍ର ହେବାକୁ ପଡ଼ି ନଥାନ୍ତା। ବିଜେପି ଗୋଟିଏ ସଭା ପାଇଁ ୧୫/ ୨୦ ଲକ୍ଷ ଟଙ୍କାର ପୋଷ୍ଟର ଓ ହୋର୍ଡିଂରେ ଖର୍ଚ୍ଚ କରୁଛି। ସାରା ସହରର ଗଛ ଓ ବିଜୁଳି ଖୁଣ୍ଟରେ ପୋଷ୍ଟର ଲାଗିଛି। କେବଳ ପୋଷ୍ଟର ଓ ପତାକାରେ ବିଜେପି ଦୁଇ/ ତିନି କୋଟି ଖର୍ଚ୍ଚ କରିଛି। ଡିଜେ ପ୍ରଚାର ଗାଡ଼ି ରାସ୍ତା ଅବରୋଧ କରି ଘଣ୍ଟା ଘଣ୍ଟା ରହୁଛି। ସଭାକୁ ବସରେ ବାହାର ଲୋକଙ୍କୁ ହଜାର ହଜାର ସଂଖ୍ୟାରେ ଅଣାଯାଉଛି। ଲୋକଙ୍କ ଭିଡ ଦେଖି ଦଳ ପ୍ରତି ସମର୍ଥନ ଅଛି ବୋଲି ପ୍ରୋପାଗଣ୍ଡା କରାଯାଉଛି। ମାତ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଟିର ସନ୍ତାନ ଓ ସେ ସତ୍ୟପଥରେ ଅଛନ୍ତି। ତାଙ୍କ ବିଜୟ ନିଶ୍ଚିତ। ବିଜୟ ହେବା ଦିନଠୁ ନୂଆପଡାର ଜୟଯାତ୍ରା ଆରମ୍ଭ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

**ନେତାଙ୍କ ଏସ୍କର୍ଟ ନିଶା**

## ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି

ଭୁବନେଶ୍ୱର, ୯।୧୧(ସମିସ): ରାଜ୍ୟରେ ଦିନକୁ ଦିନ ଭିଆଇପି ଓ ଭିଭିଆଇପି କଲ୍‌ଚର ବଢ଼ିବାରେ ଲାଗିଛି। ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନ ନ୍ୟାୟାଧୀଶ ଏବଂ ଭ୍ରମଣକାରୀ ଭିଭିଆଇପିମାନଙ୍କୁ ସରକାର ଏସ୍କର୍ଟ ଓ ସାଇରନ୍ ଥିବା ଗାଡି ପ୍ରଦାନ କରୁଥିଲେ। ବ୍ୟବସ୍ଥା ଅନୁସାରେ ଏହା ଅନିବାର୍ଯ୍ୟ ଥିଲା। ମାତ୍ର ଏବେ ଅନେକ ଅନଧିକୃତ ଭିଆଇପି ଓ ଭିଭିଆଇପିଙ୍କୁ ଏସ୍କର୍ଟ ଓ ସାଇରନଥିବା ଗାଡ଼ି ନେଇ ରାଜ୍ୟ ଓ ରାଜଧାନୀରେ ବୁଲୁଥିବାରୁ ଅଯଥା ସାଧାରଣ ଲୋକଙ୍କୁ ଟ୍ରାଫିକ୍ ସମସ୍ୟା ଭୋଗିବାକୁ ପଡୁଛି। ଏହାକୁ ନେଇ ସରକାର ଓ ନ୍ୟାୟପାଳିକାଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି ମାନବାଧିକାର କର୍ମୀ ଅଖଣ୍ଡ। ଗୃହ ବିଭାଗ ଏ ସଂକ୍ରାନ୍ତ ନିୟମର କଡ଼ାକଡ଼ି ଅନୁପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

ଅଭିଯୋଗ ଅନୁସାରେ ପ୍ରଥମେ ଜଣେ ଦୁଇ ଜଣ ନିର୍ବାଚିତ ଲୋକପ୍ରତିନିଧି ଏହି ନିୟମକୁ ଉଲ୍ଲଙ୍ଘନ କରୁଥିଲେ। ଏବେ ଏହି ନିୟମର ବହୁଳ ଭାବେ ଉଲଙ୍ଘନ ହେଉଛି ଓ ଅନେକ ନେତା ଓ କଥିତ ଭିଆଇପିଙ୍କୁ ପୁଲିସ ଏସ୍କର୍ଟ ନିଶା ଲାଗି ଯାଇଛି। ଏପରିକି କିଛି ବିଧାୟକ ଓ ସାଂସଦ ବି ରାଜଧାନୀ ଭିତରେ ସାଇରନ୍ ଥିବା ପୁଲିସ ଏସକର୍ଟ ବ୍ୟବହାର କରୁଛନ୍ତି। ଏଭଳି ଅନଧିକୃତ ଭିଆଇପି ବ୍ୟବସ୍ଥା ଆଇନ୍ ବିରୋଧୀ ହୋଇଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟାକୁ ଦୁଇଗୁଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସରକାରୀ ନିୟମ ଅନୁସାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟଗୁଡ଼ିକର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ସୁପ୍ରିମକୋର୍ଟ ବିଚାରପତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ବ୍ୟକ୍ତି, କ୍ୟାବିନେଟ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ରାଷ୍ଟ୍ରଦୂତ, କନ୍‌ସୋଲେଟ୍ ଅଫିସ୍, ବିଦେଶୀ ଅତିଥିମାନେ ସାଇରନ୍‌ଯୁକ୍ତ ପୁଲିସ ଏସ୍କର୍ଟ ପାଇଥାଆନ୍ତି। ମାତ୍ର ଭୁବନେଶ୍ୱରରେ କେତେକ ବିଧାୟକ, ସାଂସଦ ଏବଂ ଅଧିକାରହୀନ ବ୍ୟକ୍ତିମାନେ ସାଇରେନ ଯୁକ୍ତ ପାଇଲଟ୍ ଯାନ ବ୍ୟବହାର କରୁଥିବାର ଦେଖାଯାଇଛି। ଯାହା ମୋଟର ଯାନ (ଲାଲ୍, ନୀଳ ବା ବିବିଧ ରଙ୍ଗର ଆଲୋକର ବ୍ୟବହାର) ନିୟମ ୨୦୧୭ ଏବଂ ରାଜ୍ୟ ପ୍ରୋଟୋକଲ୍ ନିୟମର ବିରୋଧାଚରଣ କରୁଛି। ଏହି ଅନଧିକୃତ ପୁଲିସ୍ ଏସକର୍ଟ ଯାନର ବ୍ୟବହାର ଜନସାଧାରଣଙ୍କ ମଧ୍ୟରେ ଅସୁବିଧା ଓ ଆତଙ୍କ ସୃଷ୍ଟି କରିବା ସହିତ ରାସ୍ତାରେ ଟ୍ରାଫିକ୍ ପୁଲିସ୍‌ଙ୍କୁ ବି ବିଭ୍ରାନ୍ତ କରୁଛି। ସାଇରେନ ଏବଂ ପାଇଲଟ୍ ଯାନର ବ୍ୟବହାରକୁ ଗୃହ ବିଭାଗର ପ୍ରୋଟୋକଲ୍ ତାଲିକାରେ ଅଧିକୃତ ଭିଭିଆଇପିମାନଙ୍କ ପାଇଁ କଡ଼ାକଡ଼ି ସୀମିତ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଡିଜିପି ଏବଂ ପରିବହନ କମିସନରଙ୍କୁ ଏହି ଅବୈଧ ଅଭ୍ୟାସକୁ ତୁରନ୍ତ ବନ୍ଦ କରିବାକୁ, ଅଧିକାର ରେକର୍ଡ ଯାଞ୍ଚ କରିବାକୁ ଏବଂ ଅନଧିକୃତ ବ୍ୟବହାର ଅନୁମତି ଦେଉଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଦାୟିତ୍ୱ ନିର୍ଦ୍ଧାରଣ କରି ରାସ୍ତାରେ ଜନସାଧାରଣର ସୁରକ୍ଷା ଓ ଶୃଙ୍ଖଳା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ନବୀନଙ୍କ ପ୍ରଚାରରୁ ଦଳକୁ ମିଳିବ ଫାଇଦା:ବିଜେଡି

ଭୁବନେଶ୍ୱର, ୯।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଭୋଟ ପଡ଼ିବାକୁ ୨୪ ଘଣ୍ଟା ବାକି ଥିବାବେଳେ ରବିବାର ସଂଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ନିର୍ବାଚନ ପାଇଁ ତାରିଖ ଘୋଷଣା ଓ ପ୍ରାର୍ଥିପତ୍ର ଦାଖଲ ପରଠାରୁ ଭୋଟରଙ୍କ ମନ ଜିଣିବାରେ ବିଜେଡି କୌଣସି ସୁଯୋଗ ହାତଛଡା କରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆରମ୍ଭରୁ ହାଇଭୋଲଟେଜ୍ ପ୍ରଚାର ମାଧ୍ୟମରେ ନୂଆପଡ଼ା ବିଧାନସଭା କ୍ଷେତ୍ରର କୋଣ ଅନୁକୋଣରେ ପହଞ୍ଚି ଲୋକଙ୍କ ବିଶ୍ୱାସ ଜିତିବାରେ ବେଶ୍ ସଫଳ ହୋଇଛନ୍ତି।

**ମତଦାନରେ ହେବ ଜନ ଆକ୍ରୋଶର ପ୍ରତିଫଳନ**

ତେବେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁଇ ଦୁଇ ଥର ଦମ୍‌ଦାର୍ ପ୍ରଚାର ପରେ ଦଳ ସପକ୍ଷରେ ନିର୍ବାଚନୀ ହାୱା ବେଶ୍ ଗତିଶୀଳ ଥିବା ଭୋଟରଙ୍କ ହାବଭାବରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ବିଜେଡି ଦାବି କରିଛି।

ଦଳ ପକ୍ଷରୁ କୁହାଯାଇଛି, ନୂଆପଡ଼ାରେ ପୁଣିଥରେ ନବୀନ ମ୍ୟାଜିକ ଚଳାଇବା ପାଇଁ ଭୋଟର ପ୍ରସ୍ତୁତ ହୋଇସାରିଛନ୍ତି। ରୋଡ୍ ଶୋ', ଜନସଭା, ପଥପ୍ରାନ୍ତ ସଭା, ପଦଯାତ୍ରା କରି ବିଜେଡିର ବରିଷ୍ଠ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଶ୍ରୀମତୀ ଛୁରିଆ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଲୋକଙ୍କ ସମସ୍ୟା ଦୂର କରିବା ସହ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସେ ନିବେଦନ କରିଛନ୍ତି। ନୂଆପଡାରେ ପାନୀୟ ଜଳ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, ଗାଁରେ କର୍ମନିଯୁକ୍ତି, ସ୍ୱାସ୍ଥ୍ୟ ଓ ରାସ୍ତାଘାଟ ସମସ୍ୟାରୁ ନିସ୍ତାର ଦେବା ପାଇଁ ଶ୍ରୀମତୀ ଛୁରିଆ କଥା ଦେଇଛନ୍ତି। ବିଜେପି ସରକାର ଅଟକାଇ ରଖିଥିବା କାମ ପୁନଃ ଚାଲୁ କରିବା ପାଇଁ ଶ୍ରୀମତୀ ଛୁରିଆ ଦମ୍ଭୋକ୍ତି ପ୍ରକାଶ କରିବା ସହ ବିଜେପିର ଜନବିରୋଧୀ ଶାସନ ବିରୋଧରେ ନୂଆପଡ଼ା ମାଟିରୁ ଆକ୍ରୋଶର ପ୍ରତିଫଳନ ପାଇଁ ସେ ଆହ୍ୱାନ ଜଣାଇଛନ୍ତି।

ବିଜେଡି ନେତୃବୃନ୍ଦ କହିଛନ୍ତି, ବିଜେପି ଯେତେ ପ୍ରକାର ବେଆଇନ କାମ କଲେବି ଲୋକଙ୍କ ହୃଦୟକୁ ଜିତିପାରିବ ନାହିଁ। ଆଜିବି ନୂଆପଡ଼ାବସୀଙ୍କ ଜନମାନସର ନେତା କେବଳ ନବୀନ ପଟ୍ଟନାୟକ। ପୂର୍ବରୁ ସେମାନେ ନବୀନ ବାବୁଙ୍କୁ ଆଶୀର୍ବାଦ କରିଥିଲେ, ଚଳିତ ଉପନିର୍ବାଚନରେ ମଧ୍ୟ ତାହାର ପ୍ରତିଫଳନ ନିଃସନ୍ଦେହ ବୋଲି ବିଜେଡି କହିଛି।

## ଗଞ୍ଜାମ କବିତା ଘରର ବାର୍ଷିକ ଉତ୍ସବ



ରମ୍ଭା, ୯ ।୧୧(ସମିସ): ବ୍ରହ୍ମପୁର ସର୍କିଟ ହାଉସ ସଭାଗୃହରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟର ଏକାଦଶ ବାର୍ଷିକ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ାରୁ ସମ୍ପାଦକ ବନମାଳି ସେନାପତି ମୁଖ୍ୟଅତିଥି, ଫୁଲବାଣୀରୁ କବି ବିଦେଶୀ ନାୟକ ସମ୍ମାନିତ ଅତିଥି, ଖଲ୍ଲିକୋଟରୁ କବି ସୁଧାଂଶୁ ଶେଖର ସାହୁ ଓ ଭୁବନେଶ୍ୱରରୁ ଶିକ୍ଷା ପ୍ରଶାସକ ଅବିନାଶ ଶତପଥି ସମ୍ମାନିତ ଅତିଥି, ଡ଼ା ରାଜେନ୍ଦ୍ର କୁମାର ବେହେରା ସଭାପତି ଓ ଭାଗୀରଥି ବେହେରା ସଞ୍ଚାଳକ ଆସନରେ ଆସୀନ ଥିଲେ । କବି ଗୋପୀନାଥ ଦାଶଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, ଧର୍ମାନନ୍ଦ ମହାରଣାଙ୍କୁ ଜିଲ୍ଲାସ୍ତରୀୟ କବିତା ସମ୍ମାନ, ପ୍ରହଲ୍ଲାଦ ବେହେରାଙ୍କୁ ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ସରୋଜବାଳା ପଟ୍ଟନାୟକଙ୍କୁ ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ, କରାଯାଇଥିଲା । ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୫ ', ସ୍ୱତନ୍ତ୍ର ସଂକଳିତ କବିତା ସଙ୍କଳନ 'ମାଆ', ଭାଗୀରଥି ବେହେରାଙ୍କ ଦୁଇଟି ଉପନ୍ୟାସ ତୃତୀୟ ପୁରୁଷ, ମାନବ ହିନ୍ଦୀ ସଂସ୍କରଣ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ଗୀତିନାଟ୍ୟ' ସାଧବ କନ୍ୟା' ଉନ୍ମୋଚିତ ହୋଇଥିଲା । ସହ ସଂପାଦକ ଧର୍ମାନନ୍ଦ ମହାରଣାଙ୍କ ସହ ଭାଗିରଥୀ ପଣ୍ଡା, ଜୟନ୍ତୀ ବେହେରା, ଶେଷଦେବ ବେହେରା, ସୁଦାମ ପାଣିଗ୍ରାହୀ, ରବି ନାରାୟଣ ମିଶ୍ର, ରବି ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ପୋଲସରା, ୯ ।୧୧(ସମିସ): ଶ୍ରୀଜଗନ୍ନାଥ ଚେତନା ଜାଗରଣ ଟ୍ରଷ୍ଟ ପକ୍ଷରୁ ଆସନ୍ତା ନଭେମ୍ବର ୨୭ ତାରିଖ ଠାରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ପାଞ୍ଚ ରାତ୍ର ପ୍ରବଚନ, ପରାୟଣ ଓ ଘୃତଯଜ୍ଞ ଅନୁଷ୍ଠିତ ହେବ । ଏନେଇ ରବିବାର ପୋଲସରା ଷ୍ଟେଟବ୍ୟାଙ୍କ ଛକ ନିକଟରେ ଥିବା ପଡ଼ିଆରେ ଶ୍ରୀଜଗନ୍ନାଥ ଚେତନା ଟ୍ରଷ୍ଟ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ବିଶିଷ୍ଟ ପଣ୍ଡିତ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣ ସାହିରେ ଥିବା ଦଧିବାବନ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇଥିଲେ । ପଞ୍ଚରାତ୍ର ନିମନ୍ତେ ସଭାପତି ଯଜ୍ଞନାରାୟଣ ସାହୁ, ସଂପାଦକ ରବିନାରାୟଣ ପୃଷ୍ଟି, ଉପସଭାପତି ପ୍ରତାପ ପ୍ରଧାନ, ସନ୍ତୋଷିନୀ ତ୍ରିପାଠୀ, ବବିତା ବେହେରା, ନର୍ମଦା ପୃଷ୍ଟି, ରଶ୍ମିତା ବେହେରା, ସବିତା ପ୍ରଧାନ ପ୍ରମୁଖ ବହୁ ଶ୍ରଦ୍ଧାଳୁ ମହିଳା ପୁରୁଷ ମାନେ ଉପସ୍ଥିତ ଥିଲେ ।

## ଜାତୀୟ ଆଇନ ସେବା ଦିବସ ପାଳିତ




ଛତ୍ରପୁର, ୯ ।୧୧(ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ୟୁରୋ ସ୍କୁଲ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏଥିରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ ଅଧ୍ୟକ୍ଷତା କରିଜାତୀୟ ଆଇନ ସେବା ଦିବସ ସଂପର୍କରେ ଆଲୋକପାତ କରିବା ସହିତ ଆଇନର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୟୁରୋ ସ୍କୁଲର ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର, ଏସଡିଜେଏମ ପ୍ରିତିଶ କୁମାର ରଥ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଓ ତାଲୁକ ଆଇନ ସେବା କମିଟି ସଦସ୍ୟ ମନୋଜ କୁମାର ପାଢି ପ୍ରମୁଖ ଯୋଗଦେଇ ସେବା କମିଟ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଏକାଡେମୀ ଡାଇରେକ୍ଟର ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଆଇନ ସେବା ଦିବସ

ଆସିକା, ୯ ।୧୧(ସମିସ): ଆସିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋଜ କୁମାର, ବିଚାରପତି ଗୀତାଞ୍ଜଳି ନାଇଡୁ, ବିଚାରପତି ମୋହିନୀ, ଓକିଲ ସଙ୍ଘର ସଭାପତି ଅଜିତ କୁମାର ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପ ସଭାପତି ଛବିଳ ରାମ ମିଶ୍ର ଉପସ୍ଥିତ ଥିଲେ । ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଏବଂ ଆଇନ ଅନୁଯାୟୀ ସମାନ ସୁରକ୍ଷା ପ୍ରଦାନ କରେ । କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ଅଜିତ ପଟ୍ଟନାୟକ, ସଞ୍ଜୟ ପାତ୍ର, ପ୍ରିୟାଂଶୁ ପରିଡା, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଅନିଲ ପାଣିଗ୍ରାହୀ, ଦେବରାଜ ମିଶ୍ର, ସୁଧାଂଶୁ ପାଣିଗ୍ରାହୀ, ପ୍ରଶ୍ନ ବିଷୋୟୀ, ଅମ୍ବିକା ରଥ, ହରିହର ସ୍ୱାଇଁ, ହର୍ଷ ରଞ୍ଜନ ପାଢ଼ୀ, ରୁଦ୍ର ପାଣିଗ୍ରାହୀ, ଯଜ୍ଞ ଆଚାରୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

● ଜିଲ୍ଲାସ୍ତରୀୟ 'ସୁରଭି'

## ବେଲଗୁଣ୍ଠାର ୨ ଛାତ୍ରୀଙ୍କ କୃତିତ୍ୱ

ବେଲଗୁଣ୍ଠା, ୯ ।୧୧(ସମିସ): ବ୍ରହ୍ମପୁର ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବ୍ଲକର ଦୁଇ ଜଣ ଛାତ୍ରୀ କୃତିତ୍ୱ ହାସଲ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ବରିଷ୍ଠ ବିଭାଗରେ କେ ନୂଆଁଗଡ଼ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ପ୍ରଧାନ 'ମୋ ସ୍ୱପ୍ନର ଓଡ଼ିଶା, ପ୍ରସ୍ତୁତି ଓ ପ୍ରଗତି' ଶୀର୍ଷକରେ ସୃଜନଶୀଳ ଲିଖନରେ ଶ୍ରେଷ୍ଠ ଓ ଏକାଦଶ/ ଦ୍ୱାଦଶ ଶ୍ରେଣୀ ବିଭାଗରେ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଲିପ୍ସାରାଣୀ ବିଷୋୟୀ 'ଆଧୁନିକତା,ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସମୃଦ୍ଧ ଓଡ଼ିଶା' ଶୀର୍ଷକ ପ୍ରବନ୍ଧ ଲିଖନରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ 'ସୁରଭି'କୁ ମନୋନୀତ ହୋଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପ୍ରଧାନ, ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀ, ଗାଇଡ୍ ଶିକ୍ଷକ କରୁଣାକର ବିଷୋୟୀ, ଅଧ୍ୟାପକ ତ୍ରିନାଥ ବେହେରା, ସମସ୍ତ ସିଆରସିସି ପ୍ରମୁଖ କୃତୀ ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି ।



### ପ୍ରଶାସନିକ ବିଫଳତା ନା ଜନପ୍ରତିନିଧିଙ୍କ ଅବହେଳା

# ମୌଳିକ ସୁବିଧାରୁ ବଞ୍ଚିତ ତିନି ଗ୍ରାମବାସୀ

ହୁମ୍ମା/ଗଞ୍ଜାମ, ୯ ।୧୧(ସମିସ)



ଗ୍ରାମାଞ୍ଚଳ ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି । ହେଲେ ପ୍ରଶାସନିକ ବିଫଳତା ତଥା ଜନପ୍ରତିନିଧିଙ୍କ ଅବହେଳା କାରଣୁ ଏବେ ବି ଅନେକ ଗାଁ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଭଳି ମୌଳିକ ସୁବିଧା ପହଞ୍ଚି ପାରିନି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକର ସୁବଳୟା ପଞ୍ଚାୟତ ଅଧିନସ୍ତ ବାହାଡାପଲ୍ଲୀ, ଡିଏନଟି କଲୋନୀ, ସୂର୍ଯ୍ୟନାରାୟଣପୁର ଭଳି ତିନି ଗାଁରେ । ଗାଁକୁ ଭଲ ରାସ୍ତା ଖଣ୍ଡିଏ ନଥିବା ବେଳେ ପହଞ୍ଚି ପାରୁନାହାନ୍ତି କୌଣସି ସରକାରୀ ଅଧିକାରୀ । ଗାଁର ଅଧିକାଂଶ ଲୋକ ଦିନ ମଜୁରିଆ । ଏହି ଗାଁକୁ ଯିବାକୁ ହେଲେ ପାହାଡ଼ିଆ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡ଼େ । ଗାଁରେ ଅଙ୍ଗନବାଡି କି ବିଦ୍ୟାଳୟ ନାହିଁ । ଫଳରେ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । କିଛି ପିଲା ନିକଟବର୍ତ୍ତୀ ଗାଁ ମାନଙ୍କୁ ଯାଇ ଶିକ୍ଷା ଗ୍ରହଣ କରୁଛନ୍ତି । ଭଲ ରାସ୍ତାଟିଏ ନଥିବାରୁ ଗାଁକୁ ଯାଇପାରେ ନାହିଁ ଆମ୍ବୁଲାନ୍ସ । ରାତି ହେଲେ ଅନ୍ଧାରରେ ହଜିଯାଏ ପୁରା ଗାଁ । କାରଣ ଗାଁରେ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ ବିଦ୍ୟୁତ ସେବା । ଚାରିପଟେ ଜଙ୍ଗଲ ଥିବାରୁ ରାତିରେ ବନ୍ୟଜନ୍ତୁଙ୍କ ଭୟ । ସେପଟେ ଗାଁରେ ନାହିଁ ବିଶୁଦ୍ଧ ପାନୀୟ ଜଳ । ନଳକୂଅ ଅଛି ମାତ୍ର ଆଇରନ ମିଶା ପାଣି ବାହାରୁଛି ।

ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି । ହେଲେ କୌଣସି ସୁଫଳ ମିଳିନି । ତେବେ ତିନି ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପଞ୍ଚାୟତିରାଜ ସଚିବଙ୍କ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ



ଗଞ୍ଜାମ, ୯ ।୧୧(ସମିସ): ଗଞ୍ଜାମ ବ୍ଲକ ମଲାଡ଼ରେ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ପଞ୍ଚାୟତିରାଜ ବିଭାଗ ସଚିବ ତଥା କମିଶନର ଗିରିଶ ଏସଏନ ପରିଦର୍ଶନ କରିଛନ୍ତି । ଏହି ପ୍ରକଳ୍ପ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ଯାଏ କାହିଁକି ସମ୍ପୂର୍ଣ୍ଣ ହୋଇନାହିଁ ପଚାରି ବୁଝିଥିଲେ । ପ୍ରକଳ୍ପରୁ କେତେ ପରିମାଣର ଜଳ ଯୋଗାଣ ହେଉଛି, ଉକ୍ତ ସ୍ଥାନକୁ ପାଣି ଯୋଗାଣ ସମୟରେ କେଉଁ ସମସ୍ୟା ସୃଷ୍ଟି ହେଉଛି, ପ୍ରକଳ୍ପରେ କର୍ମଚାରୀ ସଂଖ୍ୟା, ସେମାନଙ୍କ ଯୋଗ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ ।

ଏହି ଅବସରରେ ବିଡିଓ ଅଚ୍ୟୁତାନନ୍ଦ ଜାନି, ସ୍ଥାନୀୟ ସରପଞ୍ଚ ମମତା ବେହେରା, ସୁପରିଟେଣ୍ଡ ଇଞ୍ଜିନିୟର ବିକାଶ ପତି, ଏସଡିଓ ସନ୍ତୋଷ କୁମାର ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଅଚ୍ୟୁତାନନ୍ଦ ପଟନାୟକ, ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସପନ କୁମାର ପାଢ଼ୀ, ପ୍ରକଳ୍ପ ପିଏମ ବ୍ରହ୍ମାନନ୍ଦ ରେଡି, ଏଏମ ଭେଙ୍କେଟଶ, ଲ୍ୟାବ ଆସିଷ୍ଟାଣ୍ଟ ଅରୁଣ ମହାପାତ୍ର, ପିଇଓ କେ. ପୋଟଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜେଇ ସହ ଅଟୋ ଜବତ; ଜଣେ ଗିରଫ



ସାନଖେମୁଣ୍ଡି, ୯ ।୧୧(ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ପୁଲିସ ଦିଗପହଣ୍ଡି-ମୋହନା ମୁଖ୍ୟରାସ୍ତା ପୋଡ଼ାମାରି ପୁଲିସ ଫାଣ୍ଡି ନିକଟରୁ ରବିବାର ଏକ ଯାତ୍ରୀବାହୀ ଅଟୋରୁ ୧୦୬ କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କ ହେଲେ ଅଡ଼ବା ଥାନା ଅଞ୍ଚଳର ଜମରାଜ ମାଝୀ । ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୋଡ଼ାମାରି-ତପ୍ତପାଣି ମୁଖ୍ୟରାସ୍ତାରେ ପାଟପୁର ଥାନା ଏସ୍ଆଇ ସୁଲେମାନ ଭୂୟାଁ ଭୋରରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଅଟୋକୁ ସନ୍ଦେହରେ ଅଟକାଇ ତଲାସୀ କରିବାରୁ ୩ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା । ଓଜନ କରିବାରୁ ୧୦୬ କେଜି ୬୦୦ ଗ୍ରାମ ହୋଇଥିଲା । ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦୀଲିପ କୁମାର ଜେନାଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ପାଟପୁର ଥାନାରେ ଅଟକ ରଖାଯାଇଛି । ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ ସୋମବାର ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି ।

## ସୁନା ଚୋରି ମାମଲାରେ ଦୁଇ ଗିରଫ



ରଙ୍ଗେଇଲୁଣ୍ଡା, ୯ ।୧୧(ସମିସ): ଗତ ଅକ୍ଟୋବର ୨୨ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ସୁରଳ ଗ୍ରାମରୁ ସୁନା ଚୋରି ହୋଇଥିଲା । ଏହି ମାମଲାରେ ପୁଲିସ ସେହି ଗ୍ରାମର ଜଣେ ଯୁବକ ସମେତ ସୁନା କ୍ରେତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ କାହ୍ନା ଓରଫ ଚୂଡ଼ାମଣି ବେହେରା (୨୦) ଏବଂ ସୁନାରୀ କେ. ଯୋଗେଶ୍ୱର ଆଚାରୀ(୬୦) । ଅକ୍ଟୋବର ୨୨ରେ ସୁରଳରେ ରହୁଥିବା ପୁନି ବେହେରା (୬୦) ଭୋର ସମୟରେ ଗାଁ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅଭିଯୁକ୍ତ ପୁନିଙ୍କ ଘରେ ପଶି ୧୬ ଗ୍ରାମ ଓଜନର ଏକ ସୁନା ମାଳି ସହ ଘରେ ଶୋଇଥିବା ତାଙ୍କ ଝିଅ ବେକରୁ ଏକ ସୁନା ଚେନ ଚୋରି କରି ନେଇଥିଲେ । ପୁନି ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ସନ୍ଦେହରେ କାହ୍ନାକୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନାକୁ ଗ୍ରାମରେ ରହୁଥିବା ସୁନାରୀ ଯୋଗେଶ୍ୱରକୁ ବିକ୍ରି କରିଥିବା କହିଥିଲା । ଯୋଗେଶ୍ୱରଙ୍କ ଘରେ ଚଢ଼ଉ କରିବାରୁ ସେ କାହ୍ନା ଠାରୁ ସୁନା କିଣିବା ସହ ତାକୁ ୧ ଲକ୍ଷ ୭୦ ହଜାର ଟଙ୍କା ଦେଇଥିବା ସହ ଚୋରି ସୁନାକୁ ତରଳାଇ ଦେଇଥିବା ପ୍ରକାଶ କରିଥିଲେ । ପୁଲିସ ପକ୍ଷରୁ ଯୋଗେଶ୍ୱର ଠାରୁ ୧୬ ଗ୍ରାମ ଓଜନର ସୁନା ଜବତ ସହ ଅଭିଯୁକ୍ତ କାହ୍ନାଠାରୁ ୭୦ ହଜାର ଟଙ୍କା ଜବତ କରିଥିଲେ । ଅନ୍ୟପଟେ ସୁନା ବିକ୍ରି କରି ଆଣିଥିବା ଟଙ୍କାରୁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଇଥିବା ମଧ୍ୟ ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି ।

## ଗଞ୍ଜାମ କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର



ଗଞ୍ଜାମ, ୯ ।୧୧(ସମିସ): ଗଞ୍ଜାମ ମହାବିଦ୍ୟାଳୟ ଖେଳ ପଡିଆରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସେନା ଅଧିକାରୀ ବି. କାମେରାଜୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସ୍ୱର୍ଣ୍ଣପଦକ ବିଜେତା ଯୋଗ ପ୍ରଶିକ୍ଷକ ପଦ୍ମନାଭ ବେହେରା ଯୋଗ ପ୍ରାଣାୟମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ପ୍ରଭାତରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଯୋଗାଭ୍ୟାସ କରିଥିଲେ । ଡି. ନିରଞ୍ଜନ ରେଡି, ଲଳିତେନ୍ଦୁ ପଟନାୟକ, ବିନୋଦ ବେହେରା, ଉମାକାନ୍ତ ବେହେରା, ପି. ରାଜୁ ରେଡି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।


BEST OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112


## ନାରାୟଣ ହତ୍ୟାକାଣ୍ଡ; ଅଭିଯୁକ୍ତ ଗିରଫ

### ନାବାଳିକାକୁ ଅସଦାଚରଣ ପାଇଁ ଜୀବନ ଗଲା



ଦିଗପହଣ୍ଡି, ୯ ।୧୧(ସମିସ): ଗଞ୍ଜାମ ଜିଲ୍ଲା ନୂଆପଡ଼ା ଗ୍ରାମ ନିକଟ ବାହୁଦା ନଦୀ ପଠାରେ ନାରାୟଣ ପ୍ରଧାନ(୬୧)ଙ୍କୁ ନିର୍ମମ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ବହୁଚର୍ଚ୍ଚିତ ଯୋଜନାବଦ୍ଧ ହତ୍ୟା ଘଟଣାରେ ସମ୍ପୃକ୍ତ ନୂଆପଡ଼ା ଗାଁ ଚରିଆପଡ଼ା ସାହିର ଶଙ୍କର ଓରଫ ବାଙ୍ଗରା ବେହେରାଙ୍କୁ ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଏସ୍ଆଇ ଜଗବନ୍ଧୁ ବାର୍ଲା ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ଅକ୍ଟୋବର ୧୨ ଭୋରରେ ନାରାୟଣଙ୍କ ରକ୍ତାକ୍ତ ମୃତଦେହ ନଦୀ ପଠାରୁ ଉଦ୍ଧାର ହୋଇଥିଲା । ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ, ନୂଆପଡ଼ା ଫାଣ୍ଡି ଅଧିକାରୀ ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡ଼ଗ୍ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ । ନାରାୟଣଙ୍କ ପୁଅ ଶିବ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ । ହତ୍ୟା ଘଟଣାର ୫ ଦିନ ପୂର୍ବେ ନାରାୟଣ ତାଙ୍କ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବା ସୁଯୋଗ ନେଇ ଘରେ ଥିବା ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ନାବାଳିକାଙ୍କ ମା'ଘରକୁ ଫେରିବା ପରେ ଝିଅ ସବୁ କଥା ତାଙ୍କୁ କହିଥିଲେ । ନାବାଳିକାଙ୍କ ପରିବାର ଲୋକେ ନାରାୟଣଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ ମାଡ଼ ମାରିଥିଲେ । ନାବାଳିକାଙ୍କ ମା' ଏନେଇ ତାଙ୍କ ସାନଭାଇ ଶୁଭରାଜ ବେହେରାଙ୍କୁ ଜଣାଇଥିଲେ । ଭାଣିଜୀଙ୍କୁ ଘରେ ପଶି ଅସଦାଚରଣ କରିଥିବା ନାରାୟଣଙ୍କୁ ଶୁଭରାଜ ହତ୍ୟା କରିବାକୁ ତାଙ୍କ ସାଙ୍ଗ ଶଙ୍କରଙ୍କ ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଅକ୍ଟୋବର ୧୧ ସନ୍ଧ୍ୟା ପ୍ରାୟ ୬ଟାରେ ଉଭୟେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ମିଶି କଥା ହେବା ପରେ ଚିକିଟି ଧାନଘର ଛକକୁ ବାଇକ୍‌ରେ ଯାଇଥିଲେ । ସେଠାରେ ରାତ୍ରି ଭୋଜନ ସାରି ଉଭୟେ ବାଇକରେ ନୂଆପଡ଼ା ଗ୍ରାମ ନିକଟ ଧାନ୍ୟରାଶି ଶିବମନ୍ଦିରରେ ରାତି କଟାଇଥିଲେ । ଶୁଭରାଜଙ୍କ ଭଉଣୀ ନୂଆପଡ଼ା ଗାଁର ଝୁମୁରି ବେହେରା ରାତି ପ୍ରାୟ ୩ ଟାରେ ନାରାୟଣ ନଦୀକୁ ଯାଉଥିବା ନେଇ ଫୋନରେ ଭାଇ ଶୁଭରାଜଙ୍କୁ ଜଣାଇଥିଲେ । ନାରାୟଣ ନଦୀ ପଠାରେ ଥିବା ତାଙ୍କ ବଗିଚାରେ ପହଞ୍ଚି ପୂଜାପାଇଁ ଫୁଲ ତୋଳିବା ପରେ ନଦୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଶୁଭରାଜ ଏବଂ ଶଙ୍କର ନାରାୟଣଙ୍କୁ କାତିରେ ହାଣି ହତ୍ୟା କରିଥିଲେ । ତାଙ୍କ ବାମ ହାତକୁ କାଟି ଉଭୟେ ଘଟଣାସ୍ଥଳ ଠାରୁ ପ୍ରାୟ ୧୨୪ ଫୁଟ ଦୂରରେ ଫୋପାଡି ବାଇକ ଯୋଗେ ବ୍ରହ୍ମପୁର ଚାଲି ଯାଇଥିଲେ । ସେଠାରୁ ସେମାନେ ଫେରାର ହୋଇଯାଇଥିଲେ । ପୁଲିସ ଉଭୟଙ୍କ ମୋବାଇଲ ଟ୍ରାକିଂ କରିବା ସହ ସିଡିଆର ସଂଗ୍ରହ କରିଥିଲେ । ଉଭୟେ ବାରମ୍ବାର ଲୋକେସନ ବଦଳାଉଥିବା କାରଣରୁ ପୁଲିସ ଟିମ୍ ସେମାନଙ୍କୁ କାବୁ କରି ପାରୁନଥିଲେ । ଶନିବାର ଶଙ୍କର ଅନ୍ୟ ରାଜ୍ୟରୁ ଫେରିଥିବା ଖବର ପାଇଁ ତଦନ୍ତକାରୀ ଅଧିକାରୀ ସଦଳବଳ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରିଥିଲେ । ରବିବାର ସକାଳ ପ୍ରାୟ ୭ଟାରେ ଶଙ୍କର ଗାଁକୁ ଆସୁଥିବା ବେଳେ ତାଙ୍କୁ ପୁଲିସ ଟିମ୍ ସାଦା ପୋଷାକରେ ମାଡ଼ି ବସି ଥାନାକୁ ଉଠାଇ ନେଇଥିଲେ । ପରେ ପୁଲିସ ନିକଟରେ ସେ ସମ୍ପୂର୍ଣ୍ଣ ଘଟଣା ପ୍ରକାଶ କରିବା ସହ ନିଜ ଦୋଷ ସ୍ୱୀକାର କରିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି ।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଇନ୍ଦୁଭୂଷଣ ସାହୁ

ସୁନାରୀପଡା, ତରଭା, ସୋନପୁର

ଆବିର୍ଭାବ: ୦୭.୦୧.୧୯୪୧

ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ । ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ । ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ । ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ । ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ ।

ଶୋକସନ୍ତପ୍ତ

ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିଙ୍କା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

# ବ୍ୟବସାୟୀଙ୍କ କବ୍‌ଜାରେ ଚଲାପଥ

## ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି କାମରେ ଆସୁନି

## ଅମାନିଆ ବ୍ୟବସାୟୀଙ୍କ ପାଇଁ ଦ୍ୱିଗୁଣ ଟ୍ରାଫିକ ସମସ୍ୟା



ବ୍ରହ୍ମପୁର, ୯।୧୧(ସମିସ)

ସହରର ଟ୍ରାଫିକ ସମସ୍ୟା ହ୍ରାସ ସହ ଦୁର୍ଘଟଣାରୁ ପଥିକଙ୍କୁ ସୁରକ୍ଷା ଦେବାକୁ ରାସ୍ତା କଡ଼ରେ ପାଦଚଲା ପଥ ନିର୍ମାଣ କରାଯାଇଛି। ଏଥି ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ସହରର କିଛି ବ୍ୟବସାୟୀଙ୍କ ମନମୁଖୀ କାର୍ଯ୍ୟ ଓ ବ୍ରହ୍ମପୁର ମହାନଗର ନିଗମ ଅଧିକାରୀଙ୍କ ନୀରବତାରୁ ଏବେ ଲୋକଙ୍କ କାର୍ଯ୍ୟରେ ଆସୁନି ପାଦଚଲା ପଥ। ଫଳରେ ସହର ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଯାତାୟାତ ପାଇଁ ଦୁଇ ପାଶ୍ୱର୍ରେ ପାଦଚଲା ପଥ ନିର୍ମାଣ କରାଯାଇଛି। ପେଭର୍ ବ୍ଲକ ପକାଯାଇ ଏହି ପାଦଚଲା ପଥ ନିର୍ମାଣ କରାଯାଇଛି। ମାତ୍ର ଏହାର ବ୍ୟବହାର ସାଧାରଣ ଲୋକ କରିପାରୁନଥିବା ଦେଖିବାକୁ ମିଳୁଛି। ପାଦଚଲା ପଥରେ କେଉଁଠି ଦୋକାନ ଖୋଲିଲାଣି ତ କେଉଁଠି ବାହାର ରାଜ୍ୟରୁ ଲୋକ ଆସି ଏହି ରାସ୍ତା ବନ୍ଦ କରି ଏହା ଉପରେ ରହି ବେପାର କରୁଛନ୍ତି। ମାତ୍ର ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ରାସ୍ତା କଡ଼ ଦୋକାନୀ ନିଜର ଦୋକାନ ବଢାଇବା ଉଦ୍ଦେଶ୍ୟରେ ପାଦଚଲା ପଥ ଜବରଦଖଲ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ପାଦଚଲା ବାଟ ଉପରେ ବହୁ ଉଠା ଦୋକାନୀ ଦୀର୍ଘବର୍ଷ ହେବ କବ୍‌ଜା କରି ନିଜ ବ୍ୟବସାୟୀ ଜାରି ରଖିଛନ୍ତି। ଯାହାକୁ ନେଇ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ଦିଗରେ ବ୍ରହ୍ମପୁର ମହାନଗର ନିଗମ, ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ସହରର ଗିରି ମାର୍କେଟ, କମାପଲ୍ଲୀ, ହରିଡ଼ାଖଣ୍ଡି, ପୁରୁଣା ବସଷ୍ଟାଣ୍ଡ ଓ ବିଜିପୁର ଓ ଗୋଷାଣୀନୂଆଗାଁ ଭଳି ବିଭିନ୍ନ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ସହ ଡ୍ରେନ୍ ନିର୍ମାଣ ହୋଇଥିଲେ ସୁଦ୍ଧା



ତାହା କାମରେ ଆସୁନାହିଁ। ପ୍ରଶସ୍ତିକରଣ ରାସ୍ତାରେ ଅନେକ ସମୟରେ ପାର୍କି ସମସ୍ୟା ବଢୁଛି। ସେହିପରି ପାଦଚଲା ବାଟରେ ଅନେକ ବ୍ୟବସାୟୀ, ଯାଯାବର ବ୍ୟବସାୟୀ, ଫାଷ୍ଟଫୁଡ୍ ଦୋକାନୀ, ପରିବା ଦୋକାନୀ କବଜା କରି ରଖିଛନ୍ତି। ଫଳରେ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଲୋକମାନେ ଏହାର ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଏମିତିକି ସହରରେ ପଡ଼ିଆର ଅଭାବ ଥିବାରୁ ଅନେକ ସକାଳେ ଓ ସନ୍ଧ୍ୟାରେ ଚାଲିବା ଅବା ଦୌଡ଼ିବା ପାଇଁ ପାଦଚଲା ବାଟ ପାଉନାହାନ୍ତି। ଏଭଳି କ୍ଷେତ୍ରରେ ଅନେକ ସମୟରେ ବହୁ ବ୍ୟକ୍ତି ନିଜ ଧନଜୀବନ ହରାଉଥିବା ନଜର ରହିଛି। କିଛିମାସ ପୂର୍ବେ ବିଜିପୁର ଅଞ୍ଚଳରେ ଥିବା ସନ୍ତୋଷୀ ମା' ମନ୍ଦିର ନିକଟ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିଲା। ଏଭଳି ଅମାନିଆ ବ୍ୟବସାୟୀଙ୍କ ପାଇଁ ସହରରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# 'ରାଷ୍ଟ୍ର ବିକାଶ ପାଇଁ ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରୁରୀ'



ବ୍ରହ୍ମପୁର, ୯ ।୧୧(ସମିସ): ପର୍ଯ୍ୟଟନ ଏକ ଲାଭଦାୟକ ଶିଳ୍ପ। ଏଣୁ ଯେକୌଣସି ରାଷ୍ଟ୍ରର ବିକାଶରେ ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱ ରହିଛି। ଏକ୍ଷେତ୍ରରେ ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଯେତିକି ଜରୁରୀ ତାହାର ପ୍ରଚାର ଓ ପ୍ରସାର ଦିଗରେ ଗଣମାଧ୍ୟମର ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ସେହିଭଳି ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ରାସ୍ତାଘାଟ, ବିଦ୍ୟୁତ ଓ ପାନୀୟ ଜଳଯୋଗାଣ ଓ ସର୍ବୋପରି ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ଆଦି ପାଇଁ ଭିତ୍ତିଭୂମିର ବିକାଶ ଦାୟିତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର। ଏହା ହେଲେ ପଡ଼ୋଶୀ ରାଜ୍ୟ ଓ ବିଭିନ୍ନ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ଭଳି ଓଡିଶା ବର୍ତ୍ତମାନ ନହେଲେ ମଧ୍ୟ ଆଗାମୀ ୨୦୪୦ସୁଦ୍ଧା ଉଭୟ ଆର୍ଥିକ ଓ ପର୍ଯ୍ୟଟନ ଶିଳ୍ପରେ ଆଗକୁ ଯାଇପାରିବ ବୋଲି କହିଛନ୍ତି ବିଶିଷ୍ଟ ଶିକ୍ଷାବିତ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର।

ଓଡିଶା ଡିଜିଟାଲ ମିଡିଆ ଆସୋସିଏସନ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ମିଡିଆ- କନକ୍ଲେଭ-୨୦୨୫ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଗ୍ରାମୀଣ ପର୍ଯ୍ୟଟନରେ ଗଣମାଧ୍ୟମର ପ୍ରଭାବ' ଶୀର୍ଷକ ପ୍ରସଙ୍ଗରେ ନିଜ ମତ ବ୍ୟକ୍ତ କରି ପ୍ରଫେସର ମହାପାତ୍ର କହିଥିଲେ। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ପ୍ରେକ୍ଷାଳୟରେ ସଂଘର ରାଜ୍ୟ ସଭାପତି ତୁଷାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବି ରଥ, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପ୍ରାକ୍ତନ ବାର୍ତ୍ତା ସମ୍ପାଦକ ଗୋପାଳ ଚନ୍ଦ୍ର ମହାପାତ୍ର, ଦୈନିକ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ବିଜେପି ରାଜ୍ୟ ମୁଖପାତ୍ର ଟି. ଗୋପୀ, ପର୍ଯ୍ୟଟନ ଭାରତର ସମ୍ପାଦକ ନାରାୟଣ ମହାକୁଡ, ସାମ୍ବାଦିକ ସୁଦୀପ ସାହୁ, ଓଡିଶା ଡିଜିଟାଲ ମିଡିଆ ଆସୋସିଏସନ୍ ଗଞ୍ଜାମ ଜିଲ୍ଲା ସଭାପତି ସଂଜୟ କୁମାର ଦାଶ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ରଂଜନ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡିଜିଟାଲ ସାମ୍ବାଦିକତା କ୍ଷେତ୍ରରେ ସଫଳତା ହାସଲ କରିଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଘର ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। କନକ୍ଲେଭରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଡିଜିଟାଲ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ୧୬୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ବ୍ରହ୍ମପୁର, ୯।୧୧(ସମିସ): ଏକ କାରରେ ଗଜପତି ଜିଲ୍ଲାରୁ ଝାଡଖଣ୍ଡକୁ ଗଞ୍ଜେଇ ଚାଲାଣବେଳେ ଜଣେ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲା ଅଙ୍ଗରା ଥାନା ଅଞ୍ଚଳର ମନୋଜ ଗୋସାଇ(୩୫)। ଅବକାରୀ ବିଭାଗ ଉକ୍ତ କାରରୁ ୧୬୦ କେଜି ଗଞ୍ଜେଇ ଜବତ କରିଛି। ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ଅନ୍ୟ ୨ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାପ୍ରକାରେ, ଏକ ଦାମୀ କାରରେ ଗଜପତି ଜିଲ୍ଲାରୁ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ଏକ ଟିମ ଫାଷ୍ଟଗେଟ ଛକ ଠାରେ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଦିଗପହଣ୍ଡି ପଟୁ ବ୍ରହ୍ମପୁର ଆଡକୁ ଆସୁଥିବା ଏକ କାରକୁ ଅଟାକାଇ ସନ୍ଦେହରେ ଯାଞ୍ଚ



କରିବାରୁ ୪ଟି ଜରି ବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ ହୋଇଥିଲା। ବିଭାଗ ପକ୍ଷରୁ କାର ଚାଳକ ମନୋଜଙ୍କୁ ଗିରଫ କରାଯାଇଥିଲା। ହେଲେ ଏହି କାରକୁ ଏସକର୍ଟ କରି ନେଉଥିବା ଆଉ ଏକ ଗାଡି ଓ ସେଥିରେ ବସିଥିବା ଅନ୍ୟ ୨ଅଭିଯୁକ୍ତ ଖସି ପଳାଇଥିଲେ।

ଯାଞ୍ଚ ବେଳେ ଅଭିଯୁକ୍ତ ଜଣଙ୍କ କାରରେ ଯେଉଁ ନମ୍ବର ପ୍ଲେଟ ବ୍ୟବହାର କରିଥିଲେ ତାହା ନକଲି ବୋଲି ଜଣାପଡିଛି। ଏହି କାରର ପ୍ରକୃତ ନମ୍ବର(ଜେଏଚ-୦୧-ଡିଜେ-୫୩୫୩) ଝାଡଖଣ୍ଡ ରାଜ୍ୟର ହୋଇଥିବା ବେଳେ ଅଭିଯୁକ୍ତମାନେ ଓଡ଼ିଶାର ନକଲି ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚାଲାଣ କରୁଥିଲେ। ଜବତ କାର ଓ ଗଞ୍ଜେଇର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ବିଭାଗ ଚିକିଟି ଉପଖଣ୍ଡ ଅଧିକାରୀ କୁମୁଦ ରଞ୍ଜନ କଅଁରଙ୍କ ନେତୃତ୍ୱରେ ଏହି ଚଢଉ ହୋଇଥିଲା।

# ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମର ୨ ବିଚାରକ

ବ୍ରହ୍ମପୁର, ୯।୧୧(ସମିସ): ଇଣ୍ଡୋନେସିଆର ବଟମ୍ ସିଟିରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଆନ୍ତର୍ଜାତୀୟ ବିଚାରକ ଭାବେ ଗଞ୍ଜାମ ଜିଲ୍ଲାର ଦୁଇ ଜଣ ବ୍ୟକ୍ତି ସ୍ଥାନ ପାଇଛନ୍ତି। ଚଳିତମାସ ୧୧ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଚାରକ ଭାବେ ଉମା ଚରଣ ଶତପଥୀ ଏବଂ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଏସ.ରାଜେଶ୍ ବାବୁ ଆଚାରୀ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ନିମନ୍ତେ ଭାରତରୁ ବିଚାରକ ଭାବେ ପ୍ରତିନିଧିତ୍ୱ କରିବେ। ଉଭୟ ରବିବାର ବ୍ରହ୍ମପୁର ରେଳ ଷ୍ଟେସନରୁ ଚେନ୍ନାଇ ଏବଂ ଚେନ୍ନାଇରୁ ଠାରୁ ସିଙ୍ଗାପୁର ଇଣ୍ଡୋନେସିଆର ବଟମ ସିଟି ଅଭିମୁଖେ ଯାତ୍ରା କରିଥିଲେ। ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ପ୍ରାୟ ୫୨ଟି ଦେଶରୁ ୬୦୦ରୁ ଅଧିକ ପୁରୁଷ ଓ ମହିଳା ଭାଗ ନେବେ ବୋଲି ଜଣାପଡିଛି। ଗଞ୍ଜାମ ଜିଲ୍ଲା ଆମେଚର୍ ବଡି ବିଲଡିଂ ଏସୋସିଏସନର ପୃଷ୍ଠପୋଷକ ପ୍ରଦୀପ କୁମାର ଶତପଥୀ ଏବଂ ଏସୀୟ ବିଚାରକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଗଞ୍ଜାମ ଜିଲ୍ଲାର ପ୍ରଥମ ଆନ୍ତର୍ଜାତୀୟ ବିଚାରକ ସ୍ୱର୍ଗତ ଗିରିଜା ଶଙ୍କର ନାୟକ ଭାରତରୁ ବିଚାରକ ଭାବେ ପ୍ରତିନିଧିତ୍ୱ କରୁଥିଲେ। ପରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ଆନ୍ତର୍ଜାତିକ ବିଚାରକ ବି. ଭେନୁ ଗୋପାଳ ରାଓ ୧୪ ଥର ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରତିନିଧିତ୍ୱ କରିଥିଲେ।

# ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ




ବ୍ରହ୍ମପୁର, ୯।୧୧(ସମିସ): ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ସାହିତ୍ୟ ପରିଷଦର 'ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ' ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ପ୍ରଶାନ୍ତ କୁମାର ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ହିଁ ଜୀବନ କୁ ବାଟ କଢେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ଅଭିଷେକ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ଼ ବିଜୟ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ। କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମକୁ ସଂଚଳନା କରିଥିବା ବେଳେ କବି ସ୍ମିତିପ୍ରଜ୍ଞା ହୋତା କବିତା ସଂଯୋଜନା ଆରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

ବ୍ରହ୍ମପୁର, ୯।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ପରିପେକ୍ଷୀରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୨୮୦ଜଣ ଯୁବକ ଯୋଗ ଦେଇଥିଲେ। ରାଷ୍ଟ୍ର ହିତ ପାଇଁ ଯୁବ ସମାଜର ଭୂମିକା ଉପରେ ଏଠାରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟ ପଦ୍ଧତି, ବିଭିନ୍ନ ସେବା କାର୍ଯ୍ୟ, ସ୍ୱବୋଧ, ଶତ୍ରୁବୋଧ, ସାମାଜିକ ସମରସତା ତଥା ଆଗାମୀ ଦିନରେ ପଞ୍ଚ ପରିବର୍ତ୍ତନକୁ କିପରି ସମାଜ ମଧ୍ୟରେ ଜାଗୃତ କରାଯାଇପାରିବ ତାହା ଉପରେ ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ସେହିଭଳିଜିଲ୍ଲା କାର୍ଯ୍ୟବାହ ଶିଶିର ପଟ୍ଟନାୟକ ସଂଘର କାର୍ଯ୍ୟାବଳୀ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବର୍ଷର ସ୍ୱର୍ଣ୍ଣିମ ଅତୀତ ଇତିହାସ ଉପରେ ବିଭାଗ ବୌଦ୍ଧିକ ପ୍ରମୁଖ ରବିନ୍ଦ୍ର ନାଥ ପାତ୍ର ଉପସ୍ଥିତ ଯୁବକଙ୍କୁ ଧାରଣା ଦେଇଥିଲେ। ଗଞ୍ଜାମ ଜିଲ୍ଲା ସଂଘ ଚାଳକ ଡା ପ୍ରଶାନ୍ତ ପତି ସଭାପତିତ୍ୱ କରିଥିଲେ। ପ୍ରଶାନ୍ତ ସାହୁ, ଏଙ୍କିଡି ଭେଙ୍କଟ ରାଓ, ଦୀପକ କୁମାର, ରଶ୍ମି ରଞ୍ଜନ ମହାକୁଡ଼, ବିଜୟ ସାମଲ, ମାଧବ ନାୟକ, ଧର୍ମେନ୍ଦ୍ର ଦୋରା, ଦୀପକ କୁମାର, ବାବୁଲା ଦୋରା, ସୁରେଶ ବିଶୋୟୀ, ଅଶ୍ୱିନି ପାତ୍ର, ଶିବ ପ୍ରସାଦ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ

ବ୍ରହ୍ମପୁର, ୯।୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ରଞ୍ଜନ ରଶ୍ମୀ ବିଭାଗରେ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳିତ ହୋଇଯାଇଛି। ବିଭାଗର ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଏମଭିକେ ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ଼ା. ଶେଷଦେବ ପାଣିଗ୍ରାହୀ, ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ହରି ଶଙ୍କର ନାୟକ, ଡ଼ା. ସୁନିଲ ପ୍ରଧାନ, ଡ଼ା. ରୂପକ ପଣ୍ଡା, ଡ଼ା. ଚିନ୍ମୟୀ ଆପ୍ତା, ଡ଼ା. ଲିପିପୁଷ୍ପା ମହାପାତ୍ର, ଡ଼ା. ସୋନମ୍ କୁମାରୀ, ଡ଼ା. ମିଳନମୟୀ ପାଣିଗ୍ରାହୀ, ଡ଼ା. ଫଗୁଣ ହାଂସଦା, ଡ଼ା. ଶିବଦତ୍ତ, ଡ଼ା. ଅନୁରାଗ ପୋଖରିଆଲ୍, ଡ଼ା. ରୀଙ୍କିତା ମଲ୍ଲିକ, ଡ଼ା. ଅଭିଜିତ ଶତପଥୀ ଓ ଡ଼ା. ଟିକେ କୃତିସ ପ୍ରମୁଖ ଉପସ୍ଥିତ ଥିଲେ। ୧୮୯୫ ନଭେମ୍ବର ୮ ରେ ୱିଲହେମ କନରଡ୍ ଏକ୍ସ-ରେ ଉଦ୍ଭାବନ କରିଥିଲେ। ସେହି ଦିନ ଠାରୁ ଏହି ଦିନକୁ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ ଭାବେ ପାଳନ କରାଯାଉଥିବା ଏଠାରେ କୁହାଯାଇଥିଲା। ବିଭାଗର ବରିଷ୍ଠ ରେଡିଓଗ୍ରାଫର ରଶ୍ମିତା ପାଣିଗ୍ରାହୀ, ଶୁଭ୍ର ପଣ୍ଡା, ମାମାଲି ମଧୁସ୍ମିତା ପ୍ରିୟଦର୍ଶିନୀ, ଶିବରାମ ପ୍ରଧାନ, ଭାଜରାମ ପ୍ରଧାନ, ଆବୁଲା ଦାଶ, ସରିତା ପ୍ରଧାନ, ଇତିଶ୍ରୀ ନାୟକ, ସଚିନ ନାୟକଙ୍କ ସମେତ ଡ଼ିଏମଆରଟି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

● ଏସିଆ ମାଷ୍ଟର ଆଥ୍‌ଲେଟିକ ଚାମ୍ପିଅନସିପ୍

# ବ୍ରହ୍ମପୁରର ସୁରେନ୍ଦ୍ରଙ୍କୁ ୩ଟି ପଦକ

ବ୍ରହ୍ମପୁର, ୯।୧୧(ସମିସ): ଚେନ୍ନାଇରେ ଅନୁଷ୍ଠିତ ୨୩ତମ ଏସିଆ ମାଷ୍ଟର ଆଥଲେଟିକ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ବ୍ରହ୍ମପୁରର ଭେଟେରାନ ଆଥଲେଟିକ ସୁରେନ୍ଦ୍ର ପଟ୍ଟନାୟକ (୭୫) ୩ଟି ପଦକ ବିଜୟୀ ହୋଇଛନ୍ତି। ସୁରେନ୍ଦ୍ର ୭୫ ବର୍ଷ ବର୍ଗରେ ଅଂଶଗ୍ରହଣ କରି ସଟପୁଟରେ ସ୍ୱର୍ଣ୍ଣ, ଡିସକୋସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଓ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଚଳିତମାସ ୫ରୁ ୯ ତାରିଖ ପର୍ଯ୍ୟନ୍ତ



ଚାଲିଥିବା ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ପ୍ରାୟ ୨୦ରୁ ଅଧିକ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ପ୍ରତିଯୋଗିତା ପାଇଁ ୩୫ଜଣ ଅଂଶଗ୍ରହଣ କରିଥିବା ବେଳେ ସେଥି ମଧ୍ୟରୁ ଗଞ୍ଜାମରୁ ମାତ୍ର ଜଣେ ପ୍ରତିନିଧି ଭାବେ ସୁରେନ୍ଦ୍ର ପ୍ରତିନିଧିତ୍ୱ କରୁଥିବା ଜଣାପଡିଛି। ଏଭଳି ବୟସରେ ନିଜ ଶରୀରକୁ ସନ୍ତୁଳିତ ରଖିବା ସହ ନିୟମିତ ପ୍ରଶିକ୍ଷଣ କରି ଆଗାମୀ ପ୍ରତିଯୋଗିତାରେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

● ଅଲ୍ ଓଡ଼ିଶା ଲୟର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗଞ୍ଜାମ ବାର୍ ଆସୋସିଏସନ ଚାମ୍ପିଅନ୍



ବ୍ରହ୍ମପୁର, ୯।୧୧(ସମିସ): ଅଲ ଓଡିଶା ଲୟର୍ସ କ୍ରିକେଟ ଟି -୨୦ ମ୍ୟାଚ୍ ଗତ ୨ତାରିଖରୁ କୋରାପୁଟ ପୁଜାରିପୁଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିଲା। ରବିବାର ଭୁବନେଶ୍ୱର ବାର ଆସୋସିଏସନକୁ ୪୯ରନରେ ହରାଇ ଗଞ୍ଜାମ ବାର ଆସୋସିଏସନ ଦଳ ଚମ୍ପିଆନ ହୋଇଛି। ଗଞ୍ଜାମ ବାର ଆସୋସିଏସନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୭ ଓଭର ୩ଟି ବଲରେ ସମସ୍ତ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ବାର ଆସୋସିଏସନ ୧୫ଓଭର ୫ଟି ବଲରେ ସମସ୍ତ ସମସ୍ତ ୱିକେଟ ହରାଇ ୬୪ରନ ସଂଗ୍ରହ କରି ପରାଜିତ ହୋଇଥିଲେ।

ଦଳ ପକ୍ଷରୁ ବଣ୍ଟି ପଟ୍ଟନାୟକ ୪୪ ବଲରେ ୬୦ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବେଷ୍ଟ ବ୍ଲୋର ଭାବେ ଦୀପଙ୍କର ମହାନ୍ତି ପୁରସ୍କୃତ ହୋଇଥିଲେ। ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟିକେ ରେଡ଼ି, ସମ୍ପାଦକ ଟି ଭେଙ୍କେଟ ରାଓ, ସହସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ କୋରାପୁଟରେ ପହଞ୍ଚି ଟିମ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

## ୩ୟ ଅନ୍ତଃଜିଲ୍ଲା ଆଲ୍‌ଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଆଲ୍‌ଫା ଜୁନିଅର ବିଜୟୀ

ବ୍ରହ୍ମପୁର, ୯ ।୧୧(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ଆଲ୍‌ଫା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ବ୍ରହ୍ମପୁରର ଅକ୍ସଫୋର୍ଡ କ୍ରିକେଟ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୮ଓଭର ବିଶିଷ୍ଟ ମ୍ୟାଚରେ ୧୭.୨ଓଭର ଖେଳି ସମସ୍ତ ୱିକେଟ ହରାଇ ମୋଟ ୧୪୬ରନ୍ ସଂଗ୍ରହ କରିଥିଲା।

ଜବାବରେ ଅକ୍ସଫୋର୍ଡ ଦଳ ୧୬.୫ଓଭରରେ ମାତ୍ର ୧୦୮ରନ୍ ସଂଗ୍ରହ କରି ଦଳର ସମସ୍ତ ଖେଳାଳିଙ୍କ ୱିକେଟ ହରାଇ ପରାଜୟ ବରଣ କରିଥିଲା। ମ୍ୟାଚକୁ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୩୮ରନ୍‌ରେ ବିଜୟ ଲାଭ କରିଥିଲା। ବିଜୟୀ ରାମେଶ୍ୱର ସ୍ପୋର୍ଟିଂ କ୍ଲବର ଅଲରାଉଣ୍ଡର ଦେବାଶିଷ



ସାହୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ସେହିଭଳି ଦ୍ୱିତୀୟ ମ୍ୟାଚ ଆଲ୍ଫା ଜୁନିଅର ଦଳ ବନାମ ରୟାଲ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିତି ଆଲ୍ଫା ଜୁନିଅର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ଖେଳି ୮ୱିକେଟ ବିନିମୟରେ ୧୮୪ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଂଜନ ପଟ୍ଟନାୟକ ୨୭ବଲରୁ ବ୍ୟକ୍ତିଗତ ସର୍ବାଧିକ ୩୯ରନ୍ ଓ ପି. ବିନାୟକ ପାତ୍ର ୧୪ବଲରୁ ଦ୍ରୁତ ୩୨ରନ୍ ସଂଗ୍ରହ କରିଥିଲେ। ରୟାଲ କ୍ରିକେଟ କ୍ଲବ ପକ୍ଷରୁ ସୁନୀଲ ସ୍ୱାଇଁ ୪ଓଭର ବୋଲିଂ କରି ୪୩ରନ ବିନିମୟରେ ୩ଟି ୱିକେଟ ଅକ୍ତିଆରାର କରିଥିଲେ। ଜବାବରେ ରୟାଲ କ୍ରିକେଟ କ୍ଲବ ୧୮ଓଭର ଖେଳି ୯ୱିକେଟ ବିନିମୟରେ ୧୬୩ରନ୍ ସଂଗ୍ରହ କରିଥିଲା। ଏବଂ ମ୍ୟାଚକୁ ଆଲ୍ଫା ଜୁନିଅର ଦଳ ୨୧ରନ୍‌ରେ ବିଜୟ ଲାଭ କରିଥିଲା। ବିଜୟୀ ଆଲ୍ଫା ଦଳ ପକ୍ଷରୁ ସୟଦ ଏ. ରାଜା ୪ଓଭର ବୋଲିଂ କରି ୩୦ରନ୍ ବିନିମୟରେ ସର୍ବାଧିକ ବ୍ୟକ୍ତିଗତ ୬ଟି ୱିକେଟ ଅକ୍ତିଆର କରି ପ୍ରତିପକ୍ଷ ରୟାଲ କ୍ରିକେଟ କ୍ଲବର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ମ୍ୟାଚରେ ସୟଦ ଏ. ରାଜାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ

**ଆଜି ଜେସିସି ବନାମ ଲିଡ୍ସ ଏକାଡେମୀ ମ୍ୟାଚ**

କରାଯାଇଥିଲା। ଉଭୟ ମ୍ୟାଚକୁ ସୁଶାନ୍ତ ପଣ୍ଡା ଓ ଦିବ୍ୟ ରଂଜନ ନାୟକ ଅମ୍ପାୟର ଭାବେ ପରିଚାଳନା କରିଥିବା ବେଳେ ଜଗନ୍ନାଥ ଚୌଧୁରୀ ସ୍କୋରର ଓ ଖେଳର ସିଧା ପ୍ରସାରଣ କରିବାରେ ରୁପମ ମହାରଣା ସହଯୋଗ କରିଥିଲେ। ଉଭୟ ମ୍ୟାଚର ମ୍ୟାନ ଅଫ ଦ ମ୍ୟାଚଙ୍କୁ ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ସୋମବାର ଅର୍ଥାତ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ଶେଷ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ 'ଜେସିସି' ବନାମ 'ଲିଡ୍ସ ଏକାଡେମୀ' ମଧ୍ୟରେ ଖେଳାଯିବ।

# ସମ୍ପାଦକୀୟ



ଲୋକମାନେ ତୁମ ଉପରକୁ ଫିଙ୍ଗିଥିବା ପଥରକୁ ଐତିହ୍ୟ ନିର୍ମାଣରେ ଉପଯୋଗ କର।
-ରତନ ଟାଟା

ସକାଳ
THE SAKALA

## ବେଲେମ୍‌ରୁ ଆଶା

ଆଜିଠାରୁ ବ୍ରାଜିଲ୍‌ର ବେଲେମ୍ ସହରରେ ଆରମ୍ଭ ହେଉଥିବା ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍-୩୦) ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଐତିହାସିକ ପ୍ୟାରିସ୍ ଜଳବାୟୁ ଶିଖର ସମ୍ମିଳନୀ ଓ ଚୁକ୍ତିନାମାକୁ ଏକ ଦଶନ୍ଧି ପୂରଣ ହୋଇଛି। ଏହି ଦଶବର୍ଷ ମଧ୍ୟରେ ପରିବେଶ ସୁରକ୍ଷା ଓ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କାରକଗୁଡ଼ିକୁ ପ୍ରତିହତ କରିବାରେ ଦଶନ୍ଧିର ଧାର୍ଯ୍ୟ ଲକ୍ଷ୍ୟ କେତେ ପୂରଣ ହୋଇଛି ତା' ଉପରେ ସମୀକ୍ଷା ଜରୁରୀ। ଏହି ସମୀକ୍ଷାର ନିଷ୍କର୍ଷ ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ ହେବ। ଏଥିସହିତ ସର୍ବାଧିକ ଶିଳ୍ପ ପ୍ରଦୂଷଣ ସୃଷ୍ଟିକାରୀ ରାଷ୍ଟ୍ର ଆମେରିକା ପ୍ୟାରିସ୍ ଚୁକ୍ତିନାମାରୁ ଓହରି ଆସିଥିବାରୁ ପରବର୍ତ୍ତୀ ଯୋଜନା କ'ଣ ହେବ ଏବଂ ଜଳବାୟୁ ପାଣ୍ଠି ସଂଗ୍ରହ ଓ ବିତରଣ ଲକ୍ଷ୍ୟ ପାଇଁ କେଉଁ ପନ୍ଥା ନିର୍ଣ୍ଣୟ କରାଯିବ ତା' ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜରୁରୀ।

ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିତି ଆଧାରରେ ଆଲୋଚନା କଲେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ପ୍ୟାରିସ୍ ସଂକଳ୍ପନାମାର କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଘଟିନାହିଁ। ବିଶେଷକରି ବିଶ୍ୱ ତାପମାନକୁ ଶିଳ୍ପାୟନ ପୂର୍ବ ସମୟରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଆଜିକୁ ୧୦ ବର୍ଷ ତଳେ ଯେଉଁ ଚୁକ୍ତି ହୋଇଥିଲା ତାହାର ଖିଲାପ ହୋଇଛି ଏବଂ ତାପମାତ୍ରା ବଢ଼ି ଚାଲିଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟର ପରିମାଣ ଓ ଅବଧିକୁ ବୃଦ୍ଧି କରିବା ପାଇଁ କୋପ୍ ୩୦ରେ କସରତ ହୋଇପାରେ। ଇତିମଧ୍ୟରେ ପ୍ରାୟ ୬୦ଟି ଦେଶ ସେମାନଙ୍କ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟଯୋଜନା ଓ ସଂକଳ୍ପନାମାର ସଂଶୋଧନ ଆବେଦନ ଦାଖଲ କରିସାରିଥିବା ବେଳେ ଭାରତର ଆଭିମୁଖ୍ୟ ଏ ଯାଏଁ ସ୍ପଷ୍ଟ ହୋଇନାହିଁ। ୨୦୭୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ଶୂନ୍ୟସ୍ତରକୁ ହ୍ରାସ କରିବା ଲାଗି ଭାରତ ସଂକଳ୍ପବଦ୍ଧ ହୋଇଥିବା ବେଳେ ହଠାତ୍ ଜୀବାଶ୍ମ ଇନ୍ଧନକୁ ସମ୍ପୂର୍ଣ୍ଣ ପରିହାର କରିବା ଭଳି ସ୍ଥିତିରେ ନାହିଁ। ତେଣୁ ପରିବେଶ ସୁରକ୍ଷାରେ ଭାରତର ଅଙ୍ଗୀକାରବଦ୍ଧତା ଏହି ଶିଖର ସମ୍ମିଳନୀରେ ସ୍ପଷ୍ଟ ହେବ। ସୁଖର କଥା ଭାରତ ୨୦୩୦ ସୁଦ୍ଧା ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ତାହା ପାଞ୍ଚ ବର୍ଷ ପୂର୍ବରୁ ହାସଲ କରିପାରିଛି।

ଏହା କିନ୍ତୁ ଅସ୍ୱୀକାର କରିବାର ନାହିଁ ଯେ ଗତ ଦଶବର୍ଷ ମଧ୍ୟରେ ବନାଗ୍ନି, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ତଦ୍‌ଜନିତ ଅର୍ଥନୈତିକ ଓ ଜୀବନ କ୍ଷୟକ୍ଷତିରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ତେଣୁ ଦୀର୍ଘକାଳୀନ ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିପାରୁଥିବା ଭଳି ଯୋଜନାମାନ ପ୍ରଣୟନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନୂତନ ସଂକଳ୍ପ ଆବଶ୍ୟକ। ସଂକଳ୍ପର କାର୍ଯ୍ୟକାରିତା ପାଇଁ ଅଙ୍ଗୀକାରବଦ୍ଧତା ମଧ୍ୟ ତତୋଧିକ ଜରୁରୀ। ସବୁଠାରୁ ବଡ଼ କଥା ହେଉଛି ବିକାଶ ଜନିତ ପରିବେଶ ପ୍ରଦୂଷଣ ଏବଂ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ବିପର୍ଯ୍ୟୟକୁ ପ୍ରଶମନ କରିବା ଲାଗି ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଯେଉଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସେଥିରୁ ଓହରି ଯାଉଥିବା ଲକ୍ଷ୍ୟ କରାଯାଉଛି। କୋପ୍ ୩୦ରେ ଏସଂକ୍ରାନ୍ତରେ ଆଲୋଚନା କରାଯିବାର ସୁଯୋଗ ରହିଛି। କାରଣ ବିକଶିତ ରାଷ୍ଟ୍ରମାନେ ଉତ୍ତରଦାୟିତ୍ୱ ଗ୍ରହଣ ନ କଲେ ପରିବେଶ ସୁରକ୍ଷା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ପୃଷ୍ଠଭୂମିରେ ବେଲେମ୍ ସମ୍ମିଳନୀରୁ ଅନେକ କିଛି ଆଶା କରାଯାଉଛି।

## ଚିକେନ୍-ନେକ୍ ଚିନ୍ତା

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ମୂଳ ଭୂଖଣ୍ଡ ସହିତ ଯୋଡୁଥିବା ୬୦ କିମି ଦୈର୍ଘ୍ୟ ଓ ୨୨ କିମି ପ୍ରସ୍ଥ ବିଶିଷ୍ଟ 'ସିଲିଗୁଡ଼ି କରିଡର' ବା 'ଚିକେନ୍ ନେକ୍'ର ସୁରକ୍ଷା ସବୁବେଳେ ଆହ୍ୱାନ ହୋଇ ରହିଛି। ବାଂଲାଦେଶ ସହିତ ସମ୍ପର୍କ ତିକ୍ତ ହୋଇସାରିଥିବାରୁ ଏବେ ଏହି ଅଞ୍ଚଳ ଆହୁରି ବିପଦସଂକୁଳ ହୋଇପଡ଼ିଛି। ନିକଟରେ ଦୁଇଜଣ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ଚିକେନ୍ ନେକ୍‌ରେ ଭାରତ ପ୍ରତିଷ୍ଠା କରିଥିବା ନୂଆ ସାମରିକ ଘାଟି ନିକଟରୁ ଗିରଫ ହେବା ପରେ ଚିନ୍ତା ବଢ଼ିଛି। ବାଂଲାଦେଶୀ ଅନୁପ୍ରବେଶ ଭାରତ ପାଇଁ ଏକ ଚିରସମସ୍ୟା ହୋଇଥିବା ବେଳେ ସେଠାକାର ଶେଖ୍ ହସିନା ସରକାରର ପତନ ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଛି। ଭାରତର ଅବଦାନକୁ ଭୁଲିଯାଇଥିବା ଏହି କୃତଘ୍ନ ପଡ଼ୋଶୀର କାମଚଳା ସରକାର ଏବେ ଚୀନ୍, ପାକିସ୍ତାନ ସହିତ ହାତ ମିଳାଇ ବାଂଲାଦେଶରେ ସାମରିକ ଘାଟି ଓ ବିମାନ ବନ୍ଦର ବିକାଶ କରୁଛନ୍ତି ଏବଂ ଏକ ବୃହତ୍ତର ବାଂଲାଦେଶ ଗଠନର ପରିକଳ୍ପନା କରିଛନ୍ତି, ଯାହାର ମାନଚିତ୍ରରେ ଭାରତର ଏପରିକି ଓଡ଼ିଶାର ଅନେକ ଅଞ୍ଚଳ ସ୍ଥାନିତ ହୋଇଛି। ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଓ ଶରଣାର୍ଥୀ ସମସ୍ୟା ନୂଆ ନୁହେଁ। ଏବେ ବାଂଲାଦେଶର କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଏହି ଉଚ୍ଚାଭିଳାଷ ଯୋଗୁଁ ଓଡ଼ିଶା ପ୍ରତି ମଧ୍ୟ ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଆହୁରି ଉତ୍କଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଉତ୍ତରପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ୍‌କୁ ସୀମାପାର ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ବିଶେଷକରି ବାହ୍ୟ ସାମରିକ ଆକ୍ରମଣରୁ ଭାରତକୁ ସୁରକ୍ଷିତ ରଖିବାକୁ ହେଲେ ଚିକେନ୍ ନେକ୍‌ର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏହି ଅଞ୍ଚଳଟି ନେପାଳ, ଭୁଟାନ୍, ବାଂଲାଦେଶ, ଚୀନ୍‌ର ସୀମାକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ସମ୍ବେଦନଶୀଳ ଅଞ୍ଚଳର ବାମୁନି, କିଶାନ୍‌ଗଞ୍ଜ ଓ ଚୋପ୍ରାଠାରେ ଭାରତ ତିନିଟି ପ୍ରତିରକ୍ଷା ସାମରିକ ଘାଟି ପ୍ରତିଷ୍ଠା କରି ତୀକ୍ଷ୍ଣ ନଜର ରଖିଛି। 'ତ୍ରିଶକ୍ତି' ସେନା(୩୩ ୟୁନିଟ୍ ବିଶିଷ୍ଟ) ଏହି ସମ୍ବେଦନଶୀଳ ଅଞ୍ଚଳରେ ଚବିଶଘଣ୍ଟିଆ ସୁରକ୍ଷା, ଯୋଗାଯୋଗ, ସୂଚନା ଆଦିର ସମନ୍ୱୟ ରକ୍ଷା କରି ବିହିତ କାର୍ଯ୍ୟାନୁଷ୍ଠାନର ଦାୟିତ୍ୱ ନେଇଛି ଏବଂ ସଦା ପ୍ରସ୍ତୁତ ରହିଛି। ଜରୁରିକାଳୀନ ସ୍ଥିତିରେ ପଶ୍ଚିମ ବଙ୍ଗ, ସିକ୍କିମ୍ ଓ ଉତ୍ତରପୂର୍ବ ଭାରତରେ ମୁତୟନ ହୋଇଥିବା ସମ୍ପୂର୍ଣ୍ଣ ସୀମା ସୁରକ୍ଷା ଯବାନ ଓ ସେନାକୁ ତତ୍କାଳ ସେଠାକୁ ପଠାଯାଇପାରିବ। ଭାରତ ମଧ୍ୟ ସେଠାରେ 'ବ୍ରହ୍ମୋସ୍', 'ଆକାଶ', କ୍ଷେପଣାସ୍ତ୍ର ସମେତ ଯୁଦ୍ଧବିମାନ, 'ଏସ୍-୪୦୦', 'ଏମ୍‌ଆରସାମ୍' ଭଳି ବାୟୁପ୍ରତିରକ୍ଷା ପ୍ରଣାଳୀ ମୁତୟନ କରିଛି। 'ଅପରେସନ୍ ସିନ୍ଦୂର' ପରେ ଭାରତ 'ଅଶନି' ପ୍ଲାଟୁନ୍ ଜରିଆରେ ଡ୍ରୋନ୍ ପ୍ରତିରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିଥିବା ବେଳେ ଡ୍ରୋନ୍ ଆକ୍ରମଣ ପାଇଁ 'ଭୈରବ' ବାଟାଲିୟନ୍‌କୁ ସକ୍ରିୟ କରିଛି। ଏହି ଅଞ୍ଚଳର ପ୍ରତିରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିକଟରେ ୮, ୧୬୦ କୋଟି ଟଙ୍କା ମଞ୍ଜୁର ହୋଇଛି।

ସାମାନ୍ୟତମ ଅବହେଳା ଓ ବିଶ୍ରାମ ଭାରତ ପାଇଁ କାରଗିଲ୍ ଯୁଦ୍ଧ ଭଳି ଆଉ ଏକ ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସେନା, ସୀମା ସୁରକ୍ଷା ବାହିନୀର ସକ୍ରିୟତା ସହିତ ଆଞ୍ଚଳିକ ଅଧିବାସୀଙ୍କ ସମୟୋପଯୋଗୀ ସୂଚନା ଓ ସହଯୋଗ ଅତ୍ୟାବଶ୍ୟକ।

# ସ୍ୱେଚ୍ଛାଚାରୀ ଶାସକଙ୍କ ବ୍ୟାଘ୍ରାରୋହଣ

**ଡ଼. ପ୍ରଦୀପ କୁମାର ନାୟକ**



କେତେକ କ୍ଷମତାପ୍ରମତ୍ତ ରାଷ୍ଟ୍ରମୁଖ୍ୟ ସର୍ବଦା ନିରଙ୍କୁଶ ଓ ଦୀର୍ଘ ଶାସନ ଚାହିଁଥା'ନ୍ତି। ଲୋକଦେଖାଣିଆ କାର୍ଯ୍ୟଗୁଡ଼ିକ(ପପୁଲିଷ୍ଟ ଗିମିକ୍ସ) ଦ୍ୱାରା ନିଜ ନିଜର ବିଶାଳ କାଳ୍ପନିକ ଭାବମୂର୍ତ୍ତି(ଲାର୍ଜର ଦାନ ଲାଇଫ୍ ଇମେଜ)କୁ ଲୋକଙ୍କ ସାମନାରେ ଉପସ୍ଥାପିତ କରି ସେମାନଙ୍କୁ ସମ୍ମୋହିତ କରି ରଖନ୍ତି। କ୍ଷମତାର ମୋହ ଯୋଗୁଁ ସେମାନେ ଆବଶ୍ୟକ ହେଲେ ରାଷ୍ଟ୍ରର ସମ୍ବିଧାନ ଓ ଆଇନ ମଧ୍ୟ ନିଜକୁ ସୁହାଇବା ପରି ପରିବର୍ତ୍ତନ କରି ଦେଇପାରନ୍ତି। କ୍ଷମତା ହିଁ ସେମାନଙ୍କୁ ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ଶାସକରେ ପରିଣତ କରିଥାଏ।

ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଚର୍ଚ୍ଚିଲ ଏହି ଏକଛତ୍ରବାଦୀ ଶାସନରେ ଅଧିଷ୍ଠିତ ହେବା ପ୍ରୟାସ ଓ ମାନସିକତାକୁ ବ୍ୟାଘ୍ରାରୋହଣ ସହ ତୁଳନା କରିଛନ୍ତି। ଚର୍ଚ୍ଚିଲଙ୍କ ଉକ୍ତିରେ - 'ଏକଛତ୍ରବାଦୀ ଶାସକ ମାନେ ବ୍ୟାଘ୍ରାରୋହଣ କରୁଛନ୍ତି ଏବଂ ସେଥିରୁ ଓହ୍ଲାଇବାକୁ ତାଙ୍କର ସାହସ ହୁଏ ନାହିଁ। ଏଣେ ବାଘଗୁଡ଼ିକ ମଧ୍ୟ ଭୋକିଲା ହୋଇଗଲେଣି(ଡିକ୍ଟେଟର୍ସ ରାଇଡ୍ ଟୁ ଆଣ୍ଡ ଫ୍ରୋ ଅପ୍‌ଅନ୍ ଟାଇଗର୍ସ ଫ୍ରମ୍ ହ୍ୱିଚ୍ ଦେ ଡେୟାର ନଟ୍ ଡିସ୍‌ମାଉଣ୍ଟ। ଆଣ୍ଡ ଦ ଟାଇଗରସ୍ ଆର ଗେଟିଙ୍ଗ ହଙ୍ଗ୍ରି)। ବାସ୍ତବରେ ଶାସନଗାଦୀ ଓ ନିରଙ୍କୁଶ କ୍ଷମତା ଏକ ଆରାମଦାୟକ ବାଘ ପିଠି ସଦୃଶ, ଯାହାକୁ ଛାଡ଼ିବାକୁ ମନ ହୁଏ ନାହିଁ। ଅନ୍ୟପକ୍ଷରେ ଜନତା ଓ ଭୋଟଦାତାଙ୍କୁ ଭୋକିଲା ବାଘଙ୍କ ସହ ତୁଳନା କରାଯାଇଛି, ଯେଉଁମାନେ କି ସେହି ସ୍ୱେଚ୍ଛାଚାରୀ ରାଷ୍ଟ୍ରମୁଖ୍ୟମାନଙ୍କୁ ଖାଇ ଦେବା ପାଇଁ ଅପେକ୍ଷା କରିଛନ୍ତି। ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଏହିପରି ଅନେକ ଦେଶର ରାଷ୍ଟ୍ରମୁଖ୍ୟ କ୍ଷମତାକୁ ଅପବ୍ୟବହାର କରି ସାଧାରଣ ନାଗରିକମାନଙ୍କୁ ଉପେକ୍ଷା କରିବାର ଉଦାହରଣ ରହିଛି।

ବିରୋଧୀ ଦଳକୁ ଦମନ କରିବା, ଲୋକଙ୍କ ବାଚନିକ ସ୍ୱାଧୀନତାକୁ ସୀମିତ କରିବା, ନିଜର ଆତ୍ମୀୟ ସ୍ୱଜନଙ୍କୁ ଉଚ୍ଚ ପଦବୀରେ ନିଜ ଇଚ୍ଛାରେ ନିଯୁକ୍ତି ଦେବା ଓ ଲୋକଙ୍କ ଇଚ୍ଛା ବିରୁଦ୍ଧରେ କାମ କରିବା, ଲୋକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ କଟକଣା ଲଗାଇବା ଆଦି ଏହି ସ୍ୱେଚ୍ଛାଚାରୀ ଶାସନର ଲକ୍ଷଣ। ସ୍ୱେଚ୍ଛାଚାରୀ ଶାସନକର୍ତ୍ତାଙ୍କ ଅବୈଧ ଶାସନ ବ୍ୟବସ୍ଥା ପ୍ରତି ସଂଖ୍ୟାଗରିଷ୍ଠ ଲୋକଙ୍କ ସମର୍ଥନ ପ୍ରାୟତଃ ନଥାଏ। ଅନେକେ ଭୟ ଓ ଚାପର ବଶବର୍ତ୍ତୀ ହୋଇ ସେମାନଙ୍କ ସରକାରକୁ ସମର୍ଥନ କରନ୍ତି। କିନ୍ତୁ ସେମାନଙ୍କ ମନରେ ଅସନ୍ତୋଷ ଓ କ୍ରୋଧର ବହ୍ନି ଜଳୁ ଥାଏ, ଯାହା କି ଅନେକ ସମୟରେ ଭୟାବହ ଜନଆନ୍ଦୋଳନ ସୃଷ୍ଟି କରିଥାଏ ଏବଂ ବିଦ୍ରୋହର ରୂପ ନେଇ ଥାଏ। ଏହି ବିଦ୍ରୋହରେ ଅନେକ ସମୟରେ ସ୍ୱେଚ୍ଛାଚାରୀ ଶାସକମାନେ କ୍ଷମତାଚ୍ୟୁତ ମଧ୍ୟ ହୋଇଛନ୍ତି, ଯାହାର ସଦ୍ୟତମ ଉଦାହରଣ ରୂପେ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଆଦି ରାଷ୍ଟ୍ରକୁ ନିଆଯାଇପାରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜର୍ମାନୀରେ ହିଟଲର ୧୯୩୪ ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଯେଉଁ ସ୍ୱେଚ୍ଛାଚାରୀ ଶାସନ କରିଥିଲେ ତାହା ଅମାନବୀୟ, ନିଷ୍ଠୁର ଓ ଅଗଣତାନ୍ତ୍ରିକ ଥିଲା। ଲକ୍ଷ ଲକ୍ଷ ନିରୀହ ଇହୁଦୀମାନଙ୍କୁ ନରଡିକ ଆର୍ଯ୍ୟ ଜାତିର ଜର୍ମାନୀ ଲୋକମାନଙ୍କ ସଂସ୍କୃତିକୁ ପ୍ରଦୂଷିତ କରୁଥିବାର ଅଭିଯୋଗ ଆଣି ଗ୍ୟାସଚାମ୍ବରମାନଙ୍କରେ ନିକ୍ଷେପ କରି ହିଟ୍‌ଲର ହତ୍ୟା କରିଥିଲେ ଏବଂ ହଜାର ହଜାର ଲୋକଙ୍କୁ ଶ୍ରମ ଶିବିର ଓ ଅତ୍ୟାଚାର କ୍ୟାମ୍ପ(କନସେନ୍‌ଟ୍ରେସନ୍ କ୍ୟାମ୍ପ) ମଧ୍ୟରେ ମାରିବା ପାଇଁ ଛାଡ଼ି ଦେଇଥିଲେ। ଶେଷରେ ମିତ୍ରପକ୍ଷ ରାଷ୍ଟ୍ରମାନଙ୍କ ଆକ୍ରମଣରେ ହିଟ୍‌ଲର ନିରୁପାୟ ହୋଇ ଆତ୍ମସମର୍ପଣ କରିବା ପୂର୍ବରୁ ଆତ୍ମହତ୍ୟା କରିଥିଲେ। ସେହିପରି ଇଟାଲିରେ ବେନିଟୋ ମୁସୋଲିନି ୧୯୨୪ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏବଂ ଜୋସେଫ୍ ଷ୍ଟାଲିନ ରୁଷ୍‌ରେ ୧୯୨୪ ରୁ ୧୯୫୩ ପର୍ଯ୍ୟନ୍ତ ନିଜ ନିଜର ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରି ଦେଶର କ୍ଷମତା ଅପବ୍ୟବହାର କରିଥିଲେ।

ସେହିପରି ମଧ୍ୟପ୍ରାଚ୍ୟରେ ଇରାକର ସଦ୍ଦାମ ହୁସେନ ୧୯୭୯ ମସିହାରୁ ୨୦୦୩ ମସିହା ଯାଏଁ ଇରାକର ରାଷ୍ଟ୍ରପତି ରୂପେ ଶାସନ କରିଥିଲେ। ତାଙ୍କର ସ୍ୱେଚ୍ଛାଚାରୀ ଶାସନରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ବିରୋଧୀଙ୍କ ଦମନ, ସାଧାରଣ ନାଗରିକଙ୍କ ଗଣହତ୍ୟା ପରି ଅମାନବୀୟ କାର୍ଯ୍ୟ ଓ ମାନବାଧିକାର ଉଲଙ୍ଘନ ଅଭିଯୋଗରେ ଶେଷରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ କ୍ଷମତାଚ୍ୟୁତ ହୋଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ୨୦୧୦ ମସିହାରୁ ୨୦୧୨ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ଘଟିଥିବା ଯୁବଗୋଷ୍ଠୀଙ୍କ ଦ୍ୱାରା ସୃଷ୍ଟ ଆରବୀୟ ବସନ୍ତ(ଆରବ ସ୍ପ୍ରିଙ୍ଗ) ନାମକ ଏକ ନିର୍ଣ୍ଣାୟକ ଗଣଆନ୍ଦୋଳନରେ ଅନେକ ଏକଛତ୍ରବାଦୀ ଶାସକ ଯଥା ଲିବିଆର ମୋଆମାର ଗଦାଫି(୨୦୧୧), ଟ୍ୟୁନିସିଆର ଜୈନୁଲ୍ ଆବେଦିନ(୨୦୧୧), ଇଜିପ୍ଟର ହୋସନି ମୁବାରକ (୨୦୧୧), ୟେମେନର ଆଲି ଅବଦୁଲା ସାଲେ(୨୦୧୨) ଶାସନଗାଦିରୁ ବିତାଡ଼ିତ ହୋଇଥିଲେ। ଉପରୋକ୍ତ ବ୍ୟକ୍ତିମାନେ ଦିନେ ବ୍ୟାଘ୍ରାରୋହଣ କରି କ୍ଷମତାର ଅପବ୍ୟବହାର ଜରିଆରେ ବିଳାସମୟ ଜୀବନ ବିତାଉଥିଲେ। ଅବଶେଷରେ ଅତି ଦୁଃଖଦ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିଲା।

ଏଠାରେ ସ୍ମରଣ କରାଯାଇପାରେ ଯେ ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଜନବିରୋଧୀ ନୀତି ଓ କ୍ଷମତାର ଅପବ୍ୟବହାର ଯୋଗୁଁ ଛାତ୍ରଗୋଷ୍ଠୀଙ୍କ ଯେଉଁ ଭୟଙ୍କର ଆନ୍ଦୋଳନ ସୃଷ୍ଟି ହେଲା ତା'ର ଚାପରେ ଶେଖ ହସିନା ନିଜ ଦେଶରୁ ୨୦୨୪ ମସିହା ଅଗଷ୍ଟ ୫ ତାରିଖରେ ପଳାୟନ କରି ଭାରତରେ ଆଶ୍ରୟ ନେଲେ। ସେହିପରି ଆମ ପଡ଼ୋଶୀ ଦେଶ ନେପାଳରେ ଯୁବଗୋଷ୍ଠୀ ବା ଜେନ-ଜେଡ୍‌ଙ୍କ ଦ୍ୱାରା ୨୦୨୫ ସେପ୍ଟେମ୍ବର ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଯେଉଁ ଭୟାବହ ଆନ୍ଦୋଳନ ହେଲା ତା'ର ପରିଣାମ ସ୍ୱରୂପ ସେଠାକାର ସରକାରରେ ଆମୂଳଚୂଳ ପରିବର୍ତ୍ତନ ହୋଇଗଲା। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ନେପାଳ ସରକାର ବିରୁଦ୍ଧରେ ଯୁବପିଢ଼ି ଅଭିଯୋଗ କଲେ ଯେ ସେମାନେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରିଦେଲେ, ଯାହାକି ସ୍ୱେଚ୍ଛାଚାରର ଏକ ନମୁନା ଥିଲା। ଏହାଛଡ଼ା ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପକ ଥିଲା।

ଏହିପରି ପୃଥିବୀରେ ଅନେକ ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି, ପଦବୀ-ପ୍ରଦତ୍ତ କ୍ଷମତାକୁ ବ୍ୟକ୍ତିଗତ କ୍ଷମତା ସଦୃଶ ଏବଂ ରାଷ୍ଟ୍ରର ସମ୍ପତ୍ତିକୁ ବ୍ୟକ୍ତିଗତ ସମ୍ପତ୍ତି ତୁଲ୍ୟ ବ୍ୟବହାର କରି, ଗରିବ ଜନତାଙ୍କୁ ଉପେକ୍ଷା କରି, ଧନୀ ଗୋଷ୍ଠୀଙ୍କୁ ସମର୍ଥନ କରି, ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଓ ଦେଶକୁ କାଙ୍ଗାଳ କରି ନିଜେ ଗାଦିଚ୍ୟୁତ ହେବା ପର୍ଯ୍ୟନ୍ତ କ୍ଷମତାକୁ ଜାବୁଡ଼ି ଧରି ରହିଥିବାର ଉଦାହରଣ ରହିଛି। ଯେଉଁ ରାଷ୍ଟ୍ରଗୁଡ଼ିକରେ ଜନଆନ୍ଦୋଳନ ଦ୍ୱାରା ସରକାର କ୍ଷମତାଚ୍ୟୁତ ହୋଇଛନ୍ତି ସେମାନେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପାଇଁ ଏକ ଚେତାବନୀ ସଦୃଶ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭ ୬୪୪୩୪୧

# ଟ୍ରମ୍ପ ନୀତି ବନାମ ବିଶ୍ୱ ଅର୍ଥନୀତି

**ସରୋଜ କୁମାର ଶତପଥୀ**

'ଟ୍ରମ୍ପ ନୀତି' କହିଲେ ପ୍ରାୟତଃ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଗ୍ରହଣ କରାଯାଇଥିବା ରାଜନୈତିକ, ଆର୍ଥିକ, ବାଣିଜ୍ୟିକ ଓ ବିଦେଶ ନୀତିଗୁଡ଼ିକୁ ବୁଝାଯାଏ। ଏହି ନୀତିଗୁଡ଼ିକ ଟ୍ରମ୍ପଙ୍କ 'ଆମେରିକା ଫାର୍ଷ୍ଟ' (ଆମେରିକା ସର୍ବସ୍ୱ) ଆଭିମୁଖ୍ୟ ଉପରେ ଆଧାରିତ। ଟ୍ରମ୍ପ ନୀତିର ମୁଖ୍ୟ ଲକ୍ଷ୍ୟ ହେଲା, ଅନ୍ୟ ଦେଶର ହିତଠାରୁ ଆମେରିକାର ହିତକୁ ଅଧିକ ଗୁରୁତ୍ୱ ଦେବା। ଆମେରିକା ସବୁଠାରୁ ଆଗରେ ରହିବା ଉଚିତ। ଟ୍ରମ୍ପ ଜଣେ ରାଜନୀତି ତୁଳନାରେ ଅଧିକ ବ୍ୟବସାୟୀ ମନୋଭାବ ରଖନ୍ତି। ସେ ଦେଶକୁ ଏକ 'କମ୍ପାନୀ' ଭାବେ ଦେଖନ୍ତି ଏବଂ ପ୍ରତ୍ୟେକ ଚୁକ୍ତିକୁ 'ଲାଭ-କ୍ଷତି' ମାପରେ ତଉଲ କରନ୍ତି। ଟ୍ରମ୍ପଙ୍କ ଶୈଳୀ ହେଉଛି ବଳ ପ୍ରୟୋଗ କରି ନିଜ ଇଚ୍ଛା ପୂରଣ କରିବା। ସେ ଗୋଟେ ପଟେ ବିପକ୍ଷକୁ ଚାପ ଦେଇଥା'ନ୍ତି, ଅନ୍ୟପଟେ ନିଜ ପକ୍ଷରେ ଚୁକ୍ତି ହସ୍ତାକ୍ଷର କରାନ୍ତି। ଏହି ପ୍ରକ୍ରିୟା କୂଟନୀତିରେ ଅସୁସ୍ଥ ସଂକେତ ଦିଏ। ଆପୋସ ସମାଧାନଠାରୁ 'ବଳ' ଗୁରୁତ୍ୱପୂର୍ଣ୍ଣ - ଏହା ତାଙ୍କ କାର୍ଯ୍ୟଧାରାରୁ ସ୍ପଷ୍ଟ ବାରି ହେଇପଡ଼େ। ଟ୍ରମ୍ପ ନିଜ ଦେଶର ଗର୍ବ ଓ ସ୍ୱାଭିମାନକୁ ଜୋର ଦେଇଥା'ନ୍ତି। ଏହି ଭାବନା ଅନ୍ୟ ଦେଶମାନଙ୍କ ସହ ମିତ୍ରତାରେ ବାଧା ସୃଷ୍ଟି କରେ। ସେ ଦୁନିଆକୁ ସହଯୋଗୀ ଭାବେ ନୁହେଁ, ବରଂ ଏକ ପ୍ରତିଯୋଗୀ ଭାବରେ ଦେଖନ୍ତି।

ବିଗତ ବର୍ଷମାନଙ୍କରେ ଟ୍ରମ୍ପଙ୍କ ବିଶ୍ୱପ୍ରଭାବୀ ନୀତି ଉପରେ ନଜର ପକାଇଲେ ଆମେ ଜାଣି ପାରିବା ଯେ ଏଗୁଡ଼ିକ ବିଶ୍ୱ ମଞ୍ଚରେ କେତେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। 'ଆମେରିକା ଫାର୍ଷ୍ଟ' ନୀତି ଆଧାରରେ ଟ୍ରମ୍ପ ସମଗ୍ର ବିଶ୍ୱରେ ଆମେରିକାର ସ୍ୱାର୍ଥକୁ ଅଗ୍ରଗଣ୍ୟ କରି ସଂଯୁକ୍ତ ରାଷ୍ଟ୍ର, ନାଟୋ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ସଂସ୍ଥାମାନଙ୍କୁ ହେୟଜ୍ଞାନ କଲେ। ଫଳରେ ବିଶ୍ୱ ଏକତା ଓ ଅନ୍ତର୍ଜାତୀୟ ସହଯୋଗ ଶକ୍ତି ଦୁର୍ବଳ ହୋଇପଡ଼ିଲା। ପରିବେଶ ଓ ଜଳବାୟୁ ସଂକ୍ରାନ୍ତ ପ୍ୟାରିସ ଚୁକ୍ତିରୁ ଆମେରିକା ବାହାରି ଆସିଲା। ଫଳରେ ବିଶ୍ୱ ତାପମାନ ଓ ପରିବେଶ ସୁରକ୍ଷା ଉପରେ ଆଗୁଆ ଅଭିଯାନ ଦୁର୍ବଳ ହେଲା। ବିକାଶଶୀଳ ଦେଶଗୁଡ଼ିକ ପାଇଁ ଅନୁଦାନ ହ୍ରାସ ପାଇଗଲା। ଚୀନ ବିରୋଧୀ ବାଣିଜ୍ୟ ଯୁଦ୍ଧରେ ସମଗ୍ର ଏସିଆ ଅର୍ଥନୀତି ମଧ୍ୟ ପ୍ରଭାବିତ ହେଲା ଏବଂ ବିଶ୍ୱ ବଜାରରେ ମୁଦ୍ରାସ୍ଫୀତି ବଢ଼ିଲା। ସେହିପରି ଆମେରିକାର ଇମିଗ୍ରେସନ୍ ନୀତି, ଇରାନ ଓ ମଧ୍ୟପ୍ରାଚ୍ୟ ନୀତି, ସାମରିକ ଓ ରାଜନୈତିକ ନୀତିଗୁଡ଼ିକ ଆମେରିକାର ଅସ୍ଥାୟୀ ସ୍ୱାର୍ଥକୁ ସବଳ କରିଥିଲେ ହେଁ ବିଶ୍ୱ ଅର୍ଥନୀତିର ସମତା, ପରିବେଶ ସୁରକ୍ଷା ଓ ଅନ୍ତର୍ଜାତୀୟ ନୈତିକ ମୂଲ୍ୟକୁ ଦୁର୍ବଳ କରିଦେଇଛି। ତେଣୁ ତାଙ୍କ ନୀତିର ମୂଳ ଲକ୍ଷ୍ୟ ହେଉଛି 'ଆମେ ହାରିବୁ ନାହିଁ', ଯାହା ଅସ୍ଥିର ଓ ସ୍ୱାର୍ଥପୂର୍ଣ୍ଣ ମନୋଭାବର ପରିପ୍ରକାଶ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ପୁନର୍ବାର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ସେ 'ଆମେରିକା ଫାର୍ଷ୍ଟ' ନୀତି ଅନୁସାରେ ଯେପରି ବିଦେଶୀ ଆମଦାନୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିଛନ୍ତି, ତାହା ଆମେରିକୀୟ ଉପଭୋକ୍ତାଙ୍କୁ ମଧ୍ୟ କଷ୍ଟ ଦେଉଛି। ୱାଶିଂଟନ ପୋଷ୍ଟର ସର୍ଭେ ଅନୁସାରେ, ପ୍ରାୟ ୭୦% ଆମେରିକୀୟ ନାଗରିକ କହିଛନ୍ତି ଯେ ତାଙ୍କ ଜୀବନ ଏବେ ବ୍ୟୟବହୁଳ ହୋଇପଡ଼ିଛି। ଦୋକାନ ଓ ଘରେ ସମସ୍ତେ ଦାମ ବୃଦ୍ଧିର ଚାପ ଅନୁଭବ କରୁଛନ୍ତି। ରାସନ୍, ବିଦ୍ୟୁତ, ଘରଭଡ଼ା, ଇନ୍ଧନ ଓ ସ୍ୱାସ୍ଥ୍ୟସେବା ଉପରେ ମାସକୁ ମାସ ଖର୍ଚ୍ଚ ବଢୁଛି। ଭାରତ ସହ ଟ୍ରମ୍ପଙ୍କ ନୀତି ଗଭୀର ଭାବେ ପ୍ରଭାବ ପକାଇଛି। ଆମେରିକା ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲାଗୁ କରିଥିବାରୁ ଭାରତର ରପ୍ତାନି ୩୭.୫% କମିଛି। ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭର ରିପୋର୍ଟ ଅନୁସାରେ ମେ' ରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଭାରତର ଆମେରିକାକୁ ରପ୍ତାନି ୮.୮ ବିଲିଅନ୍ ଡଲାରରୁ ହ୍ରାସ ପାଇ ୫.୫ ବିଲିଅନ୍ ଡଲାର ହୋଇ ଯାଇଛି। ବୟନ, ରତ୍ନ ଆଭୂଷଣ, ଔଷଧ, ଧାତୁ ଓ ଯନ୍ତ୍ର ପ୍ରତିଷ୍ଠାନଗୁଡ଼ିକ ବହୁମାତ୍ରାରେ ଆର୍ଥିକ କ୍ଷତି କରୁଥିବାର ଦେଖାଯାଉଛି।

ଟ୍ରମ୍ପ ନୀତିର ମୂଳ ଉଦ୍ଦେଶ୍ୟ ଥିଲା ଆମେରିକୀୟ ଉତ୍ପାଦନକୁ ସୁରକ୍ଷିତ କରିବା। ଅର୍ଥାତ 'ମେଡ୍ ଇନ ଆମେରିକା'କୁ ପ୍ରୋତ୍ସାହନ ଦେବା। କିନ୍ତୁ ବିପରୀତ ଭାବେ ବିଦେଶୀ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ଦ୍ୱାରା ନିଜ ଦେଶରେ ଜିନିଷର ଦାମ ବୃଦ୍ଧି ପାଇଛି। ଆମଦାନୀ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଥିବାରୁ ଦୋକାନରେ ଦାମ ଦୁଇଗୁଣ ହେବା ଆରମ୍ଭ ହୋଇଛି। ଆମେରିକାର ଇଲେକ୍ଟ୍ରୋନିକ୍ସ, ଯାନ ଓ ବୟନ ଭଳି ଅନେକ ଶିଳ୍ପ ଯେଉଁମାନେ ବିଦେଶୀ ଆଧାର ଉପରେ ନିର୍ଭରଶୀଳ ସେମାନେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଫଳରେ ପ୍ରତିଯୋଗିତାରେ ରହିପାରୁ ନାହାନ୍ତି। ୬୫% ଆମେରିକୀୟ ଏହି ନୀତିରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଏହା ଅର୍ଥନୀତିକୁ ଆଘାତ ପହଞ୍ଚାଇଛି। ଫଳରେ ବିଶ୍ୱ ବଜାରରେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଇଛି। ଆମେରିକାର ଏକପାଖିଆ ନୀତି ଯୋଗୁଁ ଅନେକ ମିତ୍ର ଦେଶ ଅସନ୍ତୁଷ୍ଟ ହୋଇଛନ୍ତି। ଗୋଟେ ଦେଶ ଯଦି ନିଜ ସୁରକ୍ଷା ପାଇଁ ବାଣିଜ୍ୟ ପ୍ରାଚୀର ତିଆରି କରେ, ତାହାର ପ୍ରତିଫଳ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼େ। ଏହି ନୀତି ବିଶ୍ୱବାଣିଜ୍ୟ ଓ ଜଗତୀକରଣ ପାଇଁ ଏକ ଚେତାବନୀ ସଦୃଶ।

ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ନୀତି ବିଶ୍ୱ ଅର୍ଥନୀତିକୁ ଯେପରି ଆତ୍ମକୈନ୍ଦ୍ରିକ ଓ ବିଭାଜନମୁଖୀ କରୁଛି, ତାହା ସମଗ୍ର ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି। ଟ୍ରମ୍ପଙ୍କ ଏହି ନୀତି ବିଶ୍ୱକୁ ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦେଉଛି ଯେ ବିଶ୍ୱ ଅର୍ଥନୀତି ଏବେ ପରସ୍ପର ସହାଭାଗିତା ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଜରୁରୀ। ଏପରି ସମୟରେ ବିଶ୍ୱ ସମୁଦାୟଙ୍କୁ ଏକତା, ବିଚାରଶୀଳତା ଓ ଆଲୋଚନା ମାଧ୍ୟମରେ ଏହି ଚାପକୁ ସମ୍ଭାଳିବା ଆବଶ୍ୟକ। ଆମେରିକାଠାରୁ ଅତିରିକ୍ତ ନିର୍ଭରଶୀଳତା କମାଇ ଅନ୍ୟାନ୍ୟ ଦେଶ ମଧ୍ୟରେ ମିଳିତ ଚୁକ୍ତି ଓ ନୂତନ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣ ହିଁ ସମସ୍ୟାର ଉଚିତ ପ୍ରତ୍ୟୁତ୍ତର ହେବ।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮ ୧୨୭୪୪୭

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଅପମାରଙ୍ଗ

**ସୌଭାଗ୍ୟସୁନ୍ଦର**

ଅପମାରଙ୍ଗ ଭାରତ ସମେତ ଅନ୍ୟାନ୍ୟ ଦକ୍ଷିଣ ଏସୀୟ ଦେଶମାନଙ୍କର ମୂଳ ଜାତ ଉଦ୍ଭିଦ। ଏହା ବର୍ତ୍ତମାନ ସମଗ୍ର ବିଶ୍ୱରେ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବିତରିତ। ଅନାବନା ଜମି, ରାସ୍ତାକଡ଼, ପରିତ୍ୟକ୍ତ ସ୍ଥାନଗୁଡ଼ିକରେ ଅପମାରଙ୍ଗ ଏକ ସାଧାରଣ କ୍ଷୁପ ବା ତୃଣ ଭାବରେ ବଢ଼ିଥାଏ। ଏହାକୁ କିଛି ଅଞ୍ଚଳରେ ଏକ ଆକ୍ରମଣାତ୍ମକ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ। ଏହା ଏକ ପାରମ୍ପରିକ ଆୟୁର୍ବେଦିକ ଔଷଧି ଭାବରେ ଜଣାଶୁଣା।

ଅପମାରଙ୍ଗ ଏକ ବହୁବର୍ଷୀୟ ସିଧା କାଣ୍ଡ ବିଶିଷ୍ଟ କ୍ଷୁପ, ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ କଠିନ, ଶାଖାଯୁକ୍ତ, ନଳୀକାର, କୋଣୀୟ, ଲୋମଯୁକ୍ତ, ସବୁଜ, କିନ୍ତୁ ଗଣ୍ଠି ବାଇଗଣୀ କିମ୍ବା ଗୋଲାପୀ ବର୍ଣ୍ଣ। ପତ୍ରଗୁଡ଼ିକ ସରଳ, ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ, ଡେମ୍ଫ ଯୁକ୍ତ, ଅଣ୍ଡାକାର, ଲୋମଶ। ପୁଷ୍ପଗଦମ ଏକ ଲମ୍ବା ଡେମ୍ଫ ବା ସ୍ତବକ, ଅନେକ ଫୁଲ ସହିତ ସଜ୍ଜିତ। ଫୁଲଗୁଡ଼ିକ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗୀ, ସବୁଜ ବା ବାଇଗଣି। ବୃତି ଓ ଦଳ ମଣ୍ଡଳ ୫ ଟି ଟେପାଲ ନେଇ ଗଠିତ। ଫୁଲରେ ୧୦ଟି ଫୁଂକେଶର ଥାଏ, ଯେଉଁଥିରୁ ୫ଟି ଉର୍ବର ଓ ୫ଟି ସ୍କେଲ୍ ପରି। ଗର୍ଭକେଶର ଦୁଇଟି ଗର୍ଭକେଶ ଧାରଣ କରିଥାଏ। ଫଳଗୁଡ଼ିକ ଏକବୀଜ ବିଶିଷ୍ଟ। ଫଳ ଏପରି ସ୍ଥାପିତ ଥାଏ, ଯାହା ଦେହରେ ଲାଖି ରହି ବିଜ ବିକ୍ଷେପରେ ସହାୟକ ହୁଏ। ଫୁଲ ଓ ଫଳ ଦେବା ସମୟ ସେପ୍ଟେମ୍ବରରୁ ଏପ୍ରିଲ।

ବିଭିନ୍ନ ରୋଗ ପାଇଁ ପାରମ୍ପରିକ ଔଷଧରେ ଅପମାରଙ୍ଗ ବ୍ୟବହାର ହୋଇ ଆସୁଛି। ଏହା ଏହାର ପ୍ରଦାହ-ବିରୋଧୀ, ମାଂସପେଶୀ ସଙ୍କୋଚନ ରୋଧୀ ଏବଂ ମୂତ୍ରକାରକ ଗୁଣ ପାଇଁ ଜଣାଶୁଣା। ଭାରତରେ ଶୋଥ ରୋଗ ଚିକିତ୍ସାରେ ଏହାର ବିଶେଷ ଉପଯୋଗ ହୁଏ। ଜଳାତଙ୍କ, ସାପ ଓ ବିଛା କାମୁଡ଼ା, ଚକ୍ଷୁ, କ୍ଷତ, ଚର୍ମ ଫୋଟକା, ଚର୍ମ ଜ୍ୱଳନ, କୋଷ୍ଠକାଠିନ୍ୟ, ଅର୍ଶ ଓ ଭଗନ୍ଦର, କୃମି, ଋତୁସ୍ରାବ ଜନିତ ଅନିୟମିତା ଓ ରୋଗ, ଅନ୍ତନାଳୀ ସଂକ୍ରମଣ, ଦାନ୍ତ ବିନ୍ଧା, ବୃକ୍କ, ବନ୍ଧ୍ୟାତ୍ୱ ଆଦି ରୋଗ ଉପଶମରେ ଅପମାରଙ୍ଗ ଏକ ମହୌଷଧୀ। ତଟକା ପତ୍ର ଓ ଫୁଲକୁ ବାଟି ବିଛା କାମୁଡ଼ାରେ ବାହ୍ୟ ଭାବରେ ପ୍ରୟୋଗ କଲେ ଉପଶମ ହୁଏ। ମହୁ ସହିତ ଅପମାରଙ୍ଗ ପାଉଡର ହଜମ ପ୍ରକ୍ରିୟାକୁ ଉନ୍ନତ କରେ। ଏହାର ମଞ୍ଜି ନିୟମିତ ସେବନ ଅତିରିକ୍ତ ଚର୍ବିକୁ ହ୍ରାସ କରି ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅପମାରଙ୍ଗ ପାଉଁଶ ଶରୀରରୁ ଅତ୍ୟଧିକ କଫ ବାହାର କରି ଆରାମ ଦେବା ପାଇଁ ଏକ ପ୍ରଭାବଶାଳୀ ଓ ଶକ୍ତିଶାଳୀ ଔଷଧ। ଏହାର ତେଲ କାନ ଯନ୍ତ୍ରଣା ଉପଶମ କରେ। ଅଧିକ ମାତ୍ରାରେ ଏହାର ବ୍ୟବହାର କାରଣରୁ ବାନ୍ତି ହୋଇପାରେ, ତେଣୁ ଡାକ୍ତରଙ୍କ ସୁପାରିସ ଅନୁସାରେ ଅପାମାରଙ୍ଗ ନେବା ଉଚିତ। ବନ୍ଧ୍ୟାତ୍ୱ ଦୂର ପାଇଁ ଚିକିତ୍ସା କରୁଥିବା ପୁରୁଷ, ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ମହିଳା, ୧୨ ବର୍ଷରୁ କମ୍ ବୟସର ପିଲାମାନଙ୍କ କ୍ଷେତ୍ରରେ ଏହାର ଦୀର୍ଘକାଳୀନ ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ।

ଏହି ଗଛର ପାଉଁଶରୁ ଯଥେଷ୍ଟ ପରିମାଣର ପଟାସ ମିଳିଥାଏ, ଯାହା ପୋଷାକ ଧୋଇବାରେ ବ୍ୟବହୃତ ହୁଏ। ଅପମାରଙ୍ଗରେ ଟ୍ରାଇଟରପେନଏଡ୍ ସାପୋନିନ୍, ଏକଡିଷ୍ଟେରନ୍ ହରମୋନ୍ ମିଳିଥାଏ। ସମ୍ପୂର୍ଣ୍ଣ ଉଦ୍ଭିଦ ଓ ବିହନ କାର୍ବୋହାଇଡ୍ରେଟ୍ ବା ଶର୍କରା, ପ୍ରୋଟିନ୍ ଓ ଫ୍ଲାଭୋନଏଡ୍, ଟାନିନ୍, ସାପୋନିନ୍, ଭିଟାମିନ ପରି କିଛି ଉପାଦାନରେ ଭରପୂର ଥାଏ, ଯାହା ଜଣେ ବ୍ୟକ୍ତିଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଅପମାରଙ୍ଗକୁ ବିହନ କିମ୍ବା କଟିଂ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଅପମାରଙ୍ଗ ଉଜ୍ଜ୍ୱଳ, ସିଧାସଳଖ ସୂର୍ଯ୍ୟାଲୋକ ପସନ୍ଦ କରେ। ଏହା ମଧ୍ୟମ ତାପମାତ୍ରାରେ ବଢ଼ିଥାଏ। ଏଥିପାଇଁ ମଧ୍ୟମ ସ୍ତରର ଆର୍ଦ୍ରତା, ଭଲ ଜଳ ନିଷ୍କାସନ ହେଉଥିବା ଦୋରସା ମାଟି ଆବଶ୍ୟକ। ମୂଳ ପଚିବା ରୋକିବା ପାଇଁ ଭଲ ଜଳ ନିଷ୍କାସନ ଜରୁରୀ। ସୁସ୍ଥ ଭାବରେ ଏହାର ବୃଦ୍ଧି ପାଇଁ ବଢୁଥିବା ଋତୁରେ ଏନପିକେ ସାର୍ ଠିକ୍ ଅନୁପାତ ସହିତ ସନ୍ତୁଳିତ ଭାବରେ ପ୍ରୟୋଗ କରାଯାଇପାରିବ। ଏହାକୁ ପ୍ରଭାବିତ କରିପାରୁଥିବା ସାଧାରଣ କୀଟଗୁଡ଼ିକ ମଧ୍ୟରେ ଏଫିଡ୍, କୀଟପତଙ୍ଗ ଏବଂ ପତ୍ରହପର ଅନ୍ତର୍ଭୁକ୍ତ। କୀଟପତଙ୍ଗ ନିୟନ୍ତ୍ରଣ ପାଇଁ ନିମ ତେଲ କିମ୍ବା କୀଟନାଶକ ସାବୁନ ପରି ଜୈବିକ କୀଟନାଶକ ବ୍ୟବହାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୋବାଇଲ୍ ଚୋରି ଅଭିଯୋଗ**

# ଥାନାରେ ନାବାଳକକୁ ଥାର୍ଡ ଡିଗ୍ରୀ

**ଛାତିକୁ ପାଇପ୍‌ରେ ପିଟି ଦେହରୁ ସାର୍ଟ ଖୋଲିଦେଲା ପୁଲିସ**

**ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଲେ ବାପା**




ଭଦ୍ରକ, ୯ ।୧୧(ସମିସ): ଥାନାରେ ନାବାଳକକୁ ଥାର୍ଡ ଡିଗ୍ରୀ । ଭଦ୍ରକ ଜିଲ୍ଲା, ତିହିଡ଼ି ବ୍ଲକ୍ ପୀରହାଟ ଥାନା ବିରୋଧରେ ଏଭଳି ସଂଗିନ୍ ଅଭିଯୋଗ ହୋଇଛି । ଏକ ମୋବାଇଲ୍ ଚୋରି ଅଭିଯୋଗରେ ନରେନ୍ଦ୍ରପୁର ଗାଁର ଜଣେ ନାବାଳକକୁ ପୁଲିସ ଥାନା ଭିତରେ ନିସ୍ଠୁକ ମାଡ଼ ମାରିଛି । ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଜୋରଜବରଦସ୍ତ ତାଙ୍କ ସାର୍ଟ ଖୋଲାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିବା ଅଭିଯୋଗ ହୋଇଛି । ଅବସ୍ଥା ଏପରି ହୋଇଥିଲା ଯେ ନାବାଳକଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏପରି ଅଭିଯୋଗ କରି ନାବାଳକର ବାପା ଶରତ ମାଝୀ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହାର ତଦନ୍ତ କରି ଦୋଷୀ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି ।

ଶରତ ଅଭିଯୋଗରେ ଦର୍ଶାଯାଇଛି ଯେ ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗାଁର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ଏହାର ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ । ଗତ ୨ ତାରିଖ ରାତି ପ୍ରାୟ ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୁଲିସ ଜଣାଇଥିଲା । ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ । ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ । ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍‌ଆଇ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ଠୁକ ମାଡ଼ ମାରିଥିଲେ । ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ନିସ୍ଠୁକ ପିଟିବା ସହ ଗାଳିଗୁଲଜ କରିଥିଲେ । ଏଥିସହ ସେହି କର୍ମଚାରୀ ନାବାଳକର ଦେହରୁ କପଡ଼ା ଖୋଲିବାକୁ ଧମକ ଦେବାରୁ ସେ ସାର୍ଟ ଖୋଲିଥିଲେ । ରାତି ୧ଟା ପରେ ବାପ-ପୁଅଙ୍କୁ ପୁଲିସ ଛାଡ଼ିଥିଲା ।

ପୁଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଥାନାର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ରୋଜାଲିନ ବେହେରା କହିଛନ୍ତି ଯେ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା । ମାତ୍ର ପୁଲିସ ମାଡ଼ ମାରିଥିବା ଅଭିଯୋଗ ସତ ନୁହେଁ ।

**ବାଲ୍‌କୋନୀ ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟଣା**

# ୨୪ ଘଣ୍ଟାରେ ଯାଞ୍ଚ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କଟକ, ୯।୧୧(ସମିସ): ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ଗତକାଲି ରାତିରେ ବକ୍ସିବଜାର ଅଞ୍ଚଳର ମଣିସାହୁ ଛକ ନିକଟରେ ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ି ଗୋଟିଏ ପରିବାରର ୩ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା । କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରିଛନ୍ତି । ସେଥିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ଆଦି ସଭ୍ୟ ଭାବେ ରହିଛନ୍ତି । ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ୍ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ । ଏହି ଯାଞ୍ଚ କମିଟି ସଂପୃକ୍ତ କୋଠାର ନିର୍ମାଣ ଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବେ । ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ୍ୟ କମିଟି ଯାଞ୍ଚ କରିବେ । ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସଂପୃକ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ । ନିଷ୍କର୍ଷ ଏବଂ ସୁପାରିସ ସହ ଏକ ସଂପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ।

# ଉପନିର୍ବାଚନରେ ହିଂସାକାଣ୍ଡ ଆଶଙ୍କା କଲା ବିଜେଡି

ଭୁବନେଶ୍ୱର, ୯।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି କେବଳ ସରକାରୀ କଳର ଦୁରୁପଯୋଗ କରି ନାହିଁ ବରଂ ଅପରାଧୀଙ୍କୁ ଆଣି ନିର୍ବାଚନ କାମରେ ଲଗାଇଛି । ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ ଗୁଣ୍ଡା, ଅପରାଧୀ ଭରିଗଲେଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ସେ କହିଛନ୍ତି ଯେ ବିଜେପି ସବୁ ପ୍ରକାର ବେଆଇନ କାମରେ ଲିପ୍ତ ରହିଛି । ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ବିଜେପି ପଛାଇ ନାହିଁ । ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେପିକୁ ସହଯୋଗ କରିବା ପାଇଁ ଛତିଶଗଡର ଗୁଣ୍ଡା ମାନେ ଆସି ନୂଆପଡାରେ ଡେରା ପକାଇଛନ୍ତି । ଭୋଟ ପୂର୍ବରୁ ସେମାନେ ଅପରାଧ ଘଟାଇବା ସହ ଭୋଟରଙ୍କୁ ଭୟଭୀତ କରିପାରନ୍ତି । ନୂଆପଡାରେ ରକ୍ତପାତ ଆଶଙ୍କା ରହିଛି । ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ବିଜେପି ନୂଆପଡ଼ା ଆଣିଛି । ପୁଲିସ ଓ ଜିଲ୍ଲା ପ୍ରଶାସନକୁ ବିଜେପି ନିଜ ଇସାରାରେ ନଚାଉଛି । ତେଣୁ ଛତିଶଗଡ଼ର ଅପରାଧିକ ପ୍ରବୃତ୍ତିର ଲୋକ ନୂଆପଡ଼ା ନିର୍ବାଚନରେ ଉତ୍ପାତ ଆରମ୍ଭ କରିବା ପାଇଁ ସଜବାଜ ହେଉଥିଲେ ସୁଦ୍ଧା ସବୁ ଜାଣି ପ୍ରଶାସନ ନିରବ ବସିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି । ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ସେମାନଙ୍କୁ ନୂଆପଡ଼ାରୁ ବାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ମର୍ମନ୍ତୁଦ ଦୁର୍ଘଟଣାରେ ଯୁବକ ମୃତ

ବଣାଇଁ, ୯।୧୧(ସମିସ): ବଣାଇଁ ଥାନା ନରେନ୍ଦ୍ର ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଭାରିଯାନ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଜୀବିକା ଗ୍ରାମର ସନ୍ତୋଷ କୁମାର ନନ୍ଦ(୪୮) ତାଙ୍କ ବାଇକ୍ ଯୋଗେ ନରେନ୍ଦ୍ର ଛକକୁ ଆସି ସନ୍ଧ୍ୟା ପ୍ରାୟ ୫ଟାରେ ଘରକୁ ଫେରୁଥିଲେ । ଫେରିବା ବେଳେ ନରେନ୍ଦ୍ର ପଞ୍ଚାୟତ ଅଫିସ୍ ନିକଟରେ ବାଇକ୍‌କୁ ଛିଡ଼ା କରି ପରିସ୍ରା ପାଇଁ ଯିବା ବେଳେ ଗୁରୁଣ୍ଡିଆ ପଟୁ ନରେନ୍ଦ୍ର ଅଭିମୁଖେ ଆସୁଥିବା ୧୪ ଚକିଆ ଏକ ପିଚୁ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଗୁରୁଣ୍ଡିଆ ରାସ୍ତା ସହ ୧୪୩ ନମ୍ବର ଜାତୀୟ ରାଜପଥର ନରେନ୍ଦ୍ର ଛକରେ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହକୁ ପୁଲିସ ଘଟଣାସ୍ଥଳରୁ ନେଇପାରିନଥିଲା ।

**AFFIDAVIT**

By virtue of an affidavit No.sworn before NotaryPublic, Biswanathpur, Kalahandi, on dt.06.11.2025, I, Chaitanya Sahu, At–Palam, Po–Palam, Ps–Kesinga, Dist- Kalahandi, PIN-766101, do hereby declare that I have changed my name from Chitanya Sahu to Chaitanya Sahu & Date of Birth from 17.07.2005 to 24.06.2005. Henceforth I shall be known as Chaitanya Sahu & my DOB is 24.06.2005 for all purposes.

**NOTICE**

By virtue of an affidavit sworn before the Executive Magistrate Talcher dt. 13.10.2025, I, KALANDI CHARAN SETHI, S/o-Chandramani Sethi, of Vill-Karnapal, PO- Seepur, PS- Samal, SD- Talcher, Dist- Angul, Odisha, Pin- 759103, declare that I have changed my name from KALINDI CHARAN SETHY (old name) to KALANDI CHARAN SETHI (new name). Henceforth I shall be known as KALANDI CHARAN SETHI (new name) for all purposes.

Kalandi Charan Sethi

**AFFIDAVIT**

I JAYANTA SAHOO, S/o-JOGI NATH SAHOO, resident of At/Po./Ps.-Kalimela, Dist. -Malkangiri - 764 047, Odisha declare by this Affidavit No.1872, Dated-08/11/2025, that now onwards I shall be known as **JAYANT SAHOO** for all future purpose.

**AFFIDAVIT**

By virtue of an affidavit before the Notary Public dt. 09/10/25, Basta, Balasore, I, JAMUNA JENA, M/O-Ganesh Chandra Jena of Vill-Guhalipada, P.O-Jamsuli, P.S-Singla, Balasore, Odisha, do hereby solemnly affirm that I have changed my name from **YAMUNA MANI JENA** to **JAMUNA JENA** & D.O.B **28/01/1960** to **11/02/1963**.Hence **YAMUNA MANI JENA**, D.O.B **28/01/1960** & **JAMUNA JENA**, D.O.B **11/02/1963** is one and same person. I request that please update and rectify my name is **JAMUNA JENA**, D.O.B **11/02/1963** in all respects.

**AFFIDAVIT**

By virtue of an affidavit sworn before Court of Notary Soro on dt.1.11.2025 I, Ananga Manjari Dasmukh, W/o- Late Maheswar Dasmukh, At- Bagalpur, Po-Bahanaga, Ps- Khantapada, Dist- Balasore, declare that I have changed my name from Ananga Manjari Desmukh to Ananga Manjari Dasmukh, DOB-01.01.1967 as per my Adhar Card. Henceforth, I shall be known as Ananga **Manjari Dasmukh** for all purposes.

**AFFIDAVIT**

By virtue of an affidavit no.1527 sworn before the Executive Magistrate Boudh, dtd. 07.11.2025 I, Bijaya Dipa, Village/PO/PS - Purunakatak, Dist- Boudh- 762013, do hereby declare that I have changed my name from Sri Bijay Naik (old name) to Bijaya Dipa (new name). Henceforth I shall be known and called as Bijaya Dipa for all purposes.

Sd/- Bijaya Dipa

**NOTICE**

By virtue of an affidavit sworn before The Notary Public, Sunabeda dated 07/11/2025 I Sri. Goura Hingoi, S/o-Balabhadra Hingoi, Vill.-Talageruput, Po.- Malibelgaon, Ps.- Nandapur, District-Koraput declare that, I have changed my daughter's name from **Parml Hingol** to **Pramila Hingoi**. Henceforth, my daughter shall be known as **Pramila Hingoi** for all purposes.

Sd/- Goura Hingoi

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଦ ହଜାଇଛନ୍ତି...

ସେମାନଙ୍କର ନିଦ ହଜାଇ ଦେଇଛନ୍ତି ମହିଳା ଭୋଟର । ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ରେକର୍ଡ ମତଦାନ ହୋଇଥିଲା, ଯାହାକି ବିହାର ନିର୍ବାଚନ ଇତିହାସରେ ପ୍ରଥମ । ଗତ ୨୦୨୦ ନିର୍ବାଚନ ତୁଳନାରେ ଏହା ୮ ପ୍ରତିଶତ ଅଧିକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପ୍ରଥମ ପର୍ଯ୍ୟାୟରେ ମହିଳା ଭୋଟରଙ୍କ ସଂଖ୍ୟା ପୂର୍ବ ତୁଳନାରେ ଅଧିକ । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ପ୍ରତି ବୁଥରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ହାର ଥିଲା ଅଧିକ । ଏଭଳି ମତଦାନ ହାରକୁ ନେଇ ସମସ୍ତ ରାଜନୈତିକ ଦଳ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ସେମାନଙ୍କର ଭୋଟ୍ କୁଆଡ଼େ ଯାଇଛି, ତାହା କେହି ଅନୁମାନ କରିପାରୁ ନାହାନ୍ତି । ଏହାକୁ ନେଇ ସେମାନେ ଗୋଟିଏ ପ୍ରକାର ଆତଙ୍କିତ ଅବସ୍ଥାରେ ଅଛନ୍ତି । ତେବେ ମନ ବୁଝାଇବା ଲାଗି ବିଜୟୀ ହେବେ ବୋଲି ଦାବି କରୁଛନ୍ତି । କ୍ଷମତାସୀନ ଏନ୍‌ଡିଏ କହୁଛି ସେ ନୀତୀଶ ସରକାରଙ୍କ ସୁଶାସନ ସପକ୍ଷରେ ଅଧିକ ଭୋଟ ଯାଇଛି । ଅନ୍ୟପକ୍ଷରେ ବିରୋଧୀ ଆରଜେଡି ନେତା କହୁଛନ୍ତି ଯେ ଏହା ସରକାର ବିରୋଧୀ ଭୋଟ ଆଡ଼କୁ ଇଙ୍ଗିତ କରୁଛି । କିନ୍ତୁ କେହି ନିଶ୍ଚିତ ନୁହନ୍ତି । ଏପରିକି ନିର୍ବାଚନ ବିଶେଷଜ୍ଞମାନେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି । ଏଭଳି ଅତ୍ୟଧିକ ଭୋଟ୍ ହାର କ'ଣ ସୂଚାଉଛି, ସେମାନେ ମଧ୍ୟ ଆକଳନ କରି ପାରୁ ନାହାନ୍ତି । ଏଭଳି ଭୋଟ୍ ହାର ସେମାନଙ୍କ ନିର୍ବାଚନ ଗଣିତକୁ ଓଲଟପାଟ କରିପକାଇଛି ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍‌କୁ ନେଇ ବିବାଦ ମଧ୍ୟରେ ହେଉଥିବା ଏହି ନିର୍ବାଚନର ଫଳାଫଳ ଆସନ୍ତା ୧୪ ତାରିଖରେ ଘୋଷଣା ହେବ । ଉକ୍ତ ଦିନ ଭୋଟଗଣତିରୁ ହିଁ ସ୍ପଷ୍ଟ ହୋଇଯିବ ଭୋଟ୍ କାହା ସପକ୍ଷରେ ଯାଇଛି ।

ଏଭଳି ପରିସ୍ଥିତି ମଧ୍ୟରେ ସମସ୍ତ ରାଜନୈତିକ ଦଳ ପ୍ରଚାରର ଶେଷ ଦିନରେ ନିଜ ନିଜର ସ୍ଥିତିକୁ ମଜବୁତ କରିବା ଲାଗି ସବୁ ପ୍ରକାର ଶକ୍ତି ଖଟାଇ ଦେଇଛନ୍ତି । ବିଜେପି ମେଣ୍ଟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହ ଆଜି ବିଭିନ୍ନ ସ୍ଥାନରେ ରାଲି କରିଥିବା ବେଳେ ଆରଜେଡି ମେଣ୍ଟ ପାଇଁ ତେଜସ୍ୱୀ ଯାଦବ ଓ ରାହୁଲ ଗାନ୍ଧୀ ପ୍ରମୁଖ ବିଭିନ୍ନ ସ୍ଥାନରେ ଜନସଭା କରିଛନ୍ତି ।

ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମଙ୍ଗଳବାର ମତଦାନ ହେବାକୁ ଯାଉଛି । ଏଥିରେ ୧୦୧ଟି ସାଧାରଣ ବର୍ଗ, ୧୯ ଅନୁସୂଚିତ ଜାତି, ୨ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ଏହି ପର୍ଯ୍ୟାୟରେ ୩ କୋଟି ୭୦ ଲକ୍ଷ ୧୩ ହଜାର ୫୫୬ ଭୋଟର ନିଜ ପ୍ରତିନିଧିଙ୍କୁ ନିର୍ବାଚିତ କରିବେ । ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ୬୫.୦୮ ରେକର୍ଡ ମତଦାନ ହୋଇଥିଲେ । ବିହାର ନିର୍ବାଚନ ଇତିହାସରେ ଏହା ପ୍ରଥମ ଘଟଣା । ଏଥିରେ ମହିଳାମାନେ ସର୍ବାଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ ।

### କ୍ଷେତ୍ର ଛାଡ଼ିଲେ...

ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି । ସେହିପରି ଅନ୍ୟ ୮ ଜଣ ପ୍ରାର୍ଥୀ ସ୍ୱାଧୀନ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ନିର୍ବାଚନମଣ୍ଡଳୀର ୩୫୮ଟି ବୁଥ୍‌ରେ ମୋଟ ୨,୫୩,୬୨୪ ଜଣ ମତଦାତା ତାଙ୍କର ମତାଧିକାର ସାବ୍ୟସ୍ତ କରିବେ । ମୋଟ ମତଦାତାଙ୍କ ମଧ୍ୟରେ ୧,୨୪୧୦୮ ପୁରୁଷ, ୧,୨୯,୪୯୫ ମହିଳା ଭୋଟର ଓ ୨୧ ଜଣ ତୃତୀୟଲିଙ୍ଗୀ ରହିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ପ୍ରଚାର ଶେଷ ହେବା ପରେ ଡ଼େରା ପକାଇଥିବା ବାହାର ଜିଲ୍ଲାର ନେତାମାନେ ନୂଆପଡ଼ା ତ୍ୟାଗ କରିଛନ୍ତି । ପ୍ରଚାର ଅବଧି ଶେଷ ହେବା ସାଙ୍ଗକୁ ରବିବାର ଅପରାହ୍ଣ ୪ଟାରୁ ନୂଆପଡ଼ାରେ ନୀରବ ଅବଧି ଆରମ୍ଭ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଳନ ସୂଚନା ଦେଇଛନ୍ତି । ସିଇଓ କହିଛନ୍ତି ଯେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅନ୍ୟ ଜିଲ୍ଲାରୁ ଯେଉଁମାନେ ଯାଇଥିଲେ, ସେମାନେ ଜିଲ୍ଲା ଛାଡ଼ି ଦେଇଛନ୍ତି । ସାଇଲେଣ୍ଟ ଆୱାରରେ ଏକାକୀ ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରିପାରିବେ । ରାତି ୧୦ଟା ପରେ ସମ୍ପୂର୍ଣ୍ଣ ପ୍ରଚାର ବନ୍ଦ ରହିବ । ସେହିପରି ପୋଲିଂ ପାର୍ଟି ସୋମବାର ବାହାରି ସନ୍ଧ୍ୟା ସୁଦ୍ଧା ବୁଥ୍‌ରେ ପହଞ୍ଚିବେ । ସବୁ ବୁଥ୍‌ରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ରହିବେ । ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୫୭ଟି ସମ୍ବେଦନଶୀଳ ବୁଥ୍ ଅଛି ଓ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବ ବୋଲି ସିଇଓ ଆଶା ପ୍ରକଟ କରିଛନ୍ତି । ଅନ୍ୟପକ୍ଷରେ ପ୍ରଚାର ଶେଷ ପରେ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଅନ୍ୟ ଅଞ୍ଚଳର ନେତାଙ୍କୁ ନୂଆପଡ଼ା ବିଧାନସଭା କ୍ଷେତ୍ର ବାହାରକୁ ଚାଲିଯିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବିଜେଡି, କଂଗ୍ରେସର ଅଧିକାଂଶ ନେତା ଜିଲ୍ଲା ବାହାରକୁ ଚାଲି ଯାଇଛନ୍ତି । ଅନ୍ୟପକ୍ଷରେ ବିଜେପିର କିଛି ନେତା ଓ ଛତିଶଗଡ଼ ଅଞ୍ଚଳରୁ ଆମଦାନୀ ହୋଇଥିବା ଅନେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଏବେ ମଧ୍ୟ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରହିଥିବା କଂଗ୍ରେସ ଅଭିଯୋଗ କରିଛି । ତେଣୁ ସେମାନଙ୍କୁ ତୁରନ୍ତ ନିର୍ବାଚନମଣ୍ଡଳୀ ବାହାରକୁ ବିଦା କରିବାକୁ କଂଗ୍ରେସ ଦାବି କରିଛି । ଅନୁରୂପ ଭାବରେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏ ସଂକ୍ରାନ୍ତରେ ଫେରାଦ ହୋଇଛି । ଛତିଶଗଡ଼ୀ ଗୁଣ୍ଡାଙ୍କୁ ତୁରନ୍ତ ବିଦା କରିବାକୁ ବିଜେଡି ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି ।

### ଆଗକୁ ବ୍ୟାଙ୍କର...

ବ୍ୟାଙ୍କଗୁଡ଼ିକୁ ବିଶ୍ୱର ସର୍ବବୃହତ୍ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ସମକକ୍ଷ କରିବ ତାହା ନୁହେଁ; ବରଂ ଏହା ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ମଧ୍ୟ ପୂରଣ କରିବାରେ ବଡ଼ ଭୂମିକା ନିର୍ବାହ କରିବ । ବାସ୍ତବରେ ବିଶ୍ୱର ଶ୍ରେଷ୍ଠ ୨୦ ବ୍ୟାଙ୍କ ତାଲିକାରେ ଭାରତର କୌଣସି ବ୍ୟାଙ୍କର ନାମ ନାହିଁ । ତେଣୁ ଅତି କମ୍ରେ ଏହି ସୂଚୀରେ ଭାରତର ୨ ବିଶ୍ୱସ୍ତରୀୟ ବ୍ୟାଙ୍କ ରହୁ ବୋଲି ସରକାର ଯୋଜନା କରୁଛନ୍ତି । କାରଣ ବିକଶିତ ଭାରତ ୨୦୪୭ର ରୋଡ୍‌ମ୍ୟାପ୍ ଏଭଳି ଏକ ଅର୍ଥନୀତିର କଳ୍ପନା କରେ, ଯାହା ଦେଶର ବିକାଶ ପାଇଁ ନିଜେ ପାଣ୍ଠି ଯୋଗାଇପାରିବ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ବ୍ୟାଙ୍କିଙ୍ଗ ସିଷ୍ଟମ ଏତେ ମଜଭୁତ ହେବା ଦରକାର, ଯେପରି ଗ୍ରୀନ୍ ଏନର୍ଜି, ସ୍ମାର୍ଟ ସିଟି ଏବଂ ଆଡଭାନ୍ସ ମାନୁଫ୍ୟାକ୍‌ଚରିଂ ଭଳି କ୍ଷେତ୍ର ପାଇଁ ବଡ଼ ଆକାରର ଋଣ ଦେଇପାରିବ । ନଭେମ୍ବର ୬ରେ ଏସ୍‌ୟୁଆଇର ଏକ କନ୍‌କ୍ଲେଭରେ ଯୋଗଦେଇ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂକେତ ଦେଇଥିଲେ । ଦେଶକୁ ଅନେକ ବଡ଼, ବିଶ୍ୱସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ଅଛି । ଆମକୁ ଆର୍‌ବିଆଇ ଓ ବ୍ୟାଙ୍କଗୁଡ଼ିକ ସହିତ ବସି ଆଲୋଚନା କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ । ତେବେ ପୂର୍ବରୁ ବି କିଛି ବ୍ୟାଙ୍କର ମିଶ୍ରଣ କରାଯାଇସାରିଛି । ହେଲେ ଏଥର ଯେଉଁ ମିଶ୍ରଣ କରାଯିବ ତା ପଛରେ ଏକ ବଡ଼ ଉଦ୍ଦେଶ୍ୟ ଲୁଚି ରହିଛି । ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦୀର୍ଘ ବର୍ଷରୁ ଖଣ୍ଡବିଖଣ୍ଡିତ ହୋଇ ରହିଆସିଛି । ଅନେକ ସରକାରୀ ବ୍ୟାଙ୍କ ବିଭିନ୍ନ ସ୍ତରରେ ସମାନ ପ୍ରକାରର ସୁବିଧା ଯୋଗାଇ ଆସୁଥିଲେ । ହେଲେ କିଛି ବ୍ୟାଙ୍କ ଦୁର୍ବଳ ପ୍ରଦର୍ଶନ କରୁଥିବାରୁ ସେମାନଙ୍କୁ ମଜଭୁତ ବ୍ୟାଙ୍କ ସହିତ ମିଶାଇ ଦିଆଯାଇଥିଲା । ଫଳରେ ସେମାନଙ୍କ ସ୍ଥିତିରେ ସୁଧାର ଆସିଥିଲା ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣର ପ୍ରଥମ ପର୍ଯ୍ୟାୟ ୨୦୧୯-୨୦ ଆର୍ଥିକ ବର୍ଷରେ ହୋଇଥିଲା । ୨୦୧୯ ଅଗଷ୍ଟରେ ସରକାର ୪ଟି ବଡ଼ ସରକାରୀ ବ୍ୟାଙ୍କର ମିଶ୍ରଣ ଘୋଷଣା କରିଥିଲେ । ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରାଇ ୫ଟି ବଡ଼ ବ୍ୟାଙ୍କ ଗଠନ କରାଯାଇଥିଲା । ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ପୂର୍ବର ୨୭ ରୁ ହ୍ରାସ ପାଇ ମାତ୍ର ୧୨ ହୋଇଯାଇଥିଲା । ଏହି ମିଶ୍ରଣ ୨୦୨୦ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା । ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସକୁ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ସହିତ ବିଲୟ କରାଯାଇଥିଲା । ସେହିପରି ସିଣ୍ଡିକେଟ୍ ବ୍ୟାଙ୍କକୁ କାନାରା ବ୍ୟାଙ୍କ ସହିତ ଏବଂ ଆଲ୍ଲାହାବାଦ ବ୍ୟାଙ୍କକୁ ଇଣ୍ଡିଆନ୍ ବ୍ୟାଙ୍କ ସହିତ ମିଶ୍ରଣ କରାଯାଇଥିଲା । ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ୍ ବ୍ୟାଙ୍କକୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ମିଶ୍ରଣ କରିଥିଲେ ସରକାର । ତେବେ ତା ପୂର୍ବରୁ ୨୦୧୯ ରେ, ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦାରେ ମିଶାଇ ଦିଆଯାଇଥିଲା ।

ଏହାର ଲକ୍ଷ୍ୟ ଥିଲା ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା ଯାହାର ବାଲାନ୍ସ ସିଟ୍ ମଜଭୁତ ହେବ ସହ ଏହା ଅଧିକ ଲୋକଙ୍କୁ ସେବା ଦେଇପାରିବ । ଏହି ପଦକ୍ଷେପ ଦ୍ୱାରା ବ୍ୟାଙ୍କର ଦକ୍ଷତା ସାମାନ୍ୟ ବୃଦ୍ଧି ହୋଇଥିଲା । ଏହା ସହ ଅନେକ ଛୋଟ ବ୍ୟାଙ୍କ ଭଲ ସ୍ଥିତିକୁ ଆସିଥିଲେ । ତଥାପି, ଏହି ସଂସ୍କାର ପରେ ମଧ୍ୟ ଭାରତ ବିଶ୍ୱ ବ୍ୟାଙ୍କିଂ ର୍‍ୟାଙ୍କିଙ୍ଗରେ ଉଲ୍ଲେଖନୀୟ ଭାବରେ ଅଭିବୃଦ୍ଧି ହୋଇ ନ ଥିଲା । ସେହି ମିଶ୍ରଣ ପରଠାରୁ ଭାରତରେ ବର୍ତ୍ତମାନ ମୋଟ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବା ପିଏସ୍‌ୟୁ କାର୍ଯ୍ୟ ଜାରି ରଖିଛନ୍ତି । କିନ୍ତୁ ସମ୍ପତ୍ତି ଅନୁସାରେ ବିଶ୍ୱ ବ୍ୟାଙ୍କର ଶ୍ରେଷ୍ଠ ୫୦ ତାଲିକାରେ ଭାରତର କେବଳ ଗୋଟିଏ ପିଏସ୍‌ୟୁ ସ୍ଥାନ ପାଇଛି । ତାହା ହେଉଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ୟୁଆଇ) । ଏସ୍‌ଆଣ୍ଡପି ର୍‍ୟାଙ୍କିଙ୍ଗ୍ ଅନୁସାରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୪୩ତମ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୭୩ତମ ସ୍ଥାନ ସହ ଶ୍ରେଷ୍ଠ ୧୦୦ ବିଶ୍ୱ ବ୍ୟାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ବିଶ୍ୱସ୍ତରୀୟ ବ୍ୟାଙ୍କ ତାଲିକାରେ ଶ୍ରେଷ୍ଠରେ ଚୀନ୍‌ର ବ୍ୟାଙ୍କ ରହିଥିବା ବେଳେ ଶୀର୍ଷ ୨୦ ଭିତରେ ମଧ୍ୟ ଚୀନ୍‌ର ୭ଟି ବ୍ୟାଙ୍କ ରହିଛି । ଭାରତରେ ଥିବା ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୋଟ ସମ୍ପତ୍ତି ସମ୍ପତ୍ତି ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୧୭୧ ଟ୍ରିଲିୟନ ଟଙ୍କା ବା (୧.୯୫ ଟ୍ରିଲିୟନ ଡଲାର) ରହିଛି ।

### ସୁଖଦୁଃଖର ସାଥୀ...

ଓ ଦୁଃଖର ସାଥୀ ହୋଇ ରହିବେ । ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ମା' ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ମିଶନ ଶକ୍ତି ମା'ମାନେ ହଇରାଣ ହୋଇ ଚାଲୁଛନ୍ତି; ଓଡ଼ିଶାର ସୁନାମ ନଷ୍ଟ ହେଉଛି । ଏମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିଦେଇଛନ୍ତି । ଏଥିପାଇଁ ଲୋକେ ବହୁ ହଇରାଣ ହେଉଛନ୍ତି । ଏ ସରକାର ମହିଳା, ଆଦିବାସୀ ଓ ବିକାଶର ବିରୋଧୀ । ତେଣୁ ଆପଣମାନଙ୍କ ସହଯୋଗରେ ବିଜେପିର ପରାଜୟ ନୂଆପଡ଼ାରୁ ହିଁ ଆରମ୍ଭ ହେବ । ତେଣୁ ଆଗାମୀ ୧୧ ତାରିଖରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଆଶୀର୍ବାଦ କରିବାକୁ ନବୀନ ଅନୁରୋଧ କରିଛନ୍ତି । ଏହାସହ ତାଙ୍କର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଓଡ଼ିଶା ମା' ଓ ନୂଆପଡ଼ାବାସୀଙ୍କ ସେବା କରି ଚାଲିବେ ବୋଲି ନବୀନ ନିଜ ବାର୍ତ୍ତାରେ କହିଛନ୍ତି ।

### ଅଜଣା ଗାଡ଼ି...

ଯାଇଥିଲେ । ସାଥିରେ ତାଙ୍କ ମା' ମଞ୍ଜୁ ମଧ୍ୟ ଯାଇଥିଲେ । ସେଠାରୁ ଖୁସିରେ ଫେରିବା ବେଳେ ରେଢ଼ାଖୋଲ ସହରର ଡିମିରିକୁଦା ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଢାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ସେଠାରେ ଡାକ୍ତର ମଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ବାଇକ୍ ଧକ୍କାରେ...

ଗାଁକୁ ଫେରୁଥିଲେ । ଏତିକିବେଳେ ଖଜାପଲ୍ଲୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ । ଫଳରେ ଉଭୟ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ମିଟୁଙ୍କୁ ପୋଲସରା ମେଡ଼ିକାଲକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି କାଶୀନାଥଙ୍କୁ କୋଦଳା ମେଡ଼ିକାଲରେ ମୃତ ଘୋଷଣା କରାଯାଇଥିଲା ।

### ୧୫ ଡିଗ୍ରୀ ତଳେ...

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଡ଼ୋଶୀ ଛତିଶଗଡ଼ ସାଙ୍ଗକୁ ଝାଡ଼ଖଣ୍ଡରେ ଶୀତ ଲହରୀ ପରସ୍ଥିତି ସମ୍ଭାବନା ସୃଷ୍ଟି ହୋଇଛି । ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ସୂଚନା ଅନୁଯାୟୀ ରାଜ୍ୟରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ସହ ରାଜ୍ୟକୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେଉଛି । ତେଣୁ ଅନେକ ସ୍ଥାନରେ ତାପମାତ୍ରା ହ୍ରାସ ଘଟିବାରେ ଲାଗିଥିବା ବେଳେ ଚଳିତ ସପ୍ତାହ ଶେଷ ଆଡ଼କୁ ରାଜ୍ୟରେ ମଧ୍ୟ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବାର ସମ୍ଭାବନା ରହିଛି ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ରହିଛି । ତେଣୁ ଏହି ସମୟରେ ଫୁଲବାଣୀ ଓ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସକୁ ଖସିବାର ଆଶଙ୍କା ରହିଛି । ସେହିଭଳି ଅନୁଗୋଳରେ ୧୩ ଡିଗ୍ରୀ, କୋରାପୁଟ, ରାଉରକେଲା ଓ ଝାରସୁଗୁଡାରେ ୧୪ ଡିଗ୍ରୀ, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକରେ ୧୫ଡିଗ୍ରୀ ଏବଂ ସୁନ୍ଦରଗଡରେ ୧୬ ଡିଗ୍ରୀ ତାପମାତ୍ରା ରହିପାରେ ।

### ଲୁଟ୍ ପାଇଁ ଗୁଳି...

ତାଙ୍କ ପାଖରେ ଥିବା ୫୦ ହଜାର ଟଙ୍କା ଲୁଟିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏଥିରେ ହାରା ବାଧା ଦେବାରୁ ସେମାନେ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ । ହାରା ତଳେ ପଡ଼ି ଛଟପଟ ହେଉଥିବା ଦେଖି ସେମାନେ ଟଙ୍କାତକ ଲୁଟି ନେଇ ସେଠାରୁ ଫେରାର୍ ହୋଇଯାଇଥିଲେ । ଅପରପକ୍ଷେ, ଗୁଳିକାଣ୍ଡ ଯୋଗୁଁ ହାରାଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତେବେ ଖବର ଲେଖା ହେବା ସୁଦ୍ଧା ହତ୍ୟାକାରୀଙ୍କ ସଂପର୍କରେ ପୁଲିସ୍ ଟେର୍ ପାଇପାରିନାହିଁ । କେତେଜଣ ଦୁର୍ବୃତ୍ତ ଏହି ହତ୍ୟାକାଣ୍ଡରେ ସାମିଲ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଚଳାଇଛି ।

### ଚାଷୋପଯୋଗୀ ହେଉନି...

କେଜି ଲେଖାଏଁ ମାଗଣା ବିହନ ପ୍ରଦାନ କରୁଛନ୍ତି । ଚଳିତ ବର୍ଷ କେବଳ ରବି ଋତୁରେ ପ୍ରାୟ ୬୩୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପ୍ରାୟ ୧୨୬୦ କୁଇଣ୍ଟାଲ୍ ବିହନ ଚାଷୀଙ୍କୁ ମାଗଣାରେ ପ୍ରଦାନ କରାଯିବ । ସରକାର ସାର୍ଟିଫାଏଡ୍ ମୁଗ ବିହନ ପ୍ରଦାନ କରୁଛନ୍ତି । ଏହାର ମୋଟ୍ ୭ଟି ପ୍ରକାରଭେଦ ରହିଛି । ରାଜ୍ୟର ଜଳବାୟୁ ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ମୁଗ ବିହନ ପ୍ରଦାନ କରାଯାଉଛି । ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି । ଏତେସବୁ ପ୍ରୋତ୍ସାହନ ସତ୍ତ୍ୱେ ମଧ୍ୟ ସରକାରୀ ବିହନ ଲାଭଜନକ ହୋଇପାରୁନି । ଅନେକ ସ୍ଥାନରେ ବିହନ ଗଜା ହେଉନି । ଉତ୍ତମ ଅଙ୍କୁରୋଦ୍‌ଗମ ହେଉଥିବା ସ୍ଥାନରେ ଗଛ ବଡ଼ ହେବା ପରେ ପୋକ ଲାଗୁଛନ୍ତି । ଧଳା ମାଛି କୁହାଯାଉଥିବା ଏକ ପୋକ ସହଜରେ ଓ ଅଧିକ ମାତ୍ରାରେ ଲାଗୁଛନ୍ତି । ଫଳରେ ଗଛର ପତ୍ର ହଳଦିଆ ପଡ଼ିଯାଉଛି । ଆବଶ୍ୟକତା ଅନୁସାରେ ଗଛ ବଢ଼ି ନ ପାରିବା ସହ ଫଳ ମଧ୍ୟ କମୁଛି । ଯେତିକି ଫଳ ଆସୁଛି, ତହିଁରେ ମଞ୍ଜି ପଡୁନାହିଁ । ବହୁ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିବାରୁ ସରକାରୀ ବିହନକୁ ଚାଷୀମାନେ ଭରଷା କରିପାରୁ ନାହାନ୍ତି ।

ବିଶେଷଜ୍ଞଙ୍କ କହିବା କଥା, ମୁଗ ଚାଷ ମାଟି ବାରେ । ଅର୍ଥାତ୍ ଗୋଟିଏ ଅଞ୍ଚଳର ମୁଗକୁ ଆଉ ଗୋଟିଏ ଅଞ୍ଚଳରେ ଚାଷ କଲେ ଆଶାଜନକ ଫସଲ ହୋଇ ନ ଥାଏ । ସେହିପରି ଚାଷ ପଦ୍ଧତି ମଧ୍ୟ ନିୟମିତ ଭାବେ ପରିବର୍ତ୍ତନ କରିବାକୁ ପଡ଼େ । ସରକାରୀ ବିହନ ଚାଷ କଲେ ବୁଣିବା ସମୟରେ ଥଣ୍ଡା ପାଗ ଆବଶ୍ୟକ । ଫୁଲ ହେବା ସମୟରେ ପାଣି ମଧ୍ୟ ଆବଶ୍ୟକ କରିଥାଏ । ମୁଖ୍ୟତଃ ରାଜ୍ୟର ଉପକୂଳ ଅଞ୍ଚଳରେ ମୁଗ ଚାଷ କରାଯାଉଥିବାବେଳେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ । ଏଣୁ ଫୁଲ ଆସିବା ସମୟରେ ଜଳସେଚନ ଏକ ପ୍ରକାର ଅସମ୍ଭବ ହେଉଛି । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରି ରାଜ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ବର୍ଷା ହେଉଛି, ତାହା ଫର୍ଟିଫାଏଡ୍ ବିହନ ପାଇଁ ବରଦାନ ସାବ୍ୟସ୍ତ ହେବା ସହ ଉତ୍ତମ ଫଳ ଦେଉଛି । ଓଡ଼ିଶାରେ ମାଟିର ଆର୍ଦ୍ରତା ଓ କାକରକୁ ଭିତ୍ତିକରି ହିଁ ମୁଗ ଚାଷ କରାଯାଉଥିବାରୁ ସରକାରୀ ବିହନ ଲାଭଦାୟକ ହେଇପାରୁ ନାହିଁ ।

ଅପରପକ୍ଷରେ ସରକାର ଯୋଗାଉଥିବା ବିହନର ଉତ୍ପାଦନ କ୍ଷମତା ଆମ ରାଜ୍ୟର ବିହନ ବା ଦେଶୀ ବିହନ ଠାରୁ ଯଥେଷ୍ଟ ଅଧିକ । ସରକାରୀ ବିହନ ଏକର ପ୍ରତି ୫ରୁ ୬ କୁଇଣ୍ଟାଲ ପର୍ଯ୍ୟନ୍ତ ମଧ୍ୟ ଅମଳ ଦେଉଥିବାବେଳେ ରାଜ୍ୟର ବିହନ ବା ଦେଶୀ ବିହନ ମାତ୍ର ୩ରୁ ୩.୫ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଉଛି । ସରକାରୀ ବିହନ ଦୁଇଗୁଣା ଅମଳକ୍ଷମ ହୋଇଥିଲେ ମଧ୍ୟ ଓଡ଼ିଶାରେ ଫଳପ୍ରଦ ହୋଇପାରୁନି । ଚାଷୀମାନେ ସରକାରୀ ବିହନ ଚାଷ କରି କ୍ଷତି ସହୁଥିବାରୁ ଆଉ କେହି ଚାଷ କରୁ ନାହାନ୍ତି । ନିଜେ ରଖିଥିବା ବିହନକୁ ଚାଷ କରୁଛନ୍ତି । ସରକାର ଦେଉଥିବା ବିହନକୁ ଡାଲି କରି ଖାଇବାକୁ ଉଚିତ୍ ମଣୁଛନ୍ତି । ଗବେଷକଙ୍କ ମତରେ ସରକାର ପ୍ରଦାନ କରୁଥିବା ବିହନର ରୋଗ ପ୍ରତିରୋଧକ ଶକ୍ତି ଦେଶୀ ବିହନ ତୁଳନାରେ କମ୍ ରହୁଛି । ଏଣୁ ଧଳା ପୋକ ଲାଗିଲେ ଖୁବ୍‌ଶୀଘ୍ର ପତ୍ର ହଳଦିଆ ହୋଇଯାଉଛି । ଯାହା ଦେଶୀ ବିହନ କ୍ଷେତ୍ରରେ ପ୍ରାୟତଃ ହୋଇ ନ ଥାଏ । ଏଣୁ ରାଜ୍ୟରେ ମୁଗ ଉତ୍ପାଦନକୁ ବ୍ୟାପକ କରିବାକୁ ହେଲେ ସ୍ଥାନୀୟ ବିହନକୁ ପ୍ରାଥମିକତା ଦେବାକୁ ପଡ଼ିବ । ଦେଶୀ ବିହନ ଉପରେ ଗବେଷଣା କରି ଅଧିକ ଅମଳକ୍ଷମ କରିବାକୁ ହେବ । ବିଭିନ୍ନ ଜଳବାୟୁରେ ହେଉଥିବା ମୁଗକୁ ସଂଗ୍ରହ କରି ଅଧିକ ଗବେଷଣା କଲେ ଅଧିକ ଅମଳକ୍ଷମ ବିହନ ପ୍ରସ୍ତୁତ ହୋଇପାରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ର ବୈଜ୍ଞାନିକ ପ୍ରଫେସର ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ସେହିପରି ଜଳସେଚନ ଥିବା ଜମିରେ ସରକାରୀ ବିହନକୁ ଚାଷ କରି ଯତ୍ନ ନେଲେ ଭଲ ଅମଳ ହୋଇପାରିବ ବୋଲି ବୈଜ୍ଞାନିକ ସୀମାଞ୍ଚଳ ସାହୁ କହିଛନ୍ତି । ଜଳବାୟୁ ଉପଯୋଗୀ ଉନ୍ନତ ବିହନ ଯୋଗାଇ ଦିଆଗଲେ ମୁଗ ଉତ୍ପାଦନ ବଢ଼ିବା ସହ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି ।

# ଅଙ୍କାବଙ୍କା ନାଳ ନିର୍ମାଣକୁ ନେଇ ଜନଅସନ୍ତୋଷ

ପାରଳାଖେମୁଣ୍ଡି, ୯ ।୧୧(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଅଙ୍କାବଙ୍କା ନାଳ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । ପ୍ରକାଶ ଯେ, ଗୁରାଣ୍ଡି ଗ୍ରାମର ପୁରୁଣା ସିନେମାହଲ ଛକ ଠାରୁ ଥାନା ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ନାଳ ନିର୍ମାଣ ହେଉଛି । ଏହି ନାଳ ନିର୍ମାଣ ପାଇଁ କୌଣସି ଜବରଦଖଲ ହଟାଯାଇନଥିବା ବେଳେ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରାଯାଇନି । ବିଭାଗ ପକ୍ଷରୁ ନାଳ ନିର୍ମାଣ ପାଇଁ ସିଧାସଳଖ ମାପଚୂପ ନିର୍ଦ୍ଧାରଣ କରାଯାଇନଥିବା ବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ଠିକାଦାର ମନମୁଖୀ କାରବାର ଚଳାଇ ନାଳ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ଏହି ଅଞ୍ଚଳରେ କେଉଁଠା ନାଳ ଓସାରିଆ ହୋଇଥିବା ବେଳେ ଆଉ କେଉଁଠି ସଂକୀର୍ଣ୍ଣ ହୋଇପଡ଼ିଛି । ଏପରିକି ରାସ୍ତା ତଟରେ ଥିବା ବିଦ୍ୟୁତ ଖୁଣ୍ଟ, ନଳକୂପ, କୂପ ଥିବା ସ୍ଥାନ ମାନଙ୍କରେ ନାଳକୁ ବୁଲାଇ ବଙ୍କା କରି ଦିଆଯାଇଛି । ଆଉ ଯେଉଁଠି ନାଳ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ଥିଲେ ମଧ ସେଠାରେ ସିଧା ବଦଳରେ ଅଙ୍କାବଙ୍କା କରି ନିର୍ମାଣ କରାଯାଉଥିବାର ଦେଖିବାକୁ ମିଳିଛି । ନାଳ ଅଙ୍କାବଙ୍କା ହେବା ଫଳରେ ଦୂଷିତ ପାଣି ନିଷ୍କାସନ ହେବା କଷ୍ଟକର ହୋଇପଡ଼ିବ ଏବଂ ଏପରି ନାଳ ନିର୍ମାଣ କରି କୌଣସି ଲାଭ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଅବଶିଷ୍ଟ କାମ ଅନ୍ତତଃ ସଠିକ୍ ଭାବେ କରିବାକୁ ଦାବି ହେଉଛି ।



● ବରପଦାରେ ଏକାଧିକ ଦୋକାନରୁ ଚୋରି

# ୨ ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

ଫିରିଙ୍ଗିଆ, ୯।୧୧(ସମିସ): ଫୁଲବାଣୀ ବ୍ଲକ ସଦର ଥାନା ଅନ୍ତର୍ଗତ ବରପଦା ଗାଁର ବିଭିନ୍ନ ଜାଗାରୁ ଚୋରି ହୋଇଥିବା ବେଳେ ୨ ଚୋରକୁ ଧରି ଗ୍ରାମବାସୀ ପୁଲିସ ଜିମା ଦେଇଛନ୍ତି ।

ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ଗଞ୍ଜୁଗୁଡା ପଞ୍ଚାୟତ ବରପଦା ଗାଁରେ ତିନି ଜଣ ଚୋର ବାଇକରେ ଆସି ଟେଷ୍ଟ ହାଉସ ଘରର କାନ୍ଥ ଭାଙ୍ଗିବା ସହ ଘର ଭିତରୁ ବିଭିନ୍ନ ସାମଗ୍ରୀ ଚୋରି କରି ନେବା ପରେ ପୁଣି ଗୋଟିଏ ଜଳଖିଆ ହୋଟେଲରୁ କିଛି ଟଙ୍କା ସହ ୨୦ ହଜାରରୁ ଅଧିକ ଟଙ୍କାର ହୋଟେଲରେ ବ୍ୟବହୃତ ସରଞ୍ଜାମ ଚୋରି କରିଥିଲେ । ପରେ ହୃଦା ବେହେରା ନାମକ ଜଣେ ବ୍ୟକ୍ତିଙ୍କ କିରାନା ଦୋକାନର ତାଲା ଭାଙ୍ଗି ଜିନିଷ ସହ ଟଙ୍କା ନେଇଥିଲେ । କିଛି ଜିନିଷ ନେଇ ସାରିଥିବା ବେଳେ ଆଉ କିଛି ଜିନିଷ ରାସ୍ତା କଡ଼ରେ ଅନ୍ଧାରୁଆ ଜାଗାରେ ରଖି ନେବାକୁ ଚେଷ୍ଟା କରୁଥିବା ବେଳେ କିଛିଲୋକ ସନ୍ଦେହରେ ଅଟକ ରଖିଥିଲେ । ରାତିରେ ଚୋରି କରି ନେଉଥିବା ଏବଂ ଦୋକାନ ଘର ଭାଙ୍ଗିଥିବା ଜଣାପଡ଼ିବା ପରେ ଗ୍ରାମବାସୀ ୨ ଜଣକୁ ଅଟକ ରଖିବା ସହ ବାଇକ ମଧ ରଖିଥିଲେ । ସକାଳେ ଗ୍ରାମବାସୀ ସଦର ଥାନା ପୁଲିସକୁ ଖବର ଦେଇ ୨ ଚୋରକୁ ଜିମା ଦେଇଥିଲେ । ଚୋର ୨ ଜଣ ଫୁଲବାଣୀ ଟାଉନ ଥାନା ପିଥନପଡ଼ା ଅଞ୍ଚଳର ବୋଲି ଜଣା ପଡ଼ିଛି । ପୁଲିସ ଦୁଇ ଚୋରକୁ ଅଟକ ରଖିବା ସହ ସେମାନଙ୍କ ପାଖରୁ ଚୋରି ପାଇଁ ବ୍ୟବହୃତ ପ୍ଲାସ, ତାର, ବାଇକ ଏବଂ ଅନ୍ୟାନ୍ୟ ଜିନିଷ ଜବତ କରିଛି । ସଦର ଏସ୍‌ଆଇ ସମ୍ବିତ ବେହେରାଙ୍କୁ ପଚାରିବାରୁ ଦୁଇ ଜଣକୁ ଅଟକ ରଖି ପଚରାଉଚୁରା କରାଯାଉଛି ଓ ଜଣେ ଫେରାର ଥିବା କହିଛନ୍ତି ।

## ସେରଙ୍ଗ ଥାନା ପକ୍ଷରୁ ସାଇବର ସଚେତନତା



ଗୁମ୍ମା, ୯ ।୧୧(ସମିସ): ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ୍ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଥିବା ବେଳେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇଛି । ଏନେଇ ଗଜପତି ଜିଲ୍ଲା ଅନ୍ତର୍ଗତ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳଙ୍କ ନେତୃତ୍ୱରେ ସାଇବର ସଚେତନ ଶୋଭାଯାତ୍ରା ଗୁମ୍ମା ଫାଣ୍ଡି ନିକଟରୁ ବାହାରି ଗୁମ୍ମା ବଜାର ଛକ, ପାଇକ ସାହି ଛକ ଓ ମୁଖ୍ୟ ଛକ ନିକଟରେ ସଚେତନ କରିବା ସହ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କୁ ଏହି ସଚେତନତା ମାଧ୍ୟମରେ ସଜାଗ କରାଯାଇଥିଲା । କୃଷ୍ଣଚନ୍ଦ୍ରପୁର ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ସାଇବର ସଚେତନତା ବିଷୟରେ ନାଟକ ପରିବେଷଣ କରିଥିଲେ । ଏଟିଏମ୍ ବ୍ୟବହାରରେ ସତର୍କତା, ଅଜଣା ଲିଙ୍କ୍, ଅଜଣା ଆପ୍ ଉପରେ କ୍ଲିକ୍ ନକରିବା ସହ ବ୍ୟାଙ୍କ ସମ୍ବନ୍ଧୀୟ ଅଜଣା କଲ୍ ଗ୍ରହଣ ନକରିବା ଆଦି ବିଷୟରେ ସଚେତନ ରହିଲେ ସାଇବର ଅପରାଧରୁ ସୁରକ୍ଷିତ କରିହେବ ବୋଲି ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଗୁମ୍ମା ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପାଲୋକା, ଗାଇବା ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ, ଖଜୁରୀପଦା ଫାଣ୍ଡି ଅଧିକାରୀ ନାରାୟଣ ଦାସ, କେଦାର ନାଥ ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## ଅଭିଭାବକ ସମ୍ମିଳନୀ



ଜି.ଉଦୟଗିରି, ୯।୧୧(ସମିସ): ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଲଡ୍ଡୁ କିଶୋର ରଥ ଦୀପ ପ୍ରଜ୍ୱଳନ ପରେ ଅଭିଭାବକଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ । ସମ୍ପାଦକ ଶିବରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟବକ୍ତା ଭାବେ ଫୁଲବାଣୀ ସଂକୁଳ ପ୍ରମୁଖ ପବିତ୍ର କୁମାର ସାହୁ ଶିଶୁଙ୍କ ଶିକ୍ଷା ପ୍ରଗତିରେ ପିତାମାତାଙ୍କ ଭୂମିକା ନେଇ ଦିଗ୍‌ଦର୍ଶନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ମଞ୍ଚାସୀନ ଅତିଥି ଅଧିକାରୀଙ୍କ ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ । ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ସରିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ଭାସ୍କର ଚନ୍ଦ୍ର ସାମଲ, ଉପସଭାପତି ଡା. ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଗୋଲକ ବିହାରୀ ପଟ୍ଟନାୟକ ଏବଂ ପ୍ରଥମ ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ । ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲ-ମୁକୁନ୍ଦ କେନ୍ଦ୍ରର ଅନୁସନ୍ଧାନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୯।୧୧(ସମିସ): ପିଲାମାନଙ୍କର ଶରୀର ବଢ଼ୁଛି ଏବଂ ସେମାନଙ୍କ ମନ, ଭାବନା ଏବଂ ସ୍ୱପ୍ନ ମଧ ବଢ଼ୁଛି । ଏହାକୁ ଦୃଷ୍ଟିରେ ରଖି ବାଲ-ମୁକୁନ୍ଦ କେନ୍ଦ୍ର ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଅର୍ବାନ ହଷ୍ଟେଲ ପରିସରରେ ଅନ୍ତେବାସୀଙ୍କ ଗହଣରେ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଅନୁସନ୍ଧାନ କାର୍ଯ୍ୟକ୍ରମକୁ ପରିଚାଳନା ସହିତ ଆଲୋଚନା କରି ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଯେତେବେଳେ ଆମେ ଆମ ପିଲାମାନଙ୍କର ଶାରୀରିକ ସୁସ୍ଥତାକୁ ପୋଷଣ କରିବା ପାଇଁ ସରଳ ସଚେତନ ଉପାୟ ଯେପରିକି ଭଲ ଖାଦ୍ୟ, ନିଦ୍ରା ଏବଂ ପିଲାର ଭାବପ୍ରବଣ ସ୍ଥିରତା, ବୌଦ୍ଧିକ ବିକାଶ ଏବଂ ସାମଗ୍ରିକ ଖୁସିର ମୂଳଦୁଆ ପାଇଁ ବାଲ-ମୁକୁନ୍ଦ କେନ୍ଦ୍ର ଅନୁସନ୍ଧାନ କରିଥାଏ ବୋଲି ଶ୍ରୀ ଚୌଧୁରୀ ପ୍ରକାଶ କରିଥିଲେ ।



## ଧବଳେଶ୍ୱର ମନ୍ଦିରରେ ଦୀପଦାନ

ପାରଳାଖେମୁଣ୍ଡି, ୯ ।୧୧(ସମିସ): ପାରଳାଖେମୁଣ୍ଡି ସହରର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ଧବଳେଶ୍ୱର ମନ୍ଦିରରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଉଥିବା କାର୍ତ୍ତିକ ମାସ ଅବସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ବିଶେଷ କରି ତେଲୁଗୁ ସମ୍ପ୍ରଦାୟର ମହିଳା ଧବଳେଶ୍ୱର ମନ୍ଦିରେ ପୂଜାର୍ଚ୍ଚନା କରି ହଜାରରୁ ଉର୍ଦ୍ଧ୍ୱ ଦୀପ ଦାନ କରିଥିଲେ । ଏହି ଦୀପ ଗୁଡିକୁ ବିଭିନ୍ନ ଝୋଟି ତଥା ଓଁ, ଗଣେଶ ଆକାରରେ ସଜାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା ।



## ବ୍ରିଜ୍ ତଳକୁ ଖସିଲା ବାଇକ୍; ଦମ୍ପତି ଗୁରୁତର

ଫିରିଙ୍ଗିଆ, ୯।୧୧(ସମିସ): ଫିରିଙ୍ଗିଆ ବ୍ଲକର କାମଟଣା ବ୍ରିଜର ତିରିଶ ଫୁଟରୁ ଅଧିକ ତଳକୁ ବାଇକ୍ ସହ ଖସି ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । କୁସୁପାଜୁ ଗାଁର ଶସ୍ତା କହଁର ଏକ ବାଇକରେ ସ୍ତ୍ରୀ ଲାଇବନି କହଁରଙ୍କ ସହ ଗୋଛାପଡ଼ା ପଞ୍ଚାୟତର ଦାମାରେଜୁକୁ ଏକୋଇଶିଆ ଭୋଜିରେ ଯୋଗ ଦେବାକୁ ଆସିଥିଲେ । ଭୋଜି ସରିବା ପରେ ରାତି ପ୍ରାୟ ୭ଟାରେ ନିଜ ଗାଁ କୁସୁପାଜୁକୁ ଫେରୁଥିବା ବେଳେ କାମଟଣା ବ୍ରିଜରେ ଭାରସାମ୍ୟ ହରାଇ ପ୍ରାୟ ତିରିଶ ଫୁଟରୁ ଅଧିକ ତଳକୁ ଖସି ପଡ଼ିଥିଲେ । ଘଟଣା ସ୍ଥଳରେ ସେମାନେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ । ପକାରୀ ପଞ୍ଚାୟତ ବିଜେପି ସଭାପତି ବାବୁଲା କହଁର ସେମାନଙ୍କୁ ଉଦ୍ଧାର କରି ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ ଗାଡିରେ ନେଇଥିଲେ । ହେଲେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ନଥିବାରୁ ପୁଣି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ମଧ ନିଜ ଗାଡିରେ ନେଇ ଭର୍ତ୍ତି କରିଥିଲେ ।



## ଖଜୁରୀପଦା ଫାଣ୍ଡିର ସାଇବର ସୁରକ୍ଷା ସଚେତନତା

ନୂଆଗାଡ, ୯।୧୧(ସମିସ): ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସେରଙ୍ଗ ଥାନା ଅନ୍ତର୍ଗତ ଖଜୁରୀପଦା ଫାଣ୍ଡି ପକ୍ଷରୁ ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫାଣ୍ଡି ସମ୍ମୁଖରେ ସାଇବର ସଚେତନ ରଥକୁ ଭବ୍ୟ ସ୍ୱାଗତ କରି ସେଠାରୁ ଶତାଧିକ ଅଞ୍ଚଳବାସୀ, ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ପୁଲିସ ସାଇବର ସଚେତନ ରଥ ସହ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରି ବାବା ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପହଞ୍ଚିଥିଲା । ସେଠାରେ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସମେତ ବରିଷ୍ଠ ନାଗରିକ ଉପସ୍ଥିତ ରହି ଲୋକେ ସାଇବର ଠକେଇର କିଭଳି ଶିକାର ହେଉଛନ୍ତି, ସାଇବର ଠକେଇରୁ କେମିତି ବଞ୍ଚିବା ଏବଂ ଅନ୍ୟମାନଙ୍କୁ କିଭଳି ସଚେତନ କରାଇବା ବିଷୟରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ଖଜୁରୀପଦା ଫାଣ୍ଡି ଅଧିକାରୀ ନାରାୟଣ ଦାଶ ପରିଚାଳନା କରିଥିଲେ ।



## ଆଇନ ସଚେତନତା ଶିବିର

ଫିରିଙ୍ଗିଆ, ୯।୧୧(ସମିସ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପକନାଗାଁରେ ଜାତୀୟ ଆଇନସେବା ଦିବସ ଅବସରରେ ଏକ ଆଇନ ସଚେତନତା ଶିବିରର ଆୟୋଜନ ହୋଇଛି । ସଭାରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଦାଶ, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ପୋକ୍‌ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀର ସଚିବ ରମାକାନ୍ତ ମହାନ୍ତି, ଜେଏମ୍‌ଏଫସି ବଦ୍ରିନାଥ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସନ୍ତୋଷ କୁମାର ପାଢ଼ୀ, ପବ୍ଲିକ ପ୍ରସିକ୍ୟୁଟର ପୂର୍ଣ୍ଣଚନ୍ଦ୍ର ନାଗ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସେଲ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନସେଲ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନସେଲ କେ. ଲକ୍ଷ୍ମୀନାରାୟଣ ଦୋରା ଓ ଶୁଭାଙ୍ଗୀ ହରିଚନ୍ଦନ, ଜିଲ୍ଲା ଆଇନ ସେବା ସମୁଖ କାର୍ଯ୍ୟାଳୟର ରିଟେନର ଜୟଏ କୁମାର ମହାନ୍ତି, ଡିଏସପି ବିପିନ ବିହାରୀ ମେହେର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପକନାଗାଁର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଟୋପନୋ, ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀବୃନ୍ଦ, ପାରା ଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲସା ପୋର୍ଟାଲ ସମ୍ପର୍କିତ ସୂଚନାପତ୍ର ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରୀବୃନ୍ଦଙ୍କୁ ଦିଆଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସଚେତନତା ଶିବିରକୁ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ ଦେବୀପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




## ୩ ସନ୍ତାନ ପ୍ରସବ କଲେ ମହିଳା

ମୋହନା, ୯।୧୧(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ଖାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦ୍ରିଗାଁର ଜଣେ ମହିଳା ଏକାଥରରେ ୩ ସନ୍ତାନ ପ୍ରସବ କରିଛନ୍ତି । ଗ୍ରାମର ଜିତେନ୍ଦ୍ର ମାଝୀଙ୍କ ସ୍ତ୍ରୀ ପୁଲିନା ମାଝୀଙ୍କ ରବିବାର ପ୍ରସବ ଯନ୍ତ୍ରଣା ହୋଇଥିଲା । ପରିବାର ଲୋକେ ଏକ ଅଟୋରେ ପୁଲିନାଙ୍କୁ ବିରିକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଆସିବା ସମୟରେ ଜଙ୍ଗଲ ରାସ୍ତାରେ ପୁଲିନା ଏକ କନ୍ୟା ସନ୍ତାନକୁ ଅଟୋ ମଧ୍ୟରେ ଜନ୍ମ ଦେଇଥିଲେ । ପରେ ବିରିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ସମ୍ମୁଖରେ ଅନ୍ୟ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ବେଡ୍‌ରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ବର୍ତ୍ତମାନ ମା’ ଏବଂ ସମସ୍ତ ତିନି ନବଜାତକ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ଆର୍‌ଏସ୍‌ଏସ୍‌ର ଯୁବ ସମ୍ମିଳନୀ

ରାୟଗଡ଼, ୯।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ(ଆରଏସଏସ)ର ଶତାବ୍ଦୀ ବର୍ଷ ଅବସରରେ ରବିବାର ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବକଙ୍କ ମଧ୍ୟରେ ବିଭିନ୍ନ କୁଇଜ, ଗୀତ ଆଦି ପ୍ରତିଯୋଗିତା କରାଯାଇ ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବୁଦ୍ଧିଜୀବୀ ଯୁଧିଷ୍ଠିର ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ ମନୋରଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଙ୍ଘ ଚାଳକ ରାଧାକୃଷ୍ଣ ଜାନି, ଜିଲ୍ଲା କାର୍ଯ୍ୟବାହ ରବୀନ୍ଦ୍ର ଭୂୟାଁ, ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡ଼ାଇ ଓ ଖଣ୍ଡ ସଙ୍ଘ ଚାଳକ ନରେଶ ଶବର ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଖଣ୍ଡ କାର୍ଯ୍ୟବାହ ଭୀମ ଶବର ପରିଚାଳନା କରିଥିଲେ ।




## ଗଣମାଧମ ପ୍ରତିନିଧିଙ୍କ ସହିତ କାଉନ୍‌ସିଲରଙ୍କ ଆଲୋଚନା



ଜି.ଉଦୟଗିରି, ୯।୧୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନବିଭାଗ ଡାକ ବଙ୍ଗଳାରେ ରବିବାର ମଧ୍ୟାହ୍ନରେ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସିର) ର ବିକାଶ ପାଇଁ ଗଣମାଧମ ପ୍ରତିନିଧିଙ୍କ ସହିତ କାଉନସିଲରଙ୍କ ଏକ ବୈଠକ ହୋଇଥିଲା । ପ୍ରେସ୍ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏନ୍‌ଏସିର ବିକାଶ ନିମନ୍ତେ ଆଲୋଚନା ହୋଇଥିଲା । ଏନସିର ବିଭିନ୍ନ ସମସ୍ୟା ଥିବାବେଳେ ତାହା ଠିକ ସମୟରେ ସମାଧାନ ହୋଇ ନ ପାରିବାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିବା ବେଳେ ଆଗାମୀ ଦିନରେ ଅଞ୍ଚଳର ବିକାଶ କିଭଳି ହୋଇ ପାରିବ ତାହାରି ଉପରେ ଆଲୋଚନା ହୋଇଥିଲା । ଏନଏସିର ବିକାଶ ପାଇଁ ଗଣମାଧମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସହଯୋଗ କାମନା କରିଥିଲେ କାଉନସିଲର ପି.ସଞ୍ଜୀବ କୁମାର ପାତ୍ର । କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସମ୍ପାଦକ ଅନୀଲ କୁମାର ଦଳବେହେରା, ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ପୂର୍ବତନ ସଭାପତି ଅରୁଣ କୁମାର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ପାଳ, ଦେବନାଥ ଦଳବେହେରା, ପତିତପାବନ ସାହୁଙ୍କ ସହିତ ବହୁ ଗଣମଧମ ପ୍ରତିନିଧି ଯୋଗ ଦେଇଥିଲେ । ଏଥିରେ ଏନଏସିର ୨ନଂ ୱାର୍ଡସଭ୍ୟା ସଙ୍ଗୀତା ନାୟକ, ୩ନଂ ୱାର୍ଡସଭ୍ୟା ନିଶାରାଣୀ ନାୟକ, ୫ନଂ ୱାର୍ଡସଭ୍ୟ ପି.ସଞ୍ଜୀବ କୁମାର ପାତ୍ର, ୭ନଂ ୱାର୍ଡସଭ୍ୟା ଭାରତୀ ବେହେରା, ୯ନଂ ୱାର୍ଡସଭ୍ୟା ଲକ୍ଷ୍ମୀପ୍ରିୟା ପରିଛା, ୧୦ନଂ ୱାର୍ଡସଭ୍ୟା କୁନ୍ତିମା ମଲ୍ଲିକ ଓ ୧୧ନଂ ୱାର୍ଡସଭ୍ୟା ଲିପିକା ପ୍ରଧାନ ଉପସ୍ଥିତ ଥିଲେ ।

# ଆଇନଗତ ସେବା ଦିବସ ଉପଲକ୍ଷେ ସଚେତନତା

ପାରଳାଖେମୁଣ୍ଡି, ୯ ।୧୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନଗତ ସେବା ଦିବସ ଉପଲକ୍ଷେ ସଚେତନତା ଏବଂ ରାଲି ଅନୁଷ୍ଠିତ ହୋଇଥିଲା । ଗୋଷାଣି ବ୍ଲକ ବାଘଶାଳା ଗ୍ରାମ ସ୍ଥିତ ରାଧାଚରଣ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସ୍ଥାନୀୟ ସରପଞ୍ଚ ଟି.ଭୀମାରାଜୁ, ଗୋଷାଣି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍. ସୋମଶେଖର ରାଓ, ଗୁରାଣ୍ଡି ଥାନା ଏସ୍‌ଆଇ ବସନ୍ତ କୁମାର ଗୁଣ୍ଟା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ବିଦ୍ୟାଳୟର ଛାତ୍ରୀ, ଅଙ୍ଗନବାଡିକର୍ମୀ, ବାଘଶାଳା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଯୋଗଦେଇ ବାଲ୍ୟବିବାହ ପ୍ରଥାକୁ ବନ୍ଦ କରିବା ଆଦିକୁ ନେଇ ନଗର ପରିକ୍ରମା କରି ସଚେତନତା କରାଯାଇଥିଲା । ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଭିନ୍ନ ଆଇ ସେବା ସମ୍ପର୍କରେ ସଚେତନତା କରାଯାଇଥିଲା । ଏହି ଅବସରରେ ତିନି ଜଣଙ୍କୁ ଅତିଥିଙ୍କ ଦ୍ୱାରା ଆଶାବାଡି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ସମେତ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆରବିଏସକେ ଫାର୍ମାସିଷ୍ଟ ଶିବାନୀ ପଣ୍ଡା, ଜ୍ୟୋତ୍ସ୍ନାରାଣୀ କର ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀଙ୍କ ସମେତ ପାରାଲିଗାଲ ଭଲ୍ୟୁଣ୍ଟର ଚନ୍ଦ୍ରଶେଖର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ ।



# ଏମ୍‌ସିଏସ୍ କ୍ଲବର ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବରିଷ୍ଠ ବ୍ୟକ୍ତିଙ୍କ ସହ ପୂର୍ବତନ ବରିଷ୍ଠ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ଫିରିଙ୍ଗିଆ, ୯।୧୧(ସମିସ)

ଫିରିଙ୍ଗିଆ ପଞ୍ଚାୟତ ତଣ୍ଡିଗାଁର ଏମସିଏସ୍ କ୍ଲବ ପକ୍ଷରୁ ଆୟୋଜିତ ୨୪ ତମ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ପଦ୍ମନାଭ ବେହେରା ଫିତା କାଟି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ତାରକା ଦାନସିଂ କହଁର, ପୂର୍ବତନ ବରିଷ୍ଠ ଖେଳାଳି ଅର୍ଜୁନ କହଁର, ଶୁକଦେବ କହଁର, ଫୁଲ କହଁର, ବରିଷ୍ଠ ଫୁଟବଲ ଖେଳାଳି ତଥା ସଂଗଠକ କାମେଶ୍ୱର କହଁର, କ୍ଲବର ସଭାପତି ବିଜୟ କହଁର ଓ ଶରତ ବିଶ୍ୱାଳ ଯୋଗ ଦେଇଥିଲେ । ଆୟୋଜକ କ୍ଲବ ୫୦ରୁ ଅଧିକ ବରିଷ୍ଠ ଖେଳାଳି ଏବଂ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା ।

ଉଦ୍‌ଘାଟନ ଦିବସରେ ୨ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ କନ୍ଧମାଳ ଜିଲ୍ଲାର ନୂଆଗାଁ ବ୍ଲକର ଏମ୍‌କେଡି କ୍ଲବ ସହ ଫିରିଙ୍ଗିଆ ବ୍ଲକ କାରେକାମ୍ବାର ଚୈତନ୍ୟ ଏଫସି ମଧ୍ୟରେ ହୋଇଥିଲା । ଏଥିରେ ୧-୦ରେ ଚୈତନ୍ୟ ଏଫ୍‌ସି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଫୁଲବାଣୀ ବ୍ଲକ ମହାବୀର ଏଫ୍‌ସି ବୁଢ଼ା ଦାନୀ ସହ ଫିରିଙ୍ଗିଆ ବ୍ଲକ ମା ପୀତବଳୀ ଏଫସି ମାଲା ମଧ୍ୟରେ ହୋଇଥିଲା । ଏଥିରେ ପେନାଲଟି କିକ ଜରିଆରେ ୩ - ୧ରେ ମା’ ପୀତବଳୀ ଏଫସି ମାଲା ବିଜୟୀ ହୋଇଥିଲା । ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଜିଲ୍ଲାର ବଛା ବଛା ୧୬ ଟିମ ଭାଗ ନେଇଥିବା ବେଳେ ଆସନ୍ତା ୧୬ ତାରିଖରେ ଫାଇନାଲ୍ ମ୍ୟାଚ୍ ହେବ । ଆଜି ଅନୁଷ୍ଠିତ ଦୁଇ ମ୍ୟାଚକୁ ବରିଷ୍ଠ କ୍ରୀଡ଼ା ପରିଚାଳକ ମୁକେଶ ପ୍ରଧାନ, ପ୍ରଫୁଲ୍ଲ କହଁର, ଜଗନ ବିଶୋଇ ଏବଂ ବେଣୁଧର କହଁର ପରିଚାଳନା କରିଥିଲେ । ଏମସିଏସ କ୍ଲବର ବରିଷ୍ଠ ସଦସ୍ୟ ସରୋଜ ଚର୍ଚ୍ଚା ଏବଂ କାମେଶ୍ୱର କହଁର ଧାରାବିବରଣୀ ପ୍ରଦାନ କରିଥିଲେ । ଏମସିଏସ କ୍ଲବର ମନୋଜ କହଁର, ଅନିଲ କହଁର, ଶୁଭାରଞ୍ଜନ କହଁର, ଦିବ୍ୟରଞ୍ଜନ କହଁର, ପ୍ରଦୀପ କହଁର, ଶିବା ମଲିକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।



● କୋଦଳାକୁ ସବ୍‌ଡିଭିଜନ୍ ମାନ୍ୟତା ଦାବି

# ଚିଙ୍ଗୁଡିଖୋଲରେ ଜନସଭା




**କୋଦଳା, ୯ ।୧୧(ସମିସ):** ଗଞ୍ଜାମ ଜିଲ୍ଲା କୋଦଳା ତହସିଲକୁ ସବ୍‌ଡିଭିଜନ ମାନ୍ୟତା ଦାବି ଗୋଟିଏ ପଟେ ଜୋର୍ ଧରୁଥିବା ବେଳେ ଏହି ଦାବିକୁ ଏବେ ବିଭିନ୍ନ ପଞ୍ଚାୟତରେ ଜନ ସମର୍ଥନ ମିଳୁଛି । ସବ୍ ଡିଭିଜନ ମାନ୍ୟତା ପ୍ରଦାନ ଦାବିରେ କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ ଗଠନ କରାଯାଇଛି । ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଏନେଇ ଜନ ସଚେତନତା କରାଯାଉଛି । ଏହି ମଞ୍ଚର ଚତୁର୍ଥ ବୈଠକ ରବିବାର ବେଗୁନିଆପଡ଼ା ବ୍ଲକ ଚିଙ୍ଗୁଡିଖୋଲ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ପକ୍ଷରୁ ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନ କରାଯିବା ସହ ଲୋକଙ୍କ ସମର୍ଥନ ଲୋଡା ଯାଇଛି । ସବ୍‌ଡିଭିଜନ ହେଲେ ଅଞ୍ଚଳର ଭିତ୍ତିଭୂମି ସୁଦୃଢ ହେବା ସହିତ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିବ । ଏଣୁ ଦଳମତ ନିର୍ବିଶେଷରେ ସମସ୍ତେ ମା’ ମାଟିର ସ୍ୱାଭିମାନ ପାଇଁ ଏହାକୁ ସମର୍ଥନ କରନ୍ତୁ ଏବଂ ଦାବି ହାସଲ ପାଇଁ ଶେଷ ପର୍ଯ୍ୟନ୍ତ ସାଥିରେ ରୁହନ୍ତୁ ବୋଲି ଆହ୍ୱାନ ଦେଇଛି କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ । ମଞ୍ଚର ସଂଯୋଜକ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନାରେ ପୂର୍ବତନ ଚିଙ୍ଗୁଡ଼ିଖୋଲ ସରପଞ୍ଚ କାମ୍ପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିଙ୍ଗୁଡ଼ିଖୋଲ ସମିତି ସଭ୍ୟ ଜିତେନ୍ଦ୍ର ଗୌଡ଼, ସରପଞ୍ଚ ପ୍ରତିନିଧି ବସନ୍ତ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଗୋଦାବରୀଶ ଶାଠୁଆ, କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ, ଆସିକା ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣା, ସମାଜସେବୀ ତଥା ପୂର୍ବତନ କାଉନସିଲର ସନ୍ତୋଷ ନାୟକ, କାଉନସିଲର ମନୋରଞ୍ଜନ ଡାକୁଆ, ଆଇନଜୀବୀ ତଥା ବିଜେପି ନେତ୍ରୀ ମୀରାବାଇ ଦେଓ, ବିଜେଡି ବ୍ଲକ ସଭାପତି ସୀମାଞ୍ଚଳ ସାମଲ, ମଞ୍ଚର ଆବାହକ ମଣ୍ଡଳୀର ସୂର୍ଯ୍ୟନାରାୟଣ ବଡୁ, କୃଷ୍ଣଚନ୍ଦ୍ର ପଲେଇ, ସୁଶାନ୍ତ କୁମାର ପଟ୍ଟନାୟକ, ଚନ୍ଦନ ସ୍ୱାଇଁ, ଜୟରାମ ନାୟକ, କୋଦଳା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୂର୍ଯ୍ୟ ନାରାୟଣ ଦୋରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆର୍‌ଏସ୍‌ଏସ୍‌ର ଯୁବ ସମ୍ମିଳନୀ



**ପୋଲସରା, ୯ ।୧୧(ସମିସ):** ପୋଲସରା ସ୍ଥିତ ବହୁମୁଖୀ କ୍ରୀଡ଼ାଳୟ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ପୋଲସରା ଏବଂ ବୁଗୁଡ଼ା ଖଣ୍ଡସ୍ତରୀୟ ଯୁବ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ପାଢ଼ୀଙ୍କ ପରିଚାଳନାରେ ଆୟୋଜିତ ସମ୍ମିଳନୀରେ ଓଡିଶା ପୂର୍ବପ୍ରାନ୍ତ ସହ ଶାରୀରିକ ପ୍ରମୁଖ ଅଶୋକ କୁମାର ରଣଜିତ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏକ ପରମ ବୈଭବଶାଳୀ ରାଷ୍ଟ୍ର ଗଠନ କରିବାକୁ ହେଲେ ସାମାଜିକ, ସାଂସ୍କୃତିକ, ଅଧ୍ୟାତ୍ମିକ ଏବଂ ଶୈକ୍ଷିକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଉପସ୍ଥିତ ଯୁବକଙ୍କୁ ଆହ୍ୱାନ ଦେଇଥିଲେ । ଘୁମୁସର ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ସୀମାଞ୍ଚଳ ମହାରଣା ସଂଘ ତରଫରୁ ଦିଆଯାଇଥିବା ପଞ୍ଚପରିବର୍ତ୍ତନ ଆହ୍ୱାନକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ପଟ୍ଟନାୟକ ଏବଂ ଜିଲ୍ଲା ସଂଘଚାଳକ ବନମାଳୀ ଗୌଡ଼ ପ୍ରମୁଖ ସଂଘର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସହ ସଂଘଚାଳକ ବିଶ୍ୱନାଥ ସେଠୀ, ସେବାପ୍ରମୁଖ ଶିବରାମ ଜେନା, ପର୍ଯ୍ୟାବରଣ ପ୍ରମୁଖ କୃଷ୍ଣଚନ୍ଦ୍ର ପ୍ରଧାନ, ବୁଗୁଡ଼ା ଖଣ୍ଡ କାର୍ଯ୍ୟବାହ ଭାଗବତ ଜେନା, ସମ୍ପର୍କ ପ୍ରମୁଖ ଅମୂଲ୍ୟ ସାହୁ, ସହ ମହାବିଦ୍ୟାଳୟ ପ୍ରମୁଖ ମନୋଜ ସାହୁ, ପୋଲସରା ନଗର ମୁଖ୍ୟ ଶିକ୍ଷକ ଦୁର୍ଗାପ୍ରସାଦ ମହାପାତ୍ର, ନଗର କାର୍ଯ୍ୟବାହ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପୋଲସରା ଏବଂ ବୁଗୁଡ଼ା ଅଞ୍ଚଳରୁ ଶତାଧିକ ସ୍ୱୟଂସେବକ ଯୋଗଦେଇଥିଲେ ।

# କାର୍‌କୁ ଧକ୍କା ଦେଲା ଟ୍ରକ; ୨ ଆହତ

## ସ୍ଥାନୀୟ ଲୋକଙ୍କ ପାଟିତୁଣ୍ଡ; ଅଟକିଲା ଶତାଧିକ ଗାଡ଼ି

ବ୍ରହ୍ମପୁର, ୯।୧୧(ସମିସ)

ଲାଞ୍ଜିପଲ୍ଲୀ ବାଇପାସ୍ ନିକଟସ୍ଥ ବ୍ରହ୍ମାପଲ୍ଲୀକୁ ଯିବା ରାସ୍ତାରେ ଆୟୋଜିତ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଉଥିବା ଏକ କାର୍‌କୁ ଜାତୀୟ ରାଜପଥ ଉପରେ ଏକ ଆନ୍ଧ୍ର ଟ୍ରକ୍ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ କାର୍ ଭିତରେ ବସିଥିବା ୨ ଜଣ ମହିଳା ଆହତ ହୋଇଛନ୍ତି ।

ସୂଚନା ପ୍ରକାରେ, ରବିବାର ସନ୍ଧ୍ୟା ୮ ଟା ୩୦ ବେଳେ ଏକ କାର୍‌ରେ ୩ ଜଣ ବସି ବ୍ରହ୍ମାପଲ୍ଲୀକୁ ଯାଉଥିବା ବେଳେ ଜାତୀୟ ରାଜପଥରେ ଭୁବନେଶ୍ୱର ପଟୁ ଆନ୍ଧ୍ର ଆଡ଼କୁ ଯାଉଥିବା ଏକ ମାଲବାହୀ ଟ୍ରକ୍ ଧକ୍କା ଦେଇଥିଲା । ଟ୍ରକ୍ ଧକ୍କାରେ କାର୍‌ଟି ଆଗକୁ ଘୋଷାଡ଼ି ହୋଇ ଏକ ପୋଲ୍‌କୁ ଧକ୍କା ଦେଇଥିଲା । କାରରେ ବସିଥିବା ୩ ଜଣ ଆହତ ହୋଇଥିଲେ । ସେଥିରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି । ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା । ଟ୍ରାଫିକ ଥାନା, ବୈଦ୍ୟନାଥପୁର ଥାନା, ଜାତୀୟ ରାଜପଥ ପାଟ୍ରୋଲିଂ ଦଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ପୁଲିସ ଉକ୍ତ ଟ୍ରକକୁ ଅଟକ ରଖିଛି । ତେବେ ଏହି ଦୁର୍ଘଟଣା ପରେ ଲାଞ୍ଜିପଲ୍ଲି ବାଇପାସ୍ ଛକରେ ସ୍ଥାନୀୟ ଲୋକେ ଜମା ହୋଇ ଓଭର ବ୍ରିଜ ନିର୍ମାଣ ଦାବିରେ ହୋହଲ୍ଲା କରିଥିଲେ । ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି । କିଛି ମାସ ଭିତରେ ୧୪ରୁ ଅଧିକ ଦୁର୍ଘଟଣା ହୋଇସାରିଲାଣି । ଏଠାରେ ଓଭର୍‌ବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକିୟା ଆରମ୍ଭ କରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଲୋକମାନେ ଦାବି କରିଥିଲେ । ଜାତୀୟ ରାଜପଥରେ ଉତ୍ତେଜନା ଯୋଗୁ ଉଭୟ ପାଶ୍ୱର୍ରେ ଅଧଘଣ୍ଟା ଯାଏ ଗାଡିମଟର ଯାତାୟାତ ବନ୍ଦ ରହିଥିଲା । ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଜାତୀୟ ରାଜପଥରୁ ଦୁର୍ଘଟଣାଗ୍ରସ୍ତ କାରକୁ କ୍ରେନ୍ ଯୋଗେ ବାହାର କରାଯିବା ପରେ ଉଭୟ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।



# ୩ ବର୍ଷ ଶିଶୁ ଜାତୀୟ ସ୍ତରରେ ସମ୍ମାନିତ

**ଦିଗପହଣ୍ଡି, ୯।୧୧(ସମିସ):** ସୌର ଜଗତର ଗ୍ରହମାନଙ୍କୁ ଚିହ୍ନଟ କରି ନିର୍ଭୁଲ ଭାବେ ସେମାନଙ୍କ ନାମ କହି ପାରୁଥିବା ଜଣେ ୩ ବର୍ଷ ବୟସର ଶିଶୁ ଜାତୀୟସ୍ତରରେ ରେକର୍ଡ ସୃଷ୍ଟି କରି ସମ୍ମାନିତ ହୋଇଛନ୍ତି । ଶିଶୁ ଜଣକ ହେଲେ ଦିଗପହଣ୍ଡି ମାଣିକେଶ୍ୱରୀନଗରରେ ରହୁଥିବା ଗଡ଼ ଚୈତନ୍ୟପୁର ଶାସନ ସାହିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ମିଶ୍ରଙ୍କ ନାତି ତଥା ଦୀପିକା ମିଶ୍ରଙ୍କ ପୁଅ ମୋକ୍ଷିତ ମିଶ୍ର । ଶିଶୁଟିର ଏଭଳି ବିରଳ ତଥା ବିଚକ୍ଷଣ ପ୍ରତିଭା ପାଇଁ କେନ୍ଦ୍ର ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସ୍ୱୀକୃତି ପ୍ରାପ୍ତ ଚାଇଲ୍ଡ ଡ୍ରିମ୍ ବୁଷ୍ଟର ହବ୍ ‘ବୁକ୍ ଅଫ୍ ରେକର୍ଡସ୍’ ତାଙ୍କୁ ସମ୍ମାନିତ ଓ ପ୍ରଶଂସିତ କରିଛନ୍ତି । ଶିଶୁ ସମୟରୁ ଏଭଳି ସଫଳତା ମିଳିବା ପ୍ରଚାରିତ ହେବା ପରେ ଶିଶୁ ମୋକ୍ଷିତଙ୍କୁ ଦେଖିବା ପାଇଁ ଗିରିଶଙ୍କ ବାସଭବନରେ ଭିଡ଼ ଜମିବା ସହ ବିଭିନ୍ନ ମହଲରୁ ଶିଶୁଟିର ଉଜ୍ଜଳ ଭବିଷ୍ୟତ କାମନା କରାଯାଇଛି । ଶିଶୁଟିର ବିଚକ୍ଷଣ ମେଧାଶକ୍ତିର ବିକାଶ ତଥା ସଫଳତା ହାସଲ ପଛରେ ତାଙ୍କ ଆଈ ସ୍ମିତା ମିଶ୍ର, ମାଉସୀ ଅଙ୍କିତା ମିଶ୍ର ଏବଂ ମାମୁଁ ପ୍ରତ୍ୟୁଷ ମିଶ୍ରଙ୍କ ପ୍ରେରଣା ରହିଛି ।

**ଗ୍ରହମାନଙ୍କୁ ଚିହ୍ନଟ କରି କହିପାରୁଛି ନାମ**



# ୧୬୦ ହେକ୍ଟର ଜମିରେ ହେବ ଆଳୁଚାଷ

**ଭଞ୍ଜନଗର, ୯ ।୧୧(ସମିସ):** ଓଡ଼ିଶାକୁ ଆଳୁ ଚାଷରେ ଆତ୍ମନିର୍ଭରଶୀଳ କରିବା ପାଇଁ ଚଳିତବର୍ଷ ଚାଷୀଙ୍କୁ ଆଗୁଆ ଆଳୁ ବିହନ ଯୋଗାଇ ଦିଆଯିବ । ରାଜ୍ୟ ଯୋଜନା ଅଧୀନରେ ସରକାର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡରେ ଆଳୁ ଚାଷକୁ ପ୍ରୋତ୍ସାହନ ପାଇଁ ରିଆତି ଦରରେ ଉନ୍ନତ ମାନର ଆଳୁ ବିହନ ଯୋଗାଇଦେବେ ।ଏଥିପାଇଁ ଚଳିତବର୍ଷ ଉପଖଣ୍ଡର ୧୬୦ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଅଧିକ ଅମଳକ୍ଷମ କୁଫ୍ରି ପୋଖରାଜ ଆଳୁ ବିହନ ଓଡ଼ିଶା ରାଜ୍ୟ ବିହନ ନିଗମ ମାଧ୍ୟମରେ ଅଣାଯାଇ ପୂର୍ବବର୍ଷର ଆଳୁଚାଷୀଙ୍କ ଚାଷ ପରିମାଣ ବୃଦ୍ଧି ସହ ନୂତନ ଚାଷୀଙ୍କୁ ଆଳୁଚାଷ ପାଇଁ ଚିହ୍ନଟ କରିବାକୁ ବିଭାଗ ଉଦ୍ୟମ ଚଳାଇଛି । ଚଳିତ ବର୍ଷ ଆଳୁ ଚାଷ ପରିମାଣ ବଢିବ ହେବ ବୋଲି ଉଦ୍ୟାନ ବିଭାଗ ଦୃଢୋକ୍ତି ପ୍ରକାଶ କରିଛି । ଓଡ଼ିଶା ଆଳୁ ପାଇଁ ସାଧାରଣତଃ ପଶ୍ଚିମବଙ୍ଗ ଉପରେ ନିର୍ଭର କରିଥାଏ । ପଶ୍ଚିମବଙ୍ଗର ଏକ ଚାଟିଆ ନୀତି ପାଇଁ ଓଡ଼ିଶାରେ ଆଳୁ ସଂକଟ ଦେଖା ଦେଇଥାଏ । ସେଥିପାଇଁ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଳୁ ଚାଷ ପାଇଁ ସରକାର “ଆଳୁ ମିଶନ’ ଆରମ୍ଭ କରିଛନ୍ତି । ବିଶେଷକରି ଭଞ୍ଜନଗର ଉପଖଣ୍ଡ ଦେଇ ପ୍ରବାହିତ ବଡ, ବୋଡ଼ା, ଋଷିକୁଲ୍ୟା, ପଦ୍ମା ଓ ଲୋହାରଖଣ୍ଡି ନଦୀର ପଟୁମାଟିରେ ଚାଷ ଜମି ଉର୍ବର ହୋଇଛି । ଆଳୁ ଚାଷ ପାଇଁ ସମସ୍ତ ପ୍ରକାରର ସୁଯୋଗ ଉପଖଣ୍ଡ ଅଞ୍ଚଳରେ ଉପଲବ୍ଧ । ଗତ ବର୍ଷ ଉଦ୍ୟାନବିଭାଗ ଉପଖଣ୍ଡର ୧୮୦ ହେକ୍ଟର ଜମିରେ ଆଳୁଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ସେଥିପାଇଁ ବିଭାଗ ଆଳୁ ବିହନ ମଧ୍ୟ ଆଣି ଭଣ୍ଡାରରେ ଗଚ୍ଛିତ ରଖିବା ସହ ଚାଷୀଙ୍କୁ ବିହନ ଯୋଗାଇ ଦେଇଥିଲା । ବାସ୍ତବ ପକ୍ଷେ ବିହନ ନେଇଥିବା ଅଧିକାଂଶ ଚାଷୀ ଆଳୁ ଚାଷ କରିନଥିଲେ । ଫଳରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୧୮୦ ହେକ୍ଟର କେବଳ ଲକ୍ଷ୍ୟରେ ରହିଯାଇଥିଲା । ଚଳିତ ବର୍ଷ ଆଳୁ ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉପଖଣ୍ଡର ଭଞ୍ଜନଗର, ଆସିକା, ବୁଗୁଡ଼ା, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ଧରାକୋଟ, ଶେରଗଡ଼ ଓ ସୋରଡ଼ା ବ୍ଲକର ୧୬୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ପ୍ରଥମ ଦଫାରେ “କୁଫ୍ରି ପୋଖରାଜ ‘ କିସମର ଆଳୁ ବିହନ ନଭେମ୍ବର ୧୫ ତାରିଖ ସୁଦ୍ଧା ଆସି ପହଞ୍ଚିବ । ଆଳୁ ଚାଷ ପାଇଁ ଚାଷୀମାନେ ସମସ୍ତ ପ୍ରସ୍ତୁତି ଶେଷ କରିବା ପରେ ନ୍ଭେମ୍ବର ଶେଷ ସପ୍ତାହ ସୁଦ୍ଧା ଚାଷୀଙ୍କୁ ରିଆତି ଦରରେ ଆଳୁ ବିହନ ଯୋଗାଇ ଦିଆଯିବ । ଏଥିପାଇଁ ଉପଖଣ୍ଡର ଆଗ୍ରହୀ ଚାଷୀଙ୍କୁ ଚିହ୍ନଟ କରାଯାଇଛି । ସରକାର କେଜି ପିଛା ୪୨ଟଙ୍କା ୨୪ ପଇସା ଦରରେ ଆଳୁ ବିହନ କିଣି ଚାଷୀଙ୍କୁ କେଜି ପିଛା ୨୦ ଟଙ୍କା ଦରରେ ଆଳୁ ବିହନ ଯୋଗାଇ ଦେବେ । ଚାଷ କରିବା ପରେ ଜିଓ ଟ୍ୟାଗିଂ ଫଟୋ ଉଠାଯିବ । ପରେ କେଜି ପ୍ରତି ୧୦ ଟଙ୍କା ସେମାନଙ୍କୁ ଫେରସ୍ତ କରାଯିବ । ଫଳରେ ଚାଷୀମାନେ ଆଳୁ ବିହନ କେଜି ପ୍ରତି ମାତ୍ର ୧୦ ଟଙ୍କା ଦରରେ ପାଇପାରିବେ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି ।



# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଯବାନ ଆହତ

**ମାଲକାନଗିରି, ୯ ।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଓ ଦନ୍ତେବାଡା ଜିଲ୍ଲା ସୀମାରେ ଲାଣ୍ଡ ମାଇନ ବିସ୍ଫୋରଣ ହୋଇ ଜଣେ ଜବାନ ଆହତ ହୋଇଛନ୍ତି । ସୁଚନା ମୁତାବକ ସୁକୁମା ଓ ଦନ୍ତେବାଡା ଜିଲ୍ଲା ସୀମାବର୍ତ୍ତୀ ମୁଲେର ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ଲାଣ୍ଡ ମାଇନ ବିସ୍ଫୋରଣ ହୋଇଥିଲା । ଫଳରେ ଜଣେ ଯବାନ ଆହତ ହୋଇଛନ୍ତି । ଆହତ ଯବାନଙ୍କୁ ସଙ୍ଗେ ସଙ୍ଗେ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଉକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନକୁ ଜୋରସୋର କରାଯାଇଛି । ତେବେ ଉକ୍ତ ଅଞ୍ଚଳରେ ସବୁ ସମୟରେ ଯବାନମାନଙ୍କ ସର୍ଚ୍ଚ ଅପରେସନ ଚାଲୁଥିବାରୁ ଯବାନମାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ ଖଞ୍ଜିଥିବା ଜଣାପଡିଛି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମୁନିଗୁଡ଼ା, ୯ ।୧୧(ସମିସ):** ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଡ଼ାଲିଆକୁଜି ଗ୍ରାମର କୋମଳ ଲୋଚନ ନାଗ । ସେ ଗତ ଶନିବାର ରାତିରେ କୋମଳ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ମୁନିଗୁଡ଼ା ଥାନାରେ ଜଣାଇଥିଲେ । ଖବରପାଇ ମୁନିଗୁଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୋମଳଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି ।

# ସୃଷ୍ଟିଙ୍କୁ ନ୍ୟାୟ ପାଇଁ ମହମବତି ଶୋଭାଯାତ୍ରା



**ରାୟଗଡ଼ା, ୯।୧୧(ସମିସ):** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରର ଝିଅ ସୃଷ୍ଟି ଶର୍ମାଙ୍କୁ ଉତ୍ତରାଖଣ୍ଡର ଲାଲପୁରରେ ଗତ ମଙ୍ଗଳବାର ହତ୍ୟା କରାଯାଇଥିଲା । ଏହାର ପ୍ରତିବାଦ ତଥା ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଆଜି ସନ୍ଧ୍ୟାରେ ଜେକେପୁର ବଣିକ ସଂଘ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାଟି ସ୍ଥାନୀୟ ମନ୍ଦିର ପ୍ରାଙ୍ଗଣରୁ ବାହାରି ଜେକେପୁର ସହର ପରିକ୍ରମା କରିବା ପରେ ଟ୍ରାଫିକ ଛକ ନିକଟରେ ଥିବା ଗୋପବନ୍ଧୁ ପାର୍କଠାରେ ଶେଷ ହୋଇଥିଲା । ଏଥିରେ ବଣିକ ସଂଘ ବ୍ୟତୀତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ମହିଳାମାନେ ଉପସ୍ଥିତ ରହି ଅଭିଯୁକ୍ତକୁ ମୃତ୍ୟୁ ଦଣ୍ଡ ମିଳୁ ବୋଲି ଦାବି କରଥିଲେ । ସୃଷ୍ଟିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବଣିକ ସଂଘର ସଭାପତି ଜଗନ୍ନାଥ ପରିଛା ଓ ସମ୍ପାଦକ ଆଲୋକ, ସନ୍ତୋଷ ରଥ, ରାକେଶ ଗୁପ୍ତା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ରାୟଗଡ଼ା ଜିଲ୍ଲା ଜେକେପୁର ମାଟିର ଝିଅ ସୃଷ୍ଟି ଶର୍ମା ଉତ୍ତରାଖଣ୍ଡର ଲାଲପୁରରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ସୃଷ୍ଟି ରହୁଥିବା ଭଡ଼ା ଘର ମାଲିକର ପୁଅ ତାଙ୍କ ଦୁଇ ଜଣ ସହଯୋଗୀମାନେ ମିଶି ଅତି ନିର୍ମମ ଭାବେ ହତ୍ୟା କରିଥିଲେ ।

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର

# ‘ଆଧୁନିକତାରେ ଜନଜାତି ସଂସ୍କୃତିର ମୌଳିକତା ହଜି ନ ଯାଉ’

ବ୍ରହ୍ମପୁର, ୯।୧୧(ସମିସ)

ଓଡ଼ିଶାର ଦକ୍ଷିଣାଞ୍ଚଳ ଅର୍ଦ୍ଧ ଶତାଧିକ ପ୍ରଜାତିର ଜନଜାତି ଲୋକଙ୍କ ଆବାସଭୂମି । ଆଧୁନିକତାର ପ୍ରଭାବରେ ୫୧ରୁ ଊର୍ଦ୍ଧ୍ୱ ଜନଜାତିଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଘଟୁଛି । ମାତ୍ର ଜନଜାତି ସଂସ୍କୃତିରେ ପରିବର୍ତ୍ତନକୁ ସହଜରେ ଗ୍ରହଣ କରାଯାଇ ପାରିବନାହିଁ । କାରଣ ସଂସ୍କୃତି ହିଁ ଗୋଟିଏ ଜାତିର ସ୍ୱତନ୍ତ୍ରତା ସୂଚାଏ । ଆଧୁନିକତାର ପ୍ରଭାବ ସତ୍ତ୍ୱେ ଜନଜାତି ସଂସ୍କୃତିର ମୌଳିକତା ହଜି ନ ଯାଉ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ରାମଚନ୍ଦ୍ର ମିଶ୍ର ମତବ୍ୟକ୍ତ କରିଛନ୍ତି । ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ପାଠଚକ୍ର ଆୟୋଜିତ ହୋଇଛି । ଏଠାରେ "ଦକ୍ଷିଣ ଓଡ଼ିଶାରେ ଜନଜାତି ଜୀବନ' ଶୀର୍ଷକରେ ଆଲୋଚନା କରାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜାତୀୟ ପାଠଚକ୍ରର ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର୍ ରାମଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଆଇ.ସି.ଏଚ୍. ଆର୍., ନୂଆଦିଲ୍ଲୀର ସଦସ୍ୟ ପ୍ରଫେସର୍ ହରିହର ପଣ୍ଡା ବିଶିଷ୍ଟ ଅତିଥି, ଖ୍ୟାତିପ୍ରାପ୍ତ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା ଓ ଉପ-ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ରୂପେ ଦକ୍ଷିଣାଞ୍ଚଳ ଜନଜାତି ସମୂହ ସଂପ୍ରତି ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଅରବିନ୍ଦ ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରଫେସର୍ ଡ. ସୁଶାନ୍ତ କୁମାର ବାଗ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ତଥା ପାଠଚକ୍ରର ଆବାହକ ଡ. ଦେବରାଜ ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଉତ୍ସବର ସଂଯୋଜନା କରିଥିଲେ । ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ବେଦପାଠ ସହ ଜଗନ୍ନାଥାଷ୍ଟକ ଗାନ କରିଥିଲେ । ଅଧ୍ୟାପକ ଟି. ଗଣେଶ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ବୈଷୟିକ ଅଧିବେଶନରେ ଫୁଲବାଣୀ ସ୍ଥିତ ସଞ୍ଜୟ ସ୍ମାରକୀ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ତନୁଜା ସିଂ ସଭାପତିତ୍ୱ କରିଥିଲେ ଏବଂ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର ବିଷୟ ବିଶାରଦ ରୂପେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ସଦାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ସୁଶାନ୍ତ ଦାସ ଓ ଧରାକୋଟ ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଜିତ କୁମାର ପଣ୍ଡା ବିଷୟ ବିଶାରଦ ରୂପେ ବିଭିନ୍ନ ଜନଜାତି ଲୋକଙ୍କ ଜୀବନ ଓ ସଂସ୍କୃତି ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




# ପୁରାତନ ଛାତ୍ର ସଂଗଠନର ବାର୍ଷିକ ଉତ୍ସବ




**ବ୍ରହ୍ମପୁର, ୯ ।୧୧(ସମିସ):** ସ୍ଥାନୀୟ କୁଇନ୍ ଅଫ୍ ଦ ମିଶନ ଉଚ୍ଚ ବିଦ୍ୟାଳୟର ପୂରାତନ ଛାତ୍ର ସଂଗଠନ ଆଲୁମିନି- ୭୭ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ସଂଗଠନର ଆବାହକ ଶ୍ରୀ ଏମ୍ ଅକ୍ଷୟଙ୍କ ସଂଯୋଜନାରେ ବିଶେଷ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ ହୋଇଯାଇଛି । ଆବାହକ ଶ୍ରୀ ଅକ୍ଷୟ ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ ନିଜ ବକ୍ଷଜ୍ଞବ ଜ୍ଞବଗ୍ସ୍ରରକ୍ସ ବିଦ୍ୟାଳୟକୁ ଆସି ଶୈକ୍ଷିକ ବାତାବରଣରେ ଉତ୍ତୋରତର ଉନ୍ନତି କରିବା ଉଦ୍ଦେଶ୍ୟ ନେଇ ଆଲୁମିନି- ୭୭ ର ଏହି ଉତ୍ସବ ପ୍ରତି ବର୍ଷ ଆୟୋଜନ କରାଯାଉଛିଫ ମଞ୍ଚରେ ଉପସ୍ଥିତ ଅତିଥି ତଥା ମିଶନ ଉଚ୍ଚ ବିଦ୍ୟାଳୟର ୧୯୭୧, ୧୯୭୨ ବ୍ୟାଚ୍ ପୂରାତନ ଛାତ୍ର ସମାଜରେ ଆଜି ପ୍ରତିଷ୍ଠିତ ବ୍ୟକ୍ତି ସର୍ବଶ୍ରୀ ଶ୍ରୀ ସୁନିଲ ମିଶ୍ର, ସିଦ୍ଧାର୍ଥ ଦାସ, ପ୍ରଫେସର ବି ଆର୍ ମୂର୍ତ୍ତି, ପରିଚୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଠାରୁ ପ୍ରେରଣା ନେବା ପାଇଁ ଉପଦେଶ ଦେଇଥିଲେ । ବିଦ୍ୟାଳୟରେ ଶିବଶଙ୍କର ମହାପାତ୍ରଙ୍କ ଦ୍ୱାରା ରୋବୋଟ ଓ ଡ୍ରୋନ ଚାଳନା ବାବଦ ସୂଚନା ଦେଇ ବନ୍ଧୁ ଶିବ ବାବୁଙ୍କ ପ୍ରଶଂସା କରିଥିଲେ । ପ୍ରଫେସର ସନ୍ତୋଷ କୁମାର ଦାସ ଏବଂ ତାଙ୍କ ଟିମ ଇଂ ନୀତିଶ କୁମାର ପାତ୍ର, ଇଂ ଅଭିଳାଷ ପରିଡା, ଇଂ ଲିଙ୍କନ ମହାନ୍ତ ଏହି ରବୋଟ ନିର୍ମାଣ କରିଥିଲେ । ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଭାବ କଥା ହୃଦୟଙ୍ଗମ କରି ନୂତନ ବିଜ୍ଞାନ ଶିକ୍ଷକ ନିଯୁକ୍ତି କରିବା ପ୍ରତିଶ୍ରୁତି ଦେବାସହ ଅନୁଭୂତ ଅନ୍ୟାନ୍ୟ ଅସୁବିଧା ଯେତେ ଶୀଘ୍ର ପାରିବେ ଦୂର କରିବାକୁ ଚେଷ୍ଟା କରିବା କଥା କହିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସର୍ବଣା ବିବେକ ଏମ୍ କହିଥିଲେ ମୁଁ ଏ ସ୍କୁଲକୁ ଆସିଲେ ମୋତେ ଆଲୁମିନି ସଦସ୍ୟ ଭଳି ମନେ ହେଉଛି । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଅଜୟ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲର ଶିକ୍ଷକ ଆବଶ୍ୟକତା ପୂରଣ କରିଥିବା କଥା କହିଥିଲେ । କୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୦୦
- ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯
- ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୧,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୫୨,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୨୧୬.୦୦
- ନିଫ୍ଟି ୨୫,୪୯୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ନିବେଶକଙ୍କୁ 'ସେବି'ର ଚେତାବନୀ

# ଡିଜିଟାଲ ଗୋଲ୍ଡରେ ନିବେଶ ବିପଦପୂର୍ଣ୍ଣ

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ଡିଜିଟାଲ୍ ଗୋଲ୍ଡରେ ନିବେଶକୁ ନେଇ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ନିବୋକଙ୍କୁ ବଡ଼ ଚେତାବନୀ ଦେଇଛି। ବଜାର ନିୟାମକଙ୍କର କହିବାନୁଯାୟୀ, ଡିଜିଟାଲ୍ ଗୋଲ୍ଡରେ ନିବେଶ ଏକ ବଡ଼ ବିପଦ। ସେବି କହିଛି ଯେ ଅନେକ ଅନଲାଇନ୍ ପ୍ଲାଟଫର୍ମ ଏପରି ଉତ୍ପାଦ ବିକ୍ରି କରୁଛନ୍ତି ଯାହା ଏହାର ନିୟାମକ ଢାଞ୍ଚାରେ ଆସୁନାହିଁ। ଏହାର ଅର୍ଥ ହେଉଛି ଏହି ପ୍ଲାଟଫର୍ମଗୁଡ଼ିକରେ ନିବେଶ କରୁଥିବା ନିବେଶକମାନେ କୌଣସି ସୁରକ୍ଷା କିମ୍ବା ନିବେଶ ସୁରକ୍ଷା ପାଇବେନାହିଁ।

ଏହି ପ୍ରସଙ୍ଗରେ ସେବି ପକ୍ଷରୁ ଜାରି ଏହାର ବିବୃତ୍ତିରେ କୁହାଯାଇଛି ଯେ, କିଛି ଡିଜିଟାଲ୍ କିମ୍ବା ଅନଲାଇନ୍ ପ୍ଲାଟଫର୍ମ 'ଡିଜିଟାଲ୍ ସୁନା' କିମ୍ବା 'ଇ-ଗୋଲ୍ଡ' ଉତ୍ପାଦ ଭାବରେ ନିବେଶ ସୁଯୋଗ ପ୍ରଦାନ କରୁଛନ୍ତି। କିନ୍ତୁ ଏହି ଉତ୍ପାଦଗୁଡ଼ିକ ସିକ୍ୟୁରିଟି କିମ୍ବା କମୋଡିଟି ଡେରିଭେଟିଭ୍ ନୁହେଁ। ତେଣୁ, ସେମାନଙ୍କ ଉପରେ ସେବିର କୌଣସି ନିୟନ୍ତ୍ରଣ ନାହିଁ। ଏପରି ଉତ୍ପାଦ ନିବେଶକମାନଙ୍କୁ ପ୍ରତିପକ୍ଷ ଏବଂ କାର୍ଯ୍ୟକ୍ଷମ ବିପଦରେ ପକାଇପାରେ। ବର୍ତ୍ତମାନ, ତନିଷ୍କ, ଏମ୍‌ଏମ୍‌ଟିସି ପିଏଏମ୍‌ପି , ଆଦିତ୍ୟ ବିର୍ଲା କ୍ୟାପିଟାଲ, କାରାଟ୍‌ଲେନ୍, ଜୋସ୍ ଆଲୁକାସ୍, ଫୋନ୍‌ପେ୍ ପେ' ଏବଂ ଶ୍ରୀରାମ ଫାଇନାନ୍ସ ଭଳି ଅନେକ ଜଣାଶୁଣା କମ୍ପାନୀ ଡିଜିଟାଲ୍ ଗୋଲ୍ଡ ବିକ୍ରି କରୁଛନ୍ତି। ଉଦାହରଣ ସ୍ୱରୂପ, ତନିଷ୍କ ଏହାର ୱେବସାଇଟରେ ଉଲ୍ଲେଖ କରିଛି ଯେ ଗ୍ରାହକମାନେ କେବଳ ୧୦୦ ଟଙ୍କା ସହିତ ନିବେଶ





ଆରମ୍ଭ କରିପାରିବେ ଏବଂ ଯେକୌଣସି ସମୟରେ ଏହାକୁ ରିଡିମ୍ କରିପାରିବେ। ଏହି ସମୟରେ, ଏମ୍‌ଏମ୍‌ଟିସି ପିଏଏମ୍‌ପି ଏହାକୁ "ଡିଜିଟାଲ୍ ସୁନାର ଅଗ୍ରେତା ବୋଲି କହୁଛି ଏବଂ ଏହାକୁ ଏକ ସହଜ ଏବଂ ସୁବିଧାଜନକ ନିବେଶ ବିକଳ୍ପ ଭାବରେ ପ୍ରୋତ୍ସାହିତ କରୁଛି।

ତଥାପି, ସେବି କହିଛି ଯେ ଏହି ବ୍ରାଣ୍ଡଗୁଡ଼ିକ ଯେତେ ବିଶ୍ୱସ୍ତ ହେଲେ ମଧ୍ୟ, ଡିଫଲ୍ଟ ହେଲେ ନିବେଶକମାନେ କୌଣସି ସୁରକ୍ଷା ପାଇବେ ନାହିଁ କାରଣ ଏଗୁଡ଼ିକ ନିୟନ୍ତ୍ରିତ ନିବେଶ ନୁହେଁ। ସେବି ନିବେଶକମାନଙ୍କୁ କେବଳ ନିୟନ୍ତ୍ରିତ ସୁନା ଉତ୍ପାଦ, ଯେପରିକି ସୁନା ଏକ୍ସଚେଞ୍ଜ-ଟ୍ରାଡେଡ୍ ଫଣ୍ଡ (ଇଟିଏଫ୍), ଇଲେକ୍ଟ୍ରୋନିକ୍ ସୁନା ରସିଦ (ଇଜିଆର୍), ଏବଂ ଏକ୍ସଚେଞ୍ଜ-ଟ୍ରାଡେଡ୍ କମୋଡିଟି ଚୁକ୍ତିନାମାରେ ନିବେଶ କରିବାକୁ ପରାମର୍ଶ ଦେଇଛି। ଏସବୁ ସେବି ନିୟମାବଳୀ ଅଧୀନରେ ଏବଂ ସେବି-ପଞ୍ଜିକୃତ ମଧ୍ୟସ୍ଥିଙ୍କ ମାଧ୍ୟମରେ କିଣାଯାଇପାରିବ। ସେବିର ଏହି ଚେତାବନୀ ଡିଜିଟାଲ୍ ସୁନା ନିବେଶର ବର୍ଦ୍ଧିତ ଧାରା ଉପରେ ପ୍ରଶ୍ନ ଉଠାଇଛି। ଏହି ପ୍ଲାଟଫର୍ମଗୁଡ଼ିକ ଲୋକଙ୍କୁ ଛୋଟ ପରିମାଣରେ ନିବେଶ କରିବାର ସୁଯୋଗ ପ୍ରଦାନ କରୁଥିବାବେଳେ, ଏହା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବିପଦ ସୃଷ୍ଟି କରୁଛି।

## ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରମ୍ପଙ୍କ ପ୍ରସ୍ତୁତି

# ୭୦୦ ଉତ୍ପାଦ ଉପରେ ବଢ଼ିପାରେ ଶୁଳ୍କ

ୱାଶିଂଟନ୍, ୯।୧୧(ଏଜେନ୍ସି): ଆମେରିକାର ଟ୍ରମ୍ପ ପ୍ରଶାସନ ପୁଣି ଥରେ ଇସ୍ପାତ ସମ୍ବନ୍ଧୀୟ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି। ରିପୋର୍ଟ ଅନୁଯାୟୀ, ଏହି ତାଲିକାରେ ପ୍ରାୟ ୭୦୦ ନୂତନ ଉତ୍ପାଦ ଯୋଡାଯାଇପାରେ, ଯାହା ପୂର୍ବରୁ ଆମଦାନୀ ଶୁଳ୍କର ସମ୍ମୁଖୀନ ହେଉଛି। ବର୍ତ୍ତମାନ, ୪୦୭ ଇସ୍ପାତ ସମ୍ବନ୍ଧୀୟ ଉତ୍ପାଦ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯାଉଛି। ଗାର୍ଡିଆନ୍ ରିପୋର୍ଟ ଅନୁଯାୟୀ, ଏହି ନୂତନ ଶୁଳ୍କ ତାଲିକାରେ ସାଇକେଲ, ବେକିଂ ଟ୍ରେ ଏବଂ ଷ୍ଟିଲ୍ ଚକ ଭଳି ସାମଗ୍ରୀ ଅନ୍ତର୍ଭୁକ୍ତ ହୋଇପାରେ। ଅଗଷ୍ଟରେ ପ୍ରକାଶିତ ତାଲିକାରେ ଅଧିକ ଉତ୍ପାଦ ଯୋଡା ଯିବା ପାଇଁ ଅନେକ ବଡ଼ ଏବଂ ଛୋଟ ଆମେରିକୀୟ କମ୍ପାନୀ ବାଣିଜ୍ୟ ବିଭାଗକୁ ଆବେଦନ କରିଛନ୍ତି। ଏଥିରେ ଇଣ୍ଡିଆନା ସ୍ଥିତ ଗାର୍ଡିଆନ୍ ବାଇକ୍ ଏବଂ ଟମାଟୋ-କ୍ୟାନିଂ କମ୍ପାନୀ ରେଡ୍ ଗୋଲ୍ଡ ଭଳି କମ୍ପାନୀ ଅନ୍ତର୍ଭୁକ୍ତ।



ଗାର୍ଡିଆନ୍ ବାଇକ୍ସ କହିଛି ଯେ ଦେଶର ସାଇକେଲ ଶିଳ୍ପ ସମ୍ପୂର୍ଣ୍ଣ ଭୁଷୁଡି ପଡିଛି। କାରଣ ୨୦୨୪ରେ ବିଦେଶରୁ ୧୧ ନିୟୁତ ସାଇକେଲ ଆମଦାନି କରାଯାଇଥିଲା। ଏହି ସମୟରେ, ରେଡ୍ ଗୋଲ୍ଡ କମ୍ପାନୀ ଅଭିଯୋଗ କରିଛି ଯେ କମ୍ପାନୀ ୟୁକେରୁ ଆମଦାନି କରୁଥିବା ଟିନପ୍ଲେଟ୍ ଷ୍ଟିଲ୍ ଉପରେ ୨୫% ଶୁଳ୍କ ଏବଂ ଅନ୍ୟ ଦେଶରୁ ଷ୍ଟିଲ୍ ଉପରେ ୫୦% ଶୁଳ୍କ ଲାଗୁ କରିଛି, ଯାହା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିଛି।

ଅଗଷ୍ଟରେ, ଟ୍ରମ୍ପ ପ୍ରଶାସନ ଶହ ଶହ ଡେରିଭେଟିଭ୍ ଉତ୍ପାଦକୁ ଅନ୍ତର୍ଭୁକ୍ତ କରିବା ପାଇଁ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉପରେ ଶୁଳ୍କ ପରିମାଣ ୫୦%କୁ ବୃଦ୍ଧି କରିଥିଲା। ଏହି ସମୟରେ, ଆମେରିକାକୁ ଭାରତର ରପ୍ତାନି ଲଗାତାର ଚତୁର୍ଥ ମାସ ପାଇଁ ହ୍ରାସ ପାଇଛି, ଯେତେବେଳେ କି ଆମେରିକାକୁ ଚୀନର ରପ୍ତାନିରେ ୨୫% ହ୍ରାସ ଘଟିଛି। ଯଦିଓ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ସମ୍ପ୍ରତି ଆଲୋଚନାରେ କିଛି ଆଶ୍ୱସ୍ତି ମିଳିଛି, ତଥାପି ବାଣିଜ୍ୟ ଉତ୍ତେଜନା ରହିଛି। ଆମେରିକୀୟ ଗ୍ରାହକମାନେ ଏହି ଶୁଳ୍କର ବୋଝ ବହନ କରୁଛନ୍ତି କି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ, "ନା, ମୁଁ ବିଶ୍ୱାସ କରୁନାହିଁ। ଏହି ନିଷ୍ପତ୍ତି ଯୋଗୁଁ ଆମେରିକାର ଅର୍ଥନୀତି ମଜବୁତ ହେଉଛି।

## ଏଆଇ ର୍‍ୟାଲିରେ ଅନ୍ୟ ବଜାରମୁହାଁ ବିଦେଶୀ ନିବେଶକ

# ସପ୍ତାହକରେ ଉଠାଇନେଲେ ୧୨,୫୬୯ କୋଟି

ମୁମ୍ବଇ, ୯।୧୧(ଏଜେନ୍ସି): ଅକ୍ଟୋବର ମାସରେ କିଣିବା ପରେ, ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ (ଏଫ୍‌ପିଆଇ) ପୁଣି ଥରେ ନଭେମ୍ବରରେ ସେୟାର ବିକ୍ରି ଆରମ୍ଭ କରିଛନ୍ତି। ଏଫ୍‌ପିଆଇମାନେ ଚଳିତ ମାସରେ ଏ ପର୍ଯ୍ୟନ୍ତ ଭାରତୀୟ ବଜାରରୁ ୧୨,୫୬୯ କୋଟି ଟଙ୍କାର ପାଣ୍ଠି ପ୍ରତ୍ୟାହାର କରିଛନ୍ତି। କାରଣ ଭାରତକୁ ଏଆଇ ରାଲି ଚାଲିଥିବା ଏକ ପଛୁଆ ବଜାର ଭାବରେ ବିବେଚନା କରାଯାଏ। ପୂର୍ବରୁ, ଏଫ୍‌ପିଆଇ ଅକ୍ଟୋବରରେ ୧୪,୬୧୦ କୋଟି ଟଙ୍କା ନିବେଶ କରିଥିଲେ, ଯାହା ଲଗାତାର ତିନି ମାସ ବିକ୍ରି ପରେ ଆସିଥିଲା। ଏଫ୍‌ପିଆଇମାନେ ସେପ୍ଟେମ୍ବରରେ ୨୩,୮୮୫ କୋଟି, ଅଗଷ୍ଟରେ ୩୪,୯୯୦ କୋଟି ଏବଂ ଜୁଲାଇରେ ୧୭,୭୦୦ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିବା ଦେଖାଯାଇଥିଲା। ୨୦୨୫ରେ ଏ ପର୍ଯ୍ୟନ୍ତ, ଏଫ୍‌ପିଆଇ ଭାରତୀୟ ଷ୍ଟକ ବଜାରରୁ ୧.୫ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି।



### ଚଳିତବର୍ଷ ଭାରତୀୟ ଷ୍ଟକ୍ ବଜାରରୁ ୧.୫ ଲକ୍ଷ କୋଟିର ପାଣ୍ଠି ପ୍ରତ୍ୟାହାର

ଏଫ୍‌ପିଆଇ ହେଜ୍ ଫଣ୍ଡଗୁଡ଼ିକ ଏଆଇ ରାଲିରୁ ଲାଭ ପାଇବା ପାଇଁ ଆମେରିକା, ଚୀନ୍, ଦକ୍ଷିଣ କୋରିଆ ଏବଂ ତାଇୱାନ ଭଳି ବଜାରରେ ନିବେଶ କରୁଛନ୍ତି, ଯେତେବେଳେ କି ଭାରତକୁ ଏଆଇର ଦୁର୍ବଳ ପ୍ରଦର୍ଶନକାରୀ ବୋଲି ବିବେଚନା କରାଯାଉଛି। ଏହି ଅନିଶ୍ଚିତତା ଭାରତୀୟ ବଜାରକୁ ପ୍ରଭାବିତ କରୁଛି। ଫଳସ୍ୱରୂପ ଏଫ୍‌ପିଆଇ ମାନେ ଭାରତୀୟ ବଜଚାରରୁ ମୁହଁ ମୋଡୁଛନ୍ତି। ଏ ସମ୍ପର୍କରେ ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ ନିବେଶ ରଣନୀତିଜ୍ଞ ବିଜୟକୁମାର କହିଛନ୍ତି ଯେ, ଏଆଇ-ସମ୍ବନ୍ଧିତ ଷ୍ଟକର ମୂଲ୍ୟାଙ୍କନ ବର୍ତ୍ତମାନ ଉଚ୍ଚ ସ୍ତରରେ ଅଛି। ପ୍ରଯୁକ୍ତିବିଦ୍ୟା ଷ୍ଟକରେ ଏକ ବବୁଲ୍ ହେବାର ଆଶଙ୍କା ଭାରତରେ ବିକ୍ରିକୁ ସୀମିତ କରିପାରେ। ସେ କହିଛନ୍ତି, ଯଦି ଏହି ଭାବନା ଦୃଢ଼ ହୁଏ ଏବଂ ଭାରତର ଆୟ ବୃଦ୍ଧି ଦୃଢ଼ ରୁହେ, ତେବେ ଏଫ୍‌ପିଆଇଗୁଡ଼ିକ ଧୀରେ ଧୀରେ ପୁଣି କିଣିବା ଆରମ୍ଭ କରିପାରିବେ। ଏଞ୍ଜେଲ ୱାନର ବରିଷ୍ଠ ମୌଳିକ ବିଶ୍ଳେଷକ ୱାକାର ରିପୋର୍ଟ କରିଛନ୍ତି ଯେ ନଭେମ୍ବର ପ୍ରଥମ ସପ୍ତାହରେ, ଏଫ୍‌ପିଆଇମାନେ ଏସୀୟ ବଜାର ଏବଂ ଅନ୍ୟାନ୍ୟ ପ୍ରମୁଖ ଦେଶଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ଷ୍ଟକରେ ବିକ୍ରି ମଧ୍ୟରେ ଭାରତୀୟ ଇକ୍ୱିଟିରେ ୧୨୫୬୯ କୋଟି ବିକ୍ରି କରିଛନ୍ତି। ସେ କହିଛନ୍ତି ଯେ ୨୦୨୫-୨୬ ପାଇଁ ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଆଶାଠାରୁ ଟିକିଏ ଭଲ ଥିଲେ, ବିଶେଷକରି ମିଡ୍-କ୍ୟାପ୍ କମ୍ପାନୀଗୁଡ଼ିକ ପାଇଁ, ବିଶ୍ୱ ଅନିଶ୍ଚିତତା ନିକଟ ଭବିଷ୍ୟତରେ ବିଦେଶୀ ନିବେଶକମାନଙ୍କୁ ସତର୍କ ରଖିପାରେ। ରୋଜଗାର ରତ୍ତୁ ଆଗକୁ ବଢ଼ିବା ସହିତ ଚୟନିତ କ୍ଷେତ୍ର ଏବଂ ଷ୍ଟକରେ ନିବେଶ ପୁଣି ବଢ଼ିପାରେ।

# ଭାରତ ମସଲା ଷ୍ଟଲରେ ଅସମ୍ଭାଳ ଭିଡ଼

କଟକ, ୯।୧୧(ସମିସ): ଛୁଟିଦିନ ଥିବାରୁ ଆଜି ବାଲିଯାତ୍ରାରେ ଭାରତ ମସଲାର ୪ଟି ଯାକ ଷ୍ଟଲରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। କମ୍ପାନୀ ପକ୍ଷରୁ ନିଶ୍ଚିତ





ଉପହାର ଯୋଜନାରେ ରୂପା କଏନ ଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀଙ୍କ ପାଇଁ ଉପହାରର ପସରା ଖୋଲିଦେଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାମାନଙ୍କର ଆଜି ଖଚାଖଚ ଭିଡ ଭିତରେ ସର୍ବସମ୍ମୁଖରେ କୁପନ୍ ଗୁଡିକର ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଚାଉଳିଆଗଞ୍ଜ କଟକର ସମ୍ବିତ ପୃଷ୍ଟି ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଢିଅ ସାହି ଜଗତସିଂପୁରର ପ୍ରତାପ କୁମାର ସାହୁ ରେସିଂ ବାଇ ସାଇକେଲ ଓ ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା ତଳସରା ଗଞ୍ଜାମର ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଁ ପ୍ୟାନ୍ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

- ଗ୍ୟାଲିୟମ୍, ଜର୍ମାନିୟମ୍‌ରେ ଆମେରିକାକୁ ସାମୟିକ ଆଶ୍ୱସ୍ତି

# ରପ୍ତାନି ପ୍ରତିବନ୍ଧକ ଉଠାଇଲା ଚୀନ୍

ବେଜିଂ, ୯।୧୧(ଏଜେନ୍ସି): ଚୀନ୍ ଗ୍ୟାଲିୟମ୍, ଜର୍ମାନିୟମ୍ ଏବଂ ଆଣ୍ଟିମୋନି ଭଳି ଉପାଦାନ ଉପରେ ଆମେରିକାକୁ ରପ୍ତାନି ପ୍ରତିବନ୍ଧକକୁ ଅସ୍ଥାୟୀ ଭାବରେ ଉଠାଇ ଦେଇଛି। ରବିବାର ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଏହା ଘୋଷଣା କରିଛି। ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ଗ୍ୟାଲିୟମ୍, ଜର୍ମାନିୟମ୍ ଏବଂ ଆଣ୍ଟିମୋନି ଭଳି ଶିଳ୍ପ ସାମଗ୍ରୀ ସମେତ କିଛି ଦ୍ୱୈତ-ବ୍ୟବହାର ସାମଗ୍ରୀ ଉପରେ ଲାଗୁ ହୋଇଥିବା ନିୟନ୍ତ୍ରଣ ପଦକ୍ଷେପର ଆଂଶିକ ସ୍ଥଗିତୀକରଣ ସହିତ ଜଡିତ। ମନ୍ତ୍ରଣାଳୟ ଅନୁଯାୟୀ, ଏହି ସ୍ଥଗିତୀକରଣ "ପ୍ରୋକ୍ଲେମେସନ୍ ନମ୍ବର ୪୬ (୨୦୨୪)" ର ଦ୍ୱିତୀୟ ଭାଗରେ ପ୍ରଯୁଜ୍ୟ ହେବ। ନଭେମ୍ବର ୯ରୁ ୨୦୨୬ ନଭେମ୍ବର ୨୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ପୂର୍ବରୁ, ଏହି କଟକଣା ଲାଗୁ ପରେ ଆମେରିକାକୁ ଏହି ଶିଳ୍ପ ସାମଗ୍ରୀର ରପ୍ତାନି ନିଷିଦ୍ଧ ହୋଇଥିଲା। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହି ଅସ୍ଥାୟୀ ସ୍ଥଗିତାଦେଶ କେବଳ ଦ୍ୱିତୀୟ ସ୍ଥଗିତାଦେଶ ସହିତ ଜଡିତ ଲାଇସେନ୍ସିଂ ଏବଂ ସମୀକ୍ଷା ପ୍ରତିବନ୍ଧକ ପାଇଁ ପ୍ରଯୁଜ୍ୟ। ଗତ ବର୍ଷ ଡିସେମ୍ବରରେ ଚୀନ୍ ଚେତାବନୀ ଦେଇଥିଲା ଯେ ଚୀନ୍‌ରେ ନିର୍ମିତ ଯେକୌଣସି ସଂଗଠନ କିମ୍ବା ବ୍ୟକ୍ତି ବେଆଇନ ଭାବରେ ଆମେରିକୀୟ ସଂସ୍ଥାଗୁଡ଼ିକୁ ଦ୍ୱୈତ-ବ୍ୟବହାର ସାମଗ୍ରୀ ରପ୍ତାନି କଲେ ସେମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ। ଚଳିତ ମାସ ପ୍ରାରମ୍ଭରେ, ଆମେରିକା ଏବଂ ଚୀନ୍ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଏବଂ ଅର୍ଥନୈତିକ ଚୁକ୍ତିରେ ପହଞ୍ଚିଥିଲେ।

# ଚାନ୍ଦି ଭଣ୍ଡାର ପକ୍ଷରୁ କିଡ୍‌ସ କଲେକ୍ସନ 'ଟ୍ରେଜର୍ସ'

ଭୁବନେଶ୍ୱର, ୯।୧୧ (ସମିସ): ଚାନ୍ଦି ଭଣ୍ଡାର ଆଣିଛି 'ଟ୍ରେଜର୍ସ' କଲେକ୍ସନ। ଏହା ଏକ କିଡ୍‌ସ କଲେକ୍ସନ, ଯାହା ପିଲାଦିନର ମ୍ୟାଜିକ୍ ଏବଂ ପରିବାରକୁ ସମ୍ପୂର୍ଣ୍ଣ କରୁଥିବା ବନ୍ଧନରୁ ଅନୁପ୍ରାଣିତ। ଏହି ସ୍ୱତନ୍ତ୍ର ସମ୍ଭାର ପ୍ରତ୍ୟେକ ପିଲା ଆଣୁଥିବା ଆନନ୍ଦ ଏବଂ ଚିରକାଳ ପାଇଁ ବଞ୍ଚି ରହୁଥିବା ସ୍ମୃତିକୁ ପାଳନ କରେ। ଚାନ୍ଦି ଭଣ୍ଡାର କିଡ୍ସ ଆସେସରିଜ୍ ଏବଂ ସିଲଭର ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟର ସମ୍ପୂର୍ଣ୍ଣ ରେଞ୍ଜ୍ ଉପଲବ୍ଧ କରାଇଥାଏ। ସ୍ୱତନ୍ତ୍ର ଭାବେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଏଭଳି ଏକ ବିଶେଷ ସମ୍ଭାର ଆଣିବାରେ ଏହା ଏକମାତ୍ର ସ୍ଥଳ ପାଲଟିଛି। 'ଟ୍ରେଜର' କଲେକ୍ସନରେ ରହିଛି ଅତି ସୁନ୍ଦର ଆଙ୍କିଟ୍, ଆକର୍ଷଣୀୟ ପେଣ୍ଡେଣ୍ଟ୍ ସେଟ୍, ଚୁଡ଼ି,ପ୍ରୋଟେକ୍ଟିଭ୍ ଏଭିଲ ଆଇ, ସୁନ୍ଦର ପାଉଁଜି ଏବଂ ନେକ୍ସ୍। ପ୍ରତ୍ୟେକ ବୟସର ପିଲାଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଶିଶୁମାନଙ୍କ ପାଇଁ ସୁନ୍ଦର ଭାବେ ଡିଜାଇନ୍ ହୋଇଥିବା ସିଲଭରୱେର ଏବଂ କିପ୍‌ସେକ୍ ଆସେସରିଜ୍ ରହିଛି। ଏହି ଲଞ୍ଚ ଅବସରରେ ଚାନ୍ଦି ଭଣ୍ଡାର ଏକ ଟିଭିସି ଜାରି କରିଛି, ଯାହା ପିଲାଦିନର ହସ, ଦୁଷ୍ଟାମି ଏବଂ ଯାଦୁଗରୀ ମୁହୂର୍ତ୍ତଗୁଡ଼ିକୁ କଏଦ୍ କରିଛି । ଛୋଟ ଛୋଟ ଖୁସି, ଯାହା ଆମ ସହିତ ସର୍ବଦା ରହିଥାଏ। ଏ ଉତ୍ସାହକୁ ଆହୁରି ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଏକ ବିଶେଷ





ଅଫର ମାଧ୍ୟମରେ ଏହି ସ୍ୱତନ୍ତ୍ର ଲକ୍ଷ୍ୟକୁ ପାଳନ କରୁଛି। ନଭେମ୍ବର ୧୩ ଏବଂ ୧୪ରେ ଚାନ୍ଦି ଭଣ୍ଡାରର ସମସ୍ତ ଷ୍ଟୋରରେ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି ପାଇବେ ଗ୍ରାହକ। ଏ ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ପ୍ରତ୍ୟେକ ଶିଶୁ ନିଜ ସହ ଆନନ୍ଦ, ପ୍ରେମ ଏବଂ ଆଶ୍ଚର୍ଯ୍ୟର ଏକ ଦୁନିଆ ଆଣିଥାଏ। ଉକ୍ତ ସୁନ୍ଦର ଆରମ୍ଭକୁ ସମ୍ମାନ କରିବା ଦିଗରେ 'ଟ୍ରେଜର' ଏକ ମାଧ୍ୟମ, ଯାହା ଜଣେ ଶିଶୁ ଏବଂ ପରିବାର ଉଭୟକୁ ଆକାର ଦେଇଥାଏ।

# ନେପାଳ ପାଇଁ ନୋଟ୍ ଛାପିବ ଚୀନ୍

## ୧୦୦୦ ଟଙ୍କିଆ ନୋଟ୍ ମୁଦ୍ରଣ ପାଇଁ ନେପାଳର କମ୍ପାନୀ ପାଇଛି ଠିକା

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):ପଡୋଶୀ ଦେଶ ନେପାଳରେ ପ୍ରଚଳିତ ନୋଟ୍ ପାଇଁ ଚୀନ୍ ନେଇଛି ମୁଦ୍ରଣ ଦାୟିତ୍ୱ। ଅର୍ଥାତ୍ ନେପାଳ ପାଇଁ ନୋଟ୍ ଛାପିବ ଚୀନ୍। ନେପାଳ ସରକାର ୪୩୦ ନିୟୁତ ୧୦୦୦ ଟଙ୍କିଆ ନୋଟ୍ ଛାପିବା





ପାଇଁ ଏକ ଚୀନ୍ କମ୍ପାନୀକୁ ଠିକା ପ୍ରଦାନ କରିଛି। ଏହି ଚୁକ୍ତିନାମା ଅନୁଯାୟୀ, ଚୀନ୍‌ର ବ୍ୟାଙ୍କ ନୋଟ୍ ପ୍ରିଣ୍ଟିଂ ଏବଂ ମିଣ୍ଟିଂ କର୍ପୋରେସନ୍ ୪୩୦ ନିୟୁତ ୧୦୦୦ ଟଙ୍କିଆ ନୋଟ୍ ଛାପିବ। ଶୁକ୍ରବାର, ନେପାଳ ରାଷ୍ଟ୍ର ବ୍ୟାଙ୍କ (ଏନ୍‌ଆର୍‌ବି) କମ୍ପାନୀକୁ ନୋଟ୍ ଡିଜାଇନ୍, ମୁଦ୍ରଣ ଏବଂ ଯୋଗାଣ ପାଇଁ ଏକ ଚିଠି ପ୍ରଦାନ କରିଛି। ନେପାଳ ରାଷ୍ଟ୍ର ବ୍ୟାଙ୍କର ମୁଦ୍ରା ପରିଚାଳନା ବିଭାଗ ଅନୁଯାୟୀ, ସମଗ୍ର ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୧୬.୯୮୫ ନିୟୁତ ଡଲାର।

ନେପାଳ ସର୍ବନିମ୍ନ ବିଡ୍‌କୁ ଆଧାର କରି ଚୀନ୍ କମ୍ପାନୀକୁ ଏହି ଠିକା ପ୍ରଦାନ କରିଛି। ଚୀନ୍ ବ୍ୟାଙ୍କ ନୋଟ୍ ପ୍ରିଣ୍ଟିଂ ଏବଂ ମିଣ୍ଟିଂ କର୍ପୋରେସନ୍ ପୂର୍ବରୁ ନେପାଳର ୫,୧୦, ୧୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ମୁଦ୍ରଣ କରିଛି। ଗତ କିଛି ବର୍ଷ ଧରି, ଚୀନ୍ ନେପାଳ ସହିତ ତାହାର ରାଜନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ସ୍ଥିର ଭାବରେ ମଜବୁତ କରିଆସୁଛି। ନେପାଳ ସହିତ ସାଂସ୍କୃତିକ, ଧାର୍ମିକ ଏବଂ କୂଟନୈତିକ ସମ୍ପର୍କ ବଜାୟ ରଖିଥିବା ଭାରତ ଏପରି ପଦକ୍ଷେପକୁ ସନ୍ଦେହ ଦୃଷ୍ଟିରେ ଦେଖୁଛି। ଭାରତର ଭୟ ହେଉଛି ଚୀନ୍‌ର ବର୍ଦ୍ଧିତ ଉପସ୍ଥିତି ଭାରତର ଆଞ୍ଚଳିକ ସ୍ଥିତିକୁ ଦୁର୍ବଳ କରିପାରେ। ନିକଟରେ ନେପାଳରେ ବଡ଼ ଧରଣର ଜେନ୍ ଜେଡ୍ ବିକ୍ଷୋଭ ହୋଇଥିଲା। ଏହି ବିକ୍ଷୋଭ ସରକାରକୁ ଗଡ଼ାଇଦେଇଥିଲା।

## କ୍ରିସିଲ୍ ରିପୋର୍ଟ

# ଅକ୍ଟୋବରରେ କମିଛି ଖାଇବା ଥାଳି ଦାମ୍

ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ପୁଣି କମିଲା ଖାଇବା ଥାଳି ଦର। ଅକ୍ଟୋବର ମାସରେ ଉଭୟ ନିରାମିଷ ଏବଂ ଆମିଷ ଥାଳି ଦର ହ୍ରାସ ଘଟିଛି। ଏହି ମାସରେ ଘରୋଇ ନିରାମିଷ ଥାଳିର ମୂଲ୍ୟ ବାର୍ଷିକ ଆଧାରରେ ୧୭% ହ୍ରାସ ପାଇ ୨୭.୮ ଟଙ୍କା ହୋଇଛି। ଗତବର୍ଷ ଅକ୍ଟୋବରରେ ନିରାମିଷ ଥାଳିର ଦାମ ୩୩.୩ ଟଙ୍କା ଥିଲା। କ୍ରିସିଲ୍ ପକ୍ଷରୁ ପ୍ରସ୍ତୁତ ଏହାର ଏହାର ମାସିକ ଫୁଡ୍ ପ୍ଲେଟ୍ ମୂଲ୍ୟର ମାସିକ ସୂଚକାଂକରେ ଏହି ସୂଚନା ଦିଆଯାଇଛି। କ୍ରିସିଲ୍ ଏହାର ରାଇସ୍, ରୋଟି ରେଟ୍ (ଆର୍‌ଆର୍‌ଆର୍) ରିପୋର୍ଟରେ କହିଛି ଯେ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ନିରାମିଷ ଥାଳିର ମୂଲ୍ୟ ୩% ହ୍ରାସ ପାଇଛି। ସେପ୍ଟେମ୍ବରରେ ନିରାମିଷ ଥାଳିର ମୂଲ୍ୟ ୫୬ ଟଙ୍କା ଥିଲା।

ସେହିପରି ବାର୍ଷିକ ହାରରେ ଦେଖିଲେ ୨୦୨୪ ଅକ୍ଟୋବର ତୁଳନାରେ ୨୦୨୫ ଅକ୍ଟୋବରରେ ଘରୋଇ ଆମିଷ ଥାଳିର ଦାମ୍‌ରେ ୧୨ ପ୍ରତିଶତ ହ୍ରାସ ହୋଇ ୫୪.୪ ଟଙ୍କା ହୋଇଛି। ଗତବର୍ଷ ଏହା ୬୧.୬ ପ୍ରତିଶତ ଥିଲା। କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଆଳୁ, ପିଆଜ, ଟମାଟୋ



ଏବଂ ଡାଲି ମୂଲ୍ୟ ହ୍ରାସ ପାଇବା ଯୋଗୁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି। ଟମାଟୋର ମୂଲ୍ୟ ୪୦%, ପିଆଜ ୫୧% ଏବଂ ଆଳୁର ମୂଲ୍ୟ ୩୧%

- ଚିକେନ୍, ଆଳୁ ଓ ପିଆଜ ଦର ହ୍ରାସର ପ୍ରଭାବ
- କମିଲା ଭେଜ୍ ଓ ନନ୍ ଭେଜ୍ ମିଲ୍ ଦର

ହ୍ରାସ ପାଇଛି। ଡାଲି ମୂଲ୍ୟ ମଧ୍ୟ ୧୭% କମିଛି। ଯାହା ଫଳରେ ଉଭୟ ଆମିଷ ଓ ନିରାମିଷ ଥାଳିର ମୂଲ୍ୟ ହ୍ରାସ କରିବାରେ ସହାୟକ ହୋଇଛି। ସୂଚନାଯୋଗ୍ୟ ଯେ, ଏକ ନିରାମିଷ ଥାଳି ମୂଲ୍ୟରେ ଆଳୁ ଏବଂ ଟମାଟୋର ୨୪% ଭାଗ ରହିଥାଏ।

ସେହିପରି ଆମିଷ କଥା ଯଦି ଦେଖିଲେ , ଚିକେନ ଦର ବାର୍ଷିକ ଆଧାରରେ ୬% କମିବା ଦ୍ୱାରା ଆମିଷ ଥାଳିର ଦାମ କମୁଛି। ନିରାମିଷ ଥାଳିରେ ଚିକେନ ଭାଗ କେବଳ ୫୦% ରହିଥାଏ। ତେଣୁ ଚିକେନ ଦର କମିଲେ ଥାଳି ଦାମ୍ କରିବା ସ୍ୱାଭାବିକ। ତେବେ ଏଥିରେ ଏକ ବଡ଼ କଥା ହେଉଛି ବାର୍ଷିକ ଆଧାରରେ, ବନସ୍ପତୀ ତେଲ ମୂଲ୍ୟ ୧୧% ଏବଂ ଏଲପିଜି ସିଲିଣ୍ଡରର ମୂଲ୍ୟ ୬% ବୃଦ୍ଧି ପାଇଛି। ନଚେତ୍ ଉଭୟ ଭେଜ୍ ଓ ନନ୍ ଭେଜ୍ ମିଲ୍ ଦର ଆହୁରି ଶସ୍ତା ହୋଇପାରିଥାନ୍ତା। ସୂଚନା ଥାଉକି ଘରେ ତିଆରି ହେଉଥିବା ଖାଦ୍ୟର ଖର୍ଚ୍ଚକୁ ଆଧାର କରି ଉଭୟ ଥାଳିର ଦର ନିର୍ଣ୍ଣୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମାନ ସମ୍ମାନ ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୪୦- ରୋମାନିଆରେ ଆସିଥିବା ଭୂମିକମ୍ପରେ ୧୦୦୦ ଲୋକଙ୍କ ପ୍ରାଣହାନି, ୪୦୦୦ରୁ ଅଧିକ ଆହତ।
- ୧୯୫୧- ଆମେରିକାରେ ପ୍ରଥମ ଥର ପାଇଁ ଡାଇରେକ୍ଟ ଡାଏଲିଙ୍ଗ୍ ଫୋନ୍ ସେବାର ଆରମ୍ଭ ହେଲା।
- ୧୯୮୩- ବିଲ୍ ଗେଟ୍‌ସ୍ ୱିଣ୍ଡୋଜ୍ ୧.୦ ଆରମ୍ଭ କଲେ।
- ୨୦୦୧- ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମିଳିତ ଜାତିସଂଘକୁ ସମ୍ବୋଧିତ କରିଥିଲେ।

## ଘୁଞ୍ଚିଲା 'ଆଲ୍‌ଫା'ର ରିଲିଜ୍


ଆଲିଆ ଭଟ୍ଟ, ଶରବରି ୱାଘ୍, ଅନୀଲ କପୁର ଓ ବବି ଦେଓ୍ୱଲଙ୍କ ସ୍ପାଇ ଥ୍ରିଲର୍ ଫିଲ୍ମ 'ଆଲ୍‌ଫା' ଆସନ୍ତା ଡିସେମ୍ବରରେ ରିଲିଜ୍ ହେବ ନାହିଁ। ଏହି ଫିଲ୍ମ କ୍ରିସ୍‌ମାସ୍ ଅବସରରେ ଆସନ୍ତା ଡିସେମ୍ବର ୨୫ ତାରିଖରେ ରିଲିଜ୍ ହେବାର ଥିଲା। ପୋଷ୍ଟ ପ୍ରଡକ୍ସନ୍ ଟିମ୍‌କୁ ଫିଲ୍ମର ଭିଏଫ୍‌ଏକ୍ସ ସିନ୍‌ଗୁଡ଼ିକ ଉପରେ କାମ କରିବା ପାଇଁ ଆହୁରି ସମୟ ଦରକାର। ଅନ୍ୟପକ୍ଷରେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ 'ପଠାନ୍' ଭଳି ସଫଳତା ହାସଲ କରୁ ବୋଲି ଚାହୁଁଛି। ଏଥିପାଇଁ ଏହାର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି। ଏନେଇ ଯଶରାଜ ବ୍ୟାନର୍ ପକ୍ଷରୁ କୁହାଯାଇଛି, 'ଆଲ୍‌ଫା' ଆମ ପାଇଁ ଏକ ସ୍ୱତନ୍ତ୍ର ଫିଲ୍ମ। ଆମେ ଏହି ଫିଲ୍ମ ମାଧ୍ୟମରେ ଦର୍ଶକଙ୍କୁ ପୂରାପୂରି ଏକ ନୂଆ ଅନୁଭବ ଦେବାକୁ ଚାହୁଁଛୁ। ଏହାକୁ ଭଲ କରିବାକୁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ।' ଏବେ ଏହି ଫିଲ୍ମ ୧୭ ଏପ୍ରିଲ୍, ୨୦୨୬ରେ ରିଲିଜ୍ ହେବ। ମ୍ୟାଡକକ୍ ଫିଲ୍ମ ପକ୍ଷରୁ ଅଗସ୍ତ୍ୟା ନନ୍ଦାଙ୍କ ଫିଲ୍ମ 'ଇକ୍କିସ୍' ଆସନ୍ତା ଡିସେମ୍ବର ୨୫ରେ ଆସିବ ବୋଲି ଘୋଷଣା କରାଯାଇଛି। ଯଦି 'ଆଲ୍‌ଫା' ଏହିଦିନ ରିଲିଜ୍ ହୋଇଥାନ୍ତା ତେବେ ଦୁଇଟି ଯାକ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ହୋଇଥାନ୍ତା। ଏହାବାଦ୍ ୩୧ ଡିସେମ୍ବରରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଆସିବ। ତେଣୁ ଯଶରାଜ୍ ବ୍ୟାନର୍ ବକ୍ସ ଅଫିସ୍ ଲଢ଼େଇକୁ ଏଡ଼ାଇବା ପାଇଁ 'ଆଲ୍‌ଫା'ର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇଥିବା ଚର୍ଚ୍ଚା ହେଉଛି।





## ମାଣ୍ଡିଆ ଦିବସ

ମାଣ୍ଡିଆକୁ ଅଧିକ ଲୋକପ୍ରିୟ କରିବା ପାଇଁ ଓଡ଼ିଶା ସରକାର ୨୦୨୨ ମସିହା ମାର୍ଗଶୀର ମାସର ପ୍ରଥମ ଗୁରୁବାର(ନଭେମ୍ବର ୧୦ ତାରିଖ) କୁ 'ମାଣ୍ଡିଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲେ। ଏହାକୁ ସମ୍ମାନ ଜଣାଇ ସାରା ଓଡ଼ିଶାରେ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଦେଶର ପ୍ରଥମ ରାଜ୍ୟଭାବେ ଓଡ଼ିଶା ମାଣ୍ଡିଆ ଦିବସ ପାଳନ କରୁଛି। ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଥିରେ ଭିଟାମିନ୍- ବି, ସି, କେ, ଇ, ପ୍ରୋଟିନ, ଆଇରନ୍, କ୍ୟାଲସିୟମ୍ ଆଦି ରହିଛି। ମାଣ୍ଡିଆର ଉପକାରିତା ସମ୍ପର୍କରେ ଜାଣିବା ପରେ ତା'ର ଗୁରୁତ୍ୱ ବଢିଯାଇଛି। ଏଥିରୁ କେକ୍, ଲଡ୍ଡୁ, ଜୁସ୍, ଚା, ସୁପ୍, ପିଠା, ଖିରି, ଛତୁଆ, ହାଲୁଆ, ରୁଟି, ଦୋସା, ଇଡ୍‌ଲି, ଚକୁଳି, ପକୁଡ଼ି, ବିସ୍କୁଟ, ଉପମା ଆଦି ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇପାରୁଛି। ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟ ଏବେ ତାରକା ହୋଟେଲରେ ମଧ୍ୟ ଦେଖିବାକୁ ମିଳୁଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଣ୍ଡିଆର ପ୍ରଚାରପ୍ରସାର ତଥା ଖାଦ୍ୟ ଥାଳିରେ ଲଘୁ ଶସ୍ୟକୁ ସାମିଲ କରିବା ପାଇଁ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ୍ ମିଶନ୍'। ୭ଟି ଜିଲ୍ଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ତଥା ମାଣ୍ଡିଆ ଚାଷୀଙ୍କ ଜୀବନ ଓ ଜୀବିକାର ବିକାଶ ଦିଗରେ ସହାୟ ହେବା ଏହି ଦିବସ ପାଳନର ଉଦ୍ଦେଶ୍ୟ।




## ସାଇକଲରେ ଚଢ଼ିଲେ ଏଫିଲ ଟାୱାର

ଫ୍ରାନ୍ସର ଲୋକପ୍ରିୟ ସାଇକଲିଷ୍ଟ ଏବଂ ଟିକ୍‌ଟକ୍ ଷ୍ଟାର୍ ଅରେଲିୟନ ଫଣ୍ଟେନୟ ଭିନ୍ନ ଏକ କାରନାମା କରି ବିଶ୍ୱ ରେକର୍ଡରେ ନିଜକୁ ସାମିଲ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ସାଇକଲରେ ଏଫିଲ ଟାୱାର ଚଢ଼ି ବିଶ୍ୱ ରେକର୍ଡ କରିଛନ୍ତି। ମାତ୍ର ୧୨ ମିନିଟ୍‌ରେ ଏଫିଲ୍ ଟାୱାରର ଦ୍ୱିତୀୟ ମହଲାରେ ସବୁଠୁ ଦ୍ରୁତ ବେଗରେ ସାଇକଲ ଚଳାଇ ସେ ବିଶ୍ୱ ରେକର୍ଡ କରିଥିଲେ। ସେ ସାଇକଲ ଚାଳନାବେଳେ ପାଦ ଯେଭଳି ତଳେ ବା ଭୂମିରେ ନ ରଖିବେ, ସେନେଇ ଚ୍ୟାଲେଞ୍ଜ ଥିଲା। ତେବେ ଅରେଲିୟନ ୬୮୬ ଶିଢ଼ି କେବଳ ୧୨ ମିନିଟ୍ ୩୦ ସେକେଣ୍ଡରେ ଚଢ଼ିଥିଲେ। ଏହାବାଦ୍ ଏହି କାରନାମା କରି ସେ ଦୁଇ ଦଶନ୍ଧି ପୂର୍ବରୁ ଥିବା ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପଟେ ଏହା ଲାଗି ସେ ଦୀର୍ଘଦିନ ଧରି ପ୍ରସ୍ତୁତି କରିଥିଲେ। ତେବେ ରେକର୍ଡ କରିବା ପ୍ରଚେଷ୍ଟାରେ ତାଙ୍କୁ ଅନେକ ସମୟ ଲାଗିଯାଇଥିବା ସେ କହନ୍ତି। ଆଗାମୀ ଦିନରେ ସେ ବୁର୍ଜ ଖଲିଫାରେ ଏପରି କରିବା ପାଇଁ ଯୋଜନା କରିଛନ୍ତି।



## ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ମାର୍ଗଶିର

ମାର୍ଗଶିର ମାସରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ଦେବୀ ଲକ୍ଷ୍ମୀଙ୍କ ପୂଜାର ବିଶେଷ ବିଧାନ ଅଛି। ମାର୍ଗଶିର ମାସକୁ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ନିଜେ ଶ୍ରୀମଦ୍‌ଭଗବତ ଗୀତାରେ ଏହି ମାସକୁ ସର୍ବଶ୍ରେଷ୍ଠ ବୋଲି କହିଛନ୍ତି। ଏ ଦୃଷ୍ଟିରୁ କୃଷ୍ଣ ପୂଜା ଲାଗି ଏହି ମାସ ବିଶେଷ ଭାବେ ଉତ୍ସର୍ଗୀକୃତ। ତେଣୁ ଏହି ମାସ ଶ୍ରୀକୃଷ୍ଣ ଭକ୍ତି ଲାଗି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ଏହି ମାସରେ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା ଓ ତାଙ୍କ ମନ୍ତ୍ର ଜପ ଦ୍ୱାରା ମନୋକାମନା ପୂରଣ ହୁଏ। ମୋକ୍ଷ ପ୍ରାପ୍ତି ହୁଏ। ତେବେ ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଗୀତା ଜ୍ଞାନ ଏହି ମାସରେ ପ୍ରଦାନ କରିଥିଲେ। ଏଣୁ ଏହି ମାସ ଧର୍ମ, କର୍ମ ଏବଂ ଜ୍ଞାନର ପ୍ରତୀକ ଭାବେ ବିବେଚନା କରାଯାଏ। ସେହିପରି ଏହି ମାସରେ ଗୁରୁବାର ବ୍ରତ, ପୂଜା ଏବଂ ବିଷ୍ଣୁ ସହସ୍ରନାମ ପାଠ କଲେ ଜୀବନରେ ସୁଖ, ଶାନ୍ତି ଆସେ। ଏହି ମାସରେ ଅନ୍ନ, ବସ୍ତ୍ର, ଦୀପଦାନ ଏବଂ ଗରିବଙ୍କୁ ସହାୟତା କରିବା ଶୁଭ ବୋଲି କୁହାଯାଇଛି। ଏହି ମାସରେ ମନ ଧ୍ୟାନ ଓ ଭକ୍ତିରେ ଦେବା ଉଚିତ। ତେଣୁ ଏହି ମାସ ସାଧନା, ଭକ୍ତି ଏବଂ ଆତ୍ମଶୁଦ୍ଧି ଲାଗି ସବୁଠୁ ଉତ୍ତମ ବୋଲି କୁହାଯାଇଛି।

> ମାର୍ଗଶିର ମାସକୁ ଧାର୍ମିକ ଆଚରଣ, ଭକ୍ତି ଓ ଦାନର ମାସ ବୋଲି କୁହାଯାଏ। କୁହାଯାଏ, ଏହି ମାସରେ ଶ୍ରଦ୍ଧାର ସହିତ ଭଗବାନଙ୍କୁ ଉପାସନା କଲେ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସେ। ଏହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ବୋଲି କୁହାଯାଏ।

## ସ୍ମୃତି

## ପ୍ରଥମାଷ୍ଟମୀ



ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ପାଳନ କରାଯାଏ ପ୍ରଥମାଷ୍ଟମୀ। ଓଡ଼ିଶାର ଏହା ହେଉଛି ଏକ ବିଶେଷ ପର୍ବ। ଏହା 'ସୌଭାଗିନୀ ଅଷ୍ଟମୀ', 'କାଳ ଭୈରବାଷ୍ଟମୀ', 'ପାପନାଶିନୀ ଅଷ୍ଟମୀ' ଭାବେ ମଧ୍ୟ ପରିଚିତ। ତେବେ ମାର୍ଗଶିରକୁ ପ୍ରଥମ ମାସ ଭାବେ ଗଣନା କରାଯାଇ ବର୍ଷାରମ୍ଭ ହେଉଥିଲା। ସେହି ହିସାବରେ ବର୍ଷର ପ୍ରଥମ ମାସର ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' ବୋଲି କୁହାଯାଏ। ଏହିଦିନ ଜ୍ୟେଷ୍ଠ ସନ୍ତାନର ସୁଖ, ସମୃଦ୍ଧି ଏବଂ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଘରର ଜ୍ୟେଷ୍ଠ କନ୍ୟା ବା ପୁତ୍ର ନୂଆ ବସ୍ତ୍ର ପରିଧାନ କରନ୍ତି। ପିଢ଼ା ଉପରେ ସେମାନଙ୍କୁ ବସାଯାଇ ଫୁଲ ଚନ୍ଦନରେ ଠାକୁରଙ୍କ ସାମ୍ନାରେ ବନ୍ଦାପନା କରାଯାଏ। ପରମ୍ପରା ଅନୁଯାୟୀ ଏହି ନୂଆ ବସ୍ତ୍ର ମାମୁଁଘରୁ ଆସିଥାଏ। ସେହିପରି ଏହିଦିନ ଏଣ୍ଡୁରି ପିଠାର ମହତ୍ତ୍ୱ ବେଶି। ହଳଦିପତ୍ରରେ ଏହି ପିଠାକୁ ତିଆରି କରାଯାଏ। ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ପୋଢ଼ୁଆଁ ହେବା ପାଇଁ ଲିଙ୍ଗରାଜ ମହାପ୍ରଭୁ କପାଳିମଠ ବିଜେ କରନ୍ତି। ଏହି ମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବ।



### ବାସ୍ତୁ ଶାସ୍ତ୍ରରେ ରୁପା ମୟୂରକୁ ସମୃଦ୍ଧି, ସୌଭାଗ୍ୟ ଏବଂ ଶାନ୍ତିର ପ୍ରତୀକ ବୋଲି କୁହାଯାଇଛି। ଠିକ୍ ଦିଗ ଓ ସ୍ଥାନରେ ଏହାକୁ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ ଏବଂ ଆର୍ଥିକ ସ୍ଥିତି ମଜଭୁତ ହୁଏ।

- ପୂଜା ଘରେ ରୁପା ମୟୁର ରଖିବା ଦ୍ୱାରା ଏହାଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ପରିବାରରେ ସୁଖ-ସମୃଦ୍ଧି ବଜାୟ ରହେ। ମାନସିକ ଶାନ୍ତି ପ୍ରାପ୍ତ ହୁଏ। ପୂର୍ଣ୍ଣିମାରେ ରୁପା ମୟୁର ଘରକୁ ଆଣି ତାହାକୁ ଆଲମାରିରେ ରଖିଲେ କାର୍ଯ୍ୟରେ ସଫଳତା ମିଳେ।
- ଅଫିସ୍ ଡେସ୍କ ତଥା ଷ୍ଟଡି ଟେବୁଲରେ ରୁପା ମୟୁର ରଖିବା ଶୁଭ। କାର୍ଯ୍ୟାଳୟର ନକାରାତ୍ମକ ଶକ୍ତି ଦୂର ହୁଏ। ପ୍ରଗତିର ନୂଆ ଅବସର ମିଳେ।
- ସେହିପରି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବାରମ୍ବାର ମତମତାନ୍ତର ଦୂର କରିବାରେ ରୁପା ମୟୂରକୁ ପ୍ରଭାବୀ ବୋଲି କୁହାଯାଇଛି। ଏହାକୁ ଶୋଇବା କକ୍ଷର ଉତ୍ତର ଦିଗରେ ରଖିବା ଶୁଭ।
- ଘରେ ଅର୍ଥାଭାବ ଦେଖା ଦେଉଥିଲେ ଆଲମାରି ଉପରେ ରୁପା ମୟୁର ରଖିବା ଲାଭକାରୀ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ।

## କାଞ୍ଜି ଅଁଳା ନବମୀ



ମାର୍ଗଶିର କୃଷ୍ଣ ନବମୀ ଦିନ ପାଳନ କରାଯାଏ କାଞ୍ଜି ଅଁଳା ନବମୀ। ପ୍ରଥମାଷ୍ଟମୀ ପରଦିନ ଏହାକୁ ପାଳନ କରାଯାଏ। ଏଥିରେ ଭୋଗ ହେଉଥିବା କାଞ୍ଜିରେ ଅଁଳା ପଡୁଥିବାରୁ ଏବଂ କୃଷ୍ଣ ନବମୀ ତିଥିରେ ଏହା ପଡୁଥିବାରୁ ଏହାର ନାଁ 'କାଞ୍ଜି ଅଁଳା ନବମୀ।' ସନ୍ତାନଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଏବଂ ନିଃସନ୍ତାନ ନାରୀମାନେ ସନ୍ତାନ ପ୍ରାପ୍ତି ପାଇଁ ମା' ଷଠୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ମହିଳାମାନେ ଏକତ୍ର ହୋଇ ଏହି ପୂଜା କରିଥାନ୍ତି। ତୁଳସୀ ଚଉଁରା ମୂଳେ ଗୋଟିଏ ଛୋଟ ଚାରିକୋଣିଆ ଗାତ ଖୋଳି ସେଥିରେ ପାଣି ଭରନ୍ତି। ଏହା ଭିତରେ ଛୋଟ ଛୋଟ ମାଛ ଛଡ଼ାଯାଏ। ଏହି ଗାତ ଚାରିପଟେ ବାଲୁଙ୍ଗା ଧାନ ପୋତାଯାଏ। ଏହି ପୂଜାରେ ଚକୁଳି ପିଠା, କାଞ୍ଜି ଏବଂ ପିତାଶୁଖୁଆ ପୂଜା କରାଯାଏ। ପିତା ଶୁଖୁଆକୁ କଦଳୀ ପତ୍ରରେ ରଖାଯାଇ ବୋହୂ ଭଳି ସଜାଯାଏ। ଏହାକୁ ଶୁଖୁଆ ବୋହୂ କୁହାଯାଏ। ଭୋଗ ପରେ ଏ ସମସ୍ତ ସାମଗ୍ରୀକୁ ଯେଉଁ ପିଲାଙ୍କ ପାଖରେ ମାନସିକ ଥାଏ, ସେମାନଙ୍କୁ ଖାଇବାକୁ ଦିଆଯାଏ। ଅବଶିଷ୍ଟ ଭୋଗ ନଦୀରେ ଭସାଇ ଦିଆଯାଏ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

# ଆକାଶଙ୍କ ବିଶ୍ୱ ରେକର୍ଡ

## କ୍ରମାଗତ ୮ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ



**ସୁରଟ, ୯ ।୧୧ (ଏଜେନ୍ସି):** ମେଘାଳୟ ବ୍ୟାଟର୍ ଆକାଶ କୁମାର ଚୌଧୁରୀ ଅରୁଣାଚଳ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ବିଧ୍ୱଂସୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଆକାଶ ଏହି ମ୍ୟାଚରେ ମାତ୍ର ୯ ମିନିଟ୍ ମଧ୍ୟରେ ୧୧ ବଲରେ ଅର୍ଦ୍ଧଶତକ ପୂରଣ କରି ବିଶ୍ୱରେକର୍ଡ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ଏବେ ଆକାଶଙ୍କ ନାମରେ ଲିପିବଦ୍ଧ ହୋଇଛି। ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ୱେନ ହ୍ୱାଇଟଙ୍କ ନାମରେ ରହିଥିଲା। ୨୦୧୨ରେ ହ୍ୱାଇଟ କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ଲିସେଷ୍ଟରଶାୟର କ୍ଲବ ପକ୍ଷରୁ ଖେଳି ସସେକ୍ସ ବିପକ୍ଷରେ ମାତ୍ର ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ଯାହାକୁ ଏବେ ଆକାଶ ପଛରେ ପକାଇଦେଇଛନ୍ତି।

ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଆକାଶ ଏହି ଇନିଂସରେ କ୍ରମାଗତ ୮ଟି ବଲରେ ୮ଟି ଛକା ମାରିଥିଲେ। ବିଶ୍ୱର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରିଛନ୍ତି।

**ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ**

| ବଲ୍ | ଖେଳାଳି | ଟିମ୍ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ୧୧ | ଆକାଶ କୁମାର | ମେଘାଳୟ | ଅରୁଣାଚଳ | ୨୦୨୫ |
| ୧୨ | ୱେନ ହ୍ୱାଇଟ | ଲିସେଷ୍ଟରଶାୟର | ସସେକ୍ସ | ୨୦୧୨ |
| ୧୩ | ମାଇକେଲ ଭୁରେନ | ଇଷ୍ଟର୍ନ ପ୍ରୋଭିଡେନ୍ସ | ଗ୍ରିକ୍ୱାଲାଣ୍ଡ ୱେଷ୍ଟ | ୧୯୮୪ |

ସେ ଅରୁଣାଚଳ ସ୍ପିନର ଲିମାର ଦାବିଙ୍କ ଗୋଟିଏ ଓଭରର ୬ଟି ଯାକ ବଲ୍‌କୁ ଛକା ମାରି ଆଉ ଏକ ରେକର୍ଡ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଗୋଟିଏ ଓଭରରେ ୬ଟି ଛକା ମାରିବାରେ ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ ଓ ଭାରତର ରବି ଶାସ୍ତ୍ରୀଙ୍କ ପରେ ଆକାଶ ୩ୟ କ୍ରିକେଟର୍ ଭାବେ ଏହି ସଫଳତା ପାଇଛନ୍ତି।

### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ରେକର୍ଡ ରନ୍ ଚେଜ୍

## ଦକ୍ଷିଣ ଆଫ୍ରିକା-ଏ' ଦଳର ଦମ୍‌ଦାର ବିଜୟ

**ବେଙ୍ଗାଲୁରୁ, ୯।୧୧(ଏଜେନ୍ସି):** ଭାରତ ମାଟିରେ ବ୍ୟାଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଦକ୍ଷିଣ ଆଫ୍ରିକା-ଏ' ୫ ୱିକେଟରେ ଭାରତ-ଏ'କୁ ହରାଇ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଦମଦାର ବିଜୟ ହାସଲ କରିଛି। ଏହା ଫଳରେ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୧ ବରାବର ସ୍ଥିତିକୁ ନେଇଆସିଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୧୮ ବଲ୍‌ରୁ ୧୩୪ ଓ ଦ୍ୱିତୀୟ ଇନିଂସରେ ୨୪ ରନ୍ କରିଥିବା ଦକ୍ଷିଣ ଆଫ୍ରିକା-ଏ' ଦଳର ଅଧିନାୟକ ଏମ୍. ଆକରମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୧୩୨ ଓ ଦ୍ୱିତୀୟ ଇନିଂସରେ ୧୨୪ ରନ୍ କରି ଅପରାଜିତ ଥିବା ଭାରତ-ଏ' ଦଳର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଦୁଇ ଏ' ଦଳ ମଧ୍ୟରେ ୩ଟି ଅନ୍‌ଅଫିସିଆଲ ଦିନିକିଆ ବା ଲିଷ୍ଟ-ଏ' ସିରିଜ୍ ଖେଳାଯିବ। ସିରିଜ୍‌ର ସମସ୍ତ ମ୍ୟାଚ୍ ରାଜକୋଟର କନ୍ଧେରୀ ଷ୍ଟାଡିୟମ୍‌ରେ ଖେଳାଯିବ। ନଭେମ୍ବର ୧୩, ୧୬ ଓ ୧୯ରେ ଏହି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ ଆଫ୍ରିକା ୪୧୭ ରନ୍‌ର ଟାର୍ଗେଟକୁ ହାସଲ କରି ୨୦୧୬ ପରେ ଭାରତରେ ଖେଳାଯାଇଥିବା ମ୍ୟାଚ୍‌ର ଚତୁର୍ଥ ଇନିଂସରେ ସର୍ବାଧିକ ଓ ଭାରତରେ ଖେଳାଯାଇଥିବା ସମସ୍ତ ପ୍ରଥମଶ୍ରେଣୀ କ୍ରିକେଟରେ ୬ଷ୍ଠ ସର୍ବୋଚ୍ଚ ରନ୍। ଏହି ରେକର୍ଡ ଚେଜ୍ ସ୍ପିନ୍ ବୋଲିଂ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଦକ୍ଷତାକୁ ପ୍ରଦର୍ଶିତ କରୁଛି।

ଏହି ମ୍ୟାଚ୍‌ରେ ଜୁରେଲଙ୍କ ଡବଲ ଶତକ ସହାୟତାରେ ଭାରତ-ଏ' ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ' ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା-ଏ' ଖେଳର ଶେଷ ଦିନରେ ୫ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଦୁଇ ଓପନର ଜୋର୍ଡାନ ହର୍ମନ ଓ ଲେସେଗୋ ସେନୋକ୍ୱାନେ ପ୍ରଥମ ୱିକେଟରୁ ୧୫୬ ରନ୍ ଉଠାଇ ଜିତିବାର ମୂଳଦୁଆ ପକାଇଥିଲେ। ହର୍ମନ ୯୧ ଓ ସେନୋକ୍ୱାନେ ୭୭ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ ଭାରତ ବିପକ୍ଷରେ ଖେଳିବାକୁ ଯାଉଥିବା ଜୁବେର ହାମ୍‌ଜା ୮୮ ବଲ୍‌ରେ ୭୭ ଓ ତେମ୍ବା ବଭୂମା ୧୦୧ ବଲ୍‌ରେ ୫୯ ରନ୍ ଉଠାଇ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। ଅଧିନାୟକ ଆରମ୍ୟାନ୍ ୨୪ ରନ୍‌ରେ ଆଉଟ ହୋଇଥିଲେ। ୩୫୨ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ୱିକେଟରକ୍ଷକ କନ୍ନର ଇସ୍ତରହୁଇଜେନ୍ ୫୨ ଓ ତିଆନ ଭାନ ଭୁରେନ୍ ୨୦ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ। ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟକୁ ଭାରତ-ଏ' ୩ ୱିକେଟରେ ଜିତିଥିଲା।

## ଓଡ଼ିଶାରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧(ସମିସ):** ଏଥର ଓଡ଼ିଶାରେ ଦୁଇଟି ଅନ୍ତର୍ଜାତୀୟ ଭଲିବଲ ଇଭେଣ୍ଟ ଆୟୋଜିତ ହେବ। ଏହା ମଧ୍ୟରୁ ଏଫ୍‌ଆଇଭିବି ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଓ ୪ ଦିନିଆ ଏଫ୍‌ଆଇଭିବି ମହିଳା ପ୍ରଶିକ୍ଷିକାଙ୍କ କର୍ମଶାଳା ଆୟୋଜିତ ହେବ ବୋଲି ଓଡ଼ିଶା ଭଲିବଲ ସଂଘର ବାର୍ଷିକ ସାଧାରଣ ବୈଠକରେ ସ୍ଥିର ହୋଇଛି। ସଭାପତି ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ବାରବାଟୀ ଷ୍ଟାଡିୟମ୍ କନଫରେନ୍ସ ହଲ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୬ ଫେବୃଆରୀ କିମ୍ବା ମାର୍ଚ୍ଚରେ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜିତ ହେବ। ଏଥିରେ ୪୦ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଜାତୀୟ ପ୍ରତିଯୋଗିତା ଲାଗି ଏଥର ପ୍ରସ୍ତୁତି ଜୋରଦାର କରିବାକୁ ସ୍ଥିର ହୋଇଛି। ପାରାଦୀପ୍‌ରେ ରାଜ୍ୟ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।


## କେଡିଟିଏ ଓଡ଼ିଶା ଓପନ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ଟେନିସ ଆସୋସିଏସନ ଆନୁକୂଲ୍ୟରେ କେଡିଟିଏ ଓଡ଼ିଶା ଓପନ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୩ଟି କାଟାଗୋରୀରେ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ରେ ବିବେକ ତିବରୱାଲ ଓ ଶାଶ୍ୱତ ଜେନା, ୫୫ ବର୍ଷରୁ ଉର୍ଦ୍ଧ୍ୱ କାଟାଗୋରୀରେ ପିକେ ମିଶ୍ର ଓ ମନୋଜ ଭଟ୍ଟାଚାର୍ଯ୍ୟ, ୬୫ ବର୍ଷରୁ ଉର୍ଦ୍ଧ୍ୱ କାଟାଗୋରୀରେ ଏସ୍‌ଏସ୍ ରଥ ଓ ବିଏନ୍ ମହାନ୍ତିଙ୍କ ଯୋଡି ବିଜୟୀ ହୋଇଛନ୍ତି। ଖେଳ ଶେଷରେ ଓଆର୍‌ଇଆର୍‌ଏ ଚେୟାରମ୍ୟାନ୍ ଅସିତ ମହାପାତ୍ର ମୁଖ୍ୟ ଅତିଥି, ଆଇପିଏଲ୍ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଟେନିସ ସଂଘ ସଭାପତି ମଧୁସୂଦନ ପାଢ଼ୀ ଓ ସମ୍ପାଦକ ଅସିତ ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଡବ୍ଲ୍ୟୁଟିଏ ଫାଇନାଲ୍ସ

## ସାବାଲେଙ୍କାଙ୍କୁ ହରାଇ ୪୬.୪୦ କୋଟି ଜିତିଲେ ଏଲିନା

**ରିୟାଧ, ୯ ।୧୧ (ଏଜେନ୍ସି):** କାଜାଖସ୍ତାନର ଏଲିନା ରିବାକିନା ଚଳିତ ବର୍ଷର ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ରିବାକିନା ୬-୩, ୭-୬ (୭/୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ। ଏଥିସହ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରିବାକିନା ମହିଳା ଟେନିସ ଇତିହାସର ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାମ୍ପିଅନ ହେବା ସହ ୨୬ ବର୍ଷୀୟା ରିବାକିନା ୫.୨୩୫ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୬ କୋଟି ୪୦ ଲକ୍ଷ) ପୁରସ୍କାର ଆକାରରେ ପାଇଛନ୍ତି। ଗତ ସେପ୍ଟେମ୍ବରରେ ସାବାଲେଙ୍କା ୟୁଏସ୍ ଓପନ୍ ଚାମ୍ପିଅନ ହେବାପରେ ପୁରସ୍କାର ଆକାରରେ ୩.୭୪ ମିଲିୟନ ଡଲାର (ପ୍ରାୟ ୩୩ କୋଟି ୧୫ ଲକ୍ଷ ଟଙ୍କା) ହାସଲ କରିଥିଲେ। ଯାହାକି ମହିଳା ଟେନିସ ଇତିହାସରେ ସର୍ବାଧିକ ପୁରସ୍କାର ରାଶିଭାବେ ବିବେଚିତ ହେଉଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଡବ୍ଲ୍ୟୁଟିଏ ଫାଇନାଲ୍ସର ରାଉଣ୍ଡ-ରବିନ ପର୍ଯ୍ୟାୟରେ ପ୍ରତି ବିଜୟ ପିଛା ୩.୧୪ କୋଟି ଟଙ୍କା ଦିଆଯାଇଥିଲା।



ମହିଳା ଟେନିସ ଇତିହାସର ରେକର୍ଡ ପୁରସ୍କାର ରାଶି

### ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ

## ଲଖି ସ୍ୱାଇଁ, ଅସିତ ତ୍ରିପାଠୀ ଚାମ୍ପିଅନ

**ଭୁବନେଶ୍ୱର, ୯।୧୧ (ସମିସ):** ଭୁବନେଶ୍ୱର ଗଲ୍ଫ କ୍ଲବ୍ ଆନୁକୂଲ୍ୟରେ ପ୍ରେସିଡେଣ୍ଟସ ଟ୍ରଫି ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ୦ରୁ ୧୬ କାଟାଗୋରୀରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅସିତ ତ୍ରିପାଠୀ ଚାମ୍ପିଅନ ଓ କମୋଡୋର ଦିଗବିଜୟ ସିଂ ରନର୍ସ ଅପ୍ ହୋଇଛନ୍ତି। କ୍ୟାପ୍ଟେନ ସୁଭାସ ଦାସ ବେଷ୍ଟ ଗ୍ରସ୍ ପାଇଛନ୍ତି। ସେହିପରି ପୁରୁଷ ୧୭ରୁ ୨୪ କାଟାଗୋରୀରେ ଧନଞ୍ଜୟ ବୋଷ ଚାମ୍ପିଅନ ଓ ଡା. ପିଭି ମୋହନ ରନର୍ସ ଅପ୍ ହୋଇଛନ୍ତି। ବରିଷ୍ଠ ବିଭାଗରେ ବ୍ରିଗେଡିୟର ଡ. କେସି ବେହେରା ଚାମ୍ପିଅନ, ସୂର୍ଯ୍ୟକାନ୍ତ ମିଶ୍ର ରନର୍ସ ଅପ୍, ମହିଳା ବିଭାଗରେ ଲଖି ସ୍ୱାଇଁ ଚାମ୍ପିଅନ ଓ ସୁପର୍ଣ୍ଣା ପଣ୍ଡା ରନର୍ସ ଅପ୍ ହୋଇଛନ୍ତି।



### ଜାପାନ ପାରା ବ୍ୟାଡ୍‌ମିଣ୍ଟନ

## ପ୍ରମୋଦଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୯ ।୧୧ (ସମିସ):** ପାରା ଅଲିମ୍ପିକ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ତିନି ତିନୋଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ପ୍ରମୋଦ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଚାମ୍ପିଅନ ହୋଇ ଏହି ସଫଳତା ପାଇଛନ୍ତି। ଏସ୍‌ଏଲ୍-୩ କାଟାଗୋରୀର ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ୧୭-୨୧, ୨୧-୧୯, ୨୧-୧୦ରେ ଘରୋଇ ସଟ୍‌ଲର୍ ଦାଇସୁକି ଫୁଜିହାରାଙ୍କୁ ପରାସ୍ତ କରିଥିଲେ। ଏହାପରେ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ୨୧-୧୭, ୧୮-୨୧, ୨୧-୧୬ ଗେମରେ ସାଥୀ ଭାରତୀୟ ଖେଳାଳି ଜଗଦୀଶ ଡିଲ୍ଲି ଓ ନବୀନ ଶିବକୁମାର ଯୋଡ଼ିଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଶେଷରେ ପ୍ରମୋଦ ଏସଏଲ୍‌୪-ଏସୟୁ୫ କାଟାଗୋରୀର ମିକ୍ସଡ ଡବଲ୍ସରେ ମନିଷା ରାମଦାସଙ୍କୁ ସାଥୀ କରି ଚାମ୍ପିଅନ ହେବା ସହ ହ୍ୟାଟ୍ରିକ ସ୍ୱର୍ଣ୍ଣ ହାସଲ କରିଥିଲେ।



## ରାଜ୍ୟ ସ୍କୁଲ ଓପନ ଚେସ୍ ଜିତିଲେ ଦିବ୍ୟାଂଶ

**ଭୁବନେଶ୍ୱର, ୯।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଚତୁର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଦିବ୍ୟାଂଶ ନାୟକ ଚାମ୍ପିଅନ ହୋଇଛନ୍ତି। ତାଙ୍କ ସହ ସମାନ ୪.୫ ପଏଣ୍ଟ ପାଇଥିବା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ରନର୍ସଅପ୍, ଖଣ୍ଡଗିରି ସେଣ୍ଟ ଜାଭିୟର ଓମ୍ ଶତପଥୀ ତୃତୀୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ମନୀଷରଞ୍ଜନ ଦାସ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ସ୍ଥିତପ୍ରଜ୍ଞ ପଟ୍ଟନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



### ଆଇଏସ୍‌ଏସ୍‌ଏଫ୍ ଚାମ୍ପିଅନସିପ୍

## ଅନିସ ଭାନୱାଲାଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୯।୧୧(ଏଜେନ୍ସି):** ଭାରତର ଅନିସ ଭାନୱାଲା କାଇରୋରେ ଚାଲିଥିବା ସୁଟିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ୨୫ ମିଟର ଏୟାର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଭାନୱାଲା ୪ଟି ସୁଟ୍ ଅଫ୍‌ରେ ପ୍ରଥମ ବିଶ୍ୱଚାମ୍ପିଅନସିପ୍ ପଦକ ହାତେଇବାରେ ସମର୍ଥ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ମଧ୍ୟ ଏସିଆନ ମେଡାଲ ବିଜୟୀ ହୋଇଥିଲେ। ଏହି ଚାମ୍ପିଅନସିପ୍‌ରେ ଭାନୱାଲା ଭାରତ ଲାଗି ୫ମ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଏଲାଭେନେଲି ଭାରାରିଭାନ କାଂସ୍ୟ, ଅଣ ଅଲିମ୍ପିକ୍ ଇଭେଣ୍ଟରେ ରବିନ୍ଦର ସିଂ ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।



### ଟି-୨୦ ବିଶ୍ୱକପ୍

## ଅହମ୍ମଦାବାଦରେ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୯ ।୧୧ (ଏଜେନ୍ସି):** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ୧୦ମ ସଂସ୍କରଣ ୭ ଫେବୃଆରୀରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବା ଲାଗି ଚୂଡ଼ାନ୍ତ ହୋଇଛି। ଭାରତର ମୁମ୍ବଇ, ଦିଲ୍ଲୀ, ଚେନ୍ନଇ, ଅହମ୍ମଦାବାଦ ଓ କୋଲକାତା ସହର ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଛନ୍ତି। ସେହିଭଳି ଶ୍ରୀଲଙ୍କାର କଲମ୍ବୋର ୨ଟି ଓ କାଣ୍ଡିର ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ। ଅହମ୍ମଦାବାଦରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଟାଇଟଲ୍ ଲଢ଼େଇ ମୁକାବିଲା ମଧ୍ୟ ଏଠାରେ ଖେଳାଯାଇପାରେ। କିନ୍ତୁ ପାକିସ୍ତାନ ଫାଇନାଲ ଟିକଟ୍ ହାସଲ କରେ ପୂର୍ବ ଚୁକ୍ତି ଅନୁଯାୟୀ ଏହା କଲମ୍ବୋରେ ଅନୁଷ୍ଠିତ ହେବ। ଅପରପକ୍ଷରେ ମୁମ୍ବଇର ୱାଙ୍ଖେଡେ ଓ କୋଲକାତାର ଇଡେନ ଗାର୍ଡେନ୍ସ ସେମିଫାଇନାଲ ଦୌଡ଼ରେ ରହିଛନ୍ତି। ୱାଙ୍ଖେଡେରେ ପ୍ରଥମ ସେମିଫାଇନାଲ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଯଦି ପାକିସ୍ତାନ ଅନ୍ତିମ-୪କୁ ଉଠି ନ ପାରେ ତେବେ ୨ୟ ସେମିଫାଇନାଲ ଇଡେନରେ ଖେଳାଯିବ।

## ଷ୍ଟେଟ-ଏ ଟ୍ରଫି: ଓଡ଼ିଶା ବିଜୟୀ



ସୟଦ ତୁଫାଏଲ



ଆଶୁତୋଷ ଛୁରିଆ

**ଭୁବନେଶ୍ୱର, ୯।୧୧(ସମିସ):** ଗୋଆକୁ ୭ ୱିକେଟରେ ହରାଇ ଓଡ଼ିଶା ଆଜି ଭଦୋଦରାରେ ଅନୁଷ୍ଠିତ ଷ୍ଟେଟ-ଏ' ଦିନିକିଆ ଟ୍ରଫିରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୋଆ ୩୬.୪ ଓଭରରେ ୧୬୬ ରନ୍ କରିଥିଲା। ଦଳ ପକ୍ଷରୁ ସନତ ନେଭାଗି ସର୍ବାଧିକ ୯୧ ରନ୍ କରିଥିଲେ। ଓଡ଼ିଶାର ସୟଦ ତୁଫାଏଲ ଅହମ୍ମଦ୍ ୪ଟି ଓ ଆଶୁତୋଷ ଛୁରିଆ ୩ଟି ୱିକେଟ ପାଇଥିଲେ। ଜବାବରେ ଓଡ଼ିଶା ୨୮.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପାନକଳ ଶଶାଙ୍କ ୫୬, ଅଧିନାୟକ ଓମ୍‌ଟି ମୁଣ୍ଡେ ୫୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମନୀଷ କାକୋଡେଙ୍କୁ ୨ଟି ୱିକେଟ ମିଳିଥିଲା।

## କୁଚ୍‌ବିହାର ଟ୍ରଫିରେ ଓଡ଼ିଶାର ନେତୃତ୍ୱ ନେବେ ବିଶ୍ୱଜିତ୍

**ଭୁବନେଶ୍ୱର, ୯।୧୧(ସମିସ):** ବିସିସିଆଇ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ କ୍ରିକେଟ କୁଚ୍‌ବିହାର ଟ୍ରଫି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏଥିଲାଗି ରବିବାର ଓଡ଼ିଶା ଦଳ ଘୋଷଣା ହୋଇଛି। ବିଶ୍ୱଜିତ ପ୍ରଧାନଙ୍କୁ ୧୮ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଏଥର ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମହାରାଷ୍ଟ୍ର, ଆନ୍ଧ୍ର, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶକୁ ସ୍ଥାନ ମିଳିଛି। ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ମହାରାଷ୍ଟ୍ର ସହ ନାଗୋଥାନେରେ ନଭେମ୍ବର ୧୬ରୁ ୧୯ ଯାଏ, ଦ୍ୱିତୀୟ ମ୍ୟାଚ୍ ଆନ୍ଧ୍ର ସହ ଅନନ୍ତପୁରରେ ୨୩ରୁ ୨୬ ଯାଏ, ତୃତୀୟ ମ୍ୟାଚ୍ କାଶିପୁରରେ ଉତ୍ତରାଖଣ୍ଡ ସହ ଡିସେମ୍ବର ୧ରୁ ୪ ଯାଏ ଖେଳାଯିବ। ଶେଷ ଦୁଇଟି ମ୍ୟାଚ୍ କର୍ଣ୍ଣାଟକ ସହ ଡିସେମ୍ବର ୮ରୁ ୧୧ଯାଏ ଓ ହିମାଚଳ ପ୍ରଦେଶ ସହ ଡିସେମ୍ବର ୧୬ରୁ ୧୯ ଯାଏ ବଲାଙ୍ଗୀରର ଗାନ୍ଧି ଷ୍ଟାଡିୟମ୍‌ରେ ଖେଳିବ।

**ଓଡ଼ିଶା ଦଳ:** ଶୁଭାଶିଷ ମଲ୍ଲିକ, ଶ୍ରେୟାଂଶୁ ପଟ୍ଟନାୟକ, ସାର୍ଥକ ପ୍ରକାଶ ଓ ପାନକଳ ମୋକ୍ଷିତ (ଉଭୟ ୱିକେଟରକ୍ଷକ), ସ୍ୱାଗତ ମିଶ୍ର, ଆଦିତ୍ୟ ରାୟ, ଆଦିତ୍ୟ ଆନନ୍ଦ, ବିଶ୍ୱଜିତ ପ୍ରଧାନ (ଅଧିନାୟକ), ପୀୟୂଷ ମନ୍ତ୍ରୀ, ରାଜ ଯାଦବ, ଦିବ୍ୟମ ଛପାଡ଼ିଆ, ପ୍ରିୟାଂଶୁ ମହାନ୍ତି, ଜନ୍ମେଜୟ ଜେନା, ଶିବୁନ ନନ୍ଦ, ମହେଶ ସାହୁ, ରୁଦ୍ରପ୍ରସାଦ ମଲ୍ଲିକ, ଅର୍ପିତ ଏସ୍ ମହାନ୍ତି, ଅର୍ଣ୍ଣବ ପଟ୍ଟନାୟକ।

### ବିଦର୍ଭ ବିପକ୍ଷ ରଣଜୀ ମୁକାବିଲା

## ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧(ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷ ଏଲିଟ୍-ଏ' ରଣଜୀ ଟ୍ରଫିର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଧ୍ରୁବ ସୋରେଙ୍କ ଦମ୍‌ଦାର ୧୪୪ ରନ୍‌ର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୨୮୬ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୬ ୱିକେଟରେ ୧୨୨ ରନ୍ ସଂଗ୍ରହ କରିଛି। ରବିବାର ଷ୍ଟମ୍ପ ଅପସାରଣ ବେଳକୁ ସମ୍ବିତ ବରାଳ ୨ ରନ୍‌ରେ ଅପରାଜିତ ରହିଛନ୍ତି। ଦଳ ପକ୍ଷରୁ ଦୁଇ ଅଭିଜ୍ଞ ଖେଳାଳି ଯଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ଓ ଗୋବିନ୍ଦ ପୋଦ୍ଦାର ୧୭ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ନୂଆ ଓପନର ଗୌରବ ଚୌଧୁରୀ ୨୪, ସ୍ୱସ୍ତିକ ସାମଲ ୯, ନଂ-୩ ସନ୍ଦୀପ ପଟ୍ଟନାୟକ ୧୬ ଓ ୱିକେଟରକ୍ଷକ ରାଜେଶ ଧୂପର ୮ ରନ୍‌ରେ ଆଉଟ ହୋଇଥିଲେ। ବିଦର୍ଭ ପକ୍ଷରୁ ଗୌରବ ଫାର୍ଡେଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ଅନ୍ୟ ୫ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

ପୂର୍ବରୁ ବିଦର୍ଭ ୫ୱିକେଟରେ ୨୩୪ ରନ୍‌ରୁ ପ୍ରଥମ ଇନିଂସ ଖେଳ ଆରମ୍ଭ କରିଥିଲା। କିନ୍ତୁ ଓଡ଼ିଶାର ବୋଲରମାନେ ଆଉ ୫୨ ରନ୍ ଦେଇ ଅବଶିଷ୍ଟ ୫ଟି ୱିକେଟ ଅକ୍ତିଆର କରିନେବା ଫଳରେ ଦଳ ୨୮୬ରେ ଅଲଆଉଟ ହୋଇଯାଇଥିଲା। ସୋରେଙ୍କ ୧୪୪ ରନ୍ ବ୍ୟତୀତ ସମର୍ଥ ଆର୍ ୪୯, ଯଶ ରାଠୋଡ ୩୮ ରନ୍ କରିଥିଲେ। ବିଦର୍ଭ ୬ ରନ୍‌ରେ ପ୍ରଥମ ୩ଜଣ ଓ ୨୪ ରନ୍‌ରେ ଶେଷ ୫ଜଣ ଖେଳାଳିଙ୍କୁ ହରାଇଥିଲା। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ତାପସ ଦାସ, ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସ୍ପିନର ଜାମଲାଭଞ୍ଜନ ମହାପାତ୍ର ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ।

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS